ସ୍ୱାଗତଂ ଓଡ଼ିଶା
R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

# ଡୁମାଣୀ ଖବର
Dumani Khabar (Odia Daily)

Visit us: www.dumanikhabar.in • e-paper.dumanikhabar.in

DUMANI TV
Follow us:

ବର୍ଷ-୬ | ସଂଖ୍ୟା-୪୮ | ରବିବାର | ୧୧ ମଇ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-48 | Sunday | 11 May 2025 | Bhubaneswar | Pages-8 | Rs. 2.00

## ଭାରତ-ପାକିସ୍ତାନ ବିବାଦ ମଧ୍ୟରେ ଆରଡିସି, ଜିଲ୍ଲାପାଳ ଓ ଆଇପିଏସ ଅଧିକାରୀଙ୍କ ଛୁଟି ବାତିଲ କଲେ ରାଜ୍ୟ ସରକାର

ଭୁବନେଶ୍ୱର, ୧୦।୫ (ଡିକେ ନ୍ୟୁଜ୍): ଭାରତ ଓ ପାକିସ୍ତାନ ମଧ୍ୟରେ ବୃଦ୍ଧି ପାଉଥିବା ବିବାଦକୁ ଦେଖି ଓଡ଼ିଶା ସରକାର ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରିଛନ୍ତି । ଆଂଚଳିକ ବିକାଶ କମିଶନର, ଜିଲ୍ଲାପାଳମାନଙ୍କ ସହିତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କର ସମସ୍ତ ଛୁଟି ବାତିଲ୍ କରାଯାଇଛି। ସାଧାରଣ ପ୍ରଶାସନ ଓ ଜନଅଭିଯୋଗ ବିଭାଗ ଦ୍ୱାରା ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ, ଯେଉଁ ଅଧିକାରୀମାନେ ବର୍ତ୍ତମାନ ଛୁଟିରେ ଅଛନ୍ତି, ସେମାନେ ତୁରନ୍ତ ତାଙ୍କର ମୁଖ୍ୟାଳୟକୁ ଫେରି ଦାୟିତ୍ୱ ଗ୍ରହଣ କରିବାକୁ ପଡିବ। ଏହି ପଦକ୍ଷେପ ସମ୍ଭାବ୍ୟ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରଶାସନିକ ତତ୍ପରତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ନିଆଯାଇଛି । 'ଦେଶର ପଶ୍ଚିମ ସୀମାରେ ଚାଲିଥିବା ଯୁଦ୍ଧ ଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି, ସମସ୍ତ ଆର.ଡି.ସି., କଲେକ୍ଟର ଓ ଜିଲ୍ଲାପାଳମାନଙ୍କ ପୂର୍ବରୁ ଅନୁମୋଦିତ ସମସ୍ତ ଛୁଟିକୁ ତୁରନ୍ତ ପ୍ରଭାବରେ ବାତିଲ୍ କରାଯାଉଛି' ବୋଲି ବିଜ୍ଞପ୍ତିରେ କୁହାଯାଇଛି। 'ଯେଉଁଅ ଧିକାରୀମାନେ ବର୍ତ୍ତମାନ ଛୁଟିରେ ଅଛନ୍ତି, ସେମାନେ ତୁରନ୍ତ ମୁଖ୍ୟାଳୟକୁ ଫେରି ଦାୟିତ୍ୱ ଗ୍ରହଣ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଏହି ଅବଧି ମଧ୍ୟରେ କୌଣସି ଅଧିକାରୀଙ୍କୁ ଆଗାମୀ ଛୁଟି ଅନୁମୋଦନ ଦିଆଯିବ ନାହିଁ,' ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଏହି ନିର୍ଦ୍ଦେଶନାମା ସରକାରଙ୍କ ଅପର ସଚିବ ମନୋଜ କୁମାର ମହାନ୍ତିଙ୍କ ନାମରେ ଜାରି ହୋଇଛି। ସେହିପରି ଭାରତ ଓ ପାକିସ୍ତାନ ମଧ୍ୟରେ ବଢୁଥିବା ବିବାଦକୁ ଦେଖି ରାଜ୍ୟ ସରକାର ରାଜ୍ୟର ସମସ୍ତ ଭାରତୀୟ ପୋଲିସ ସେବା ଅଧିକାରୀଙ୍କ ଛୁଟି ତତ୍କାଳ ପ୍ରଭାବରେ ରଦ୍ଦ କରିଛନ୍ତି । ରାଜ୍ୟର ଆଇନ ବ୍ୟବସ୍ଥାକୁ କୌଣସି ବି ଜରୁରୀ ସ୍ଥିତି ସହ ମୁକାବିଲା କରିବାରେ ପ୍ରସ୍ତୁତ ରଖିବା ଉଦ୍ଦେଶ୍ୟରେ ନିଆଯାଇଛି । ଏହି ନିର୍ଦ୍ଦେଶ ରାଜ୍ୟ ସରକାରଙ୍କ ଅପର ସଚିବ ତ୍ରିଲୋଚନ ମାଝୀଙ୍କ ଦ୍ୱାରା ଜାରି କରାଯାଇଛି ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ଔପଚାରିକ ଭାବେ ପଠାଯାଇଛି । ବିଜ୍ଞପ୍ତିରେ କୁହାଯାଇଛି ଯେ, ଦେଶରେ ଉତ୍ପନ୍ନ ହୋଇଥିବା ସ୍ଥିତିକୁ ଧ୍ୟାନରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ଯେ, କୌଣସି ବି ଆଇପିଏସ ଅଧିକାରୀଙ୍କୁ ଛୁଟି, ପ୍ରଶିକ୍ଷଣ କିମ୍ବା ଲିଭ୍ ଟ୍ରାଭେଲ କନସେସନର ଅନୁମତି ଆଗାମୀ ସୂଚନା ଯାଏ ଦିଆଯିବନାହିଁ । ଏହାସହିତ ନିର୍ଦ୍ଦେଶରେ ଏହା ବି ସ୍ପଷ୍ଟ କରାଯାଇଛି ଯେ, କୌଣସି ବି ଆଇପିଏସ ଅଧିକାରୀ ବିବା ସଂପର୍କିତ ମହାନିର୍ଦ୍ଦେଶିକ କିମ୍ବା ବିଶେଷ ମହାନିର୍ଦ୍ଦେଶକଙ୍କ ପୂର୍ବ ଅନୁମତିରେ ନିଜ ମୁଖ୍ୟାଳୟ ଛାଡିପାରିବେ ନାହିଁ । କୌଣସି ବି ଆଇପିଏସ ଅଧିକାରୀ ବିନା ପୂର୍ବ ଅନୁମତିରେ ମୁଖ୍ୟାଳୟ ଛାଡନ୍ତୁ ନାହିଁ ।



ରାଜ ଭବନରେ ସର୍ବ ଧର୍ମ ବୈଠକରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ଭୟଙ୍କର ବିବାଦ ପରେ ଅସ୍ତ୍ରବିରତି ପାଇଁ ଭାରତ-ପାକିସ୍ତାନ ରାଜି




ନୂଆଦିଲ୍ଲୀ, ୧୦।୫ (ହି.ସ): ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ଚରମସୀମାରେ ପହଞ୍ଚିଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଡ଼ ଦାବି କରିଛନ୍ତି। ଉଭୟ ଭାରତ ଓ ପାକିସ୍ତାନ ତୁରନ୍ତ ସଂପୂର୍ଣ୍ଣ ଅସ୍ତ୍ରବିରତି ପାଇଁ ରାଜି ହୋଇଥିବା ଟ୍ରମ୍ପ ଏକ୍ସରେ ପୋଷ୍ଟ କରିଛନ୍ତି। ସେ ଏକ୍ସରେ କହିଛନ୍ତି ଯେ ଆମେରିକା ମଧ୍ୟସ୍ଥତାରେ ରାତିତମାମ ହୋଇଥିବା ଆଲୋଚନା ପରେ ମୁଁ ବେଶ ଉତ୍ସାହ ଓ ଖୁସିର ସହ ଘୋଷଣା କରୁଛି ଯେ ଭାରତ ଓ ପାକିସ୍ତାନ ତୁରନ୍ତ ସଂପୂର୍ଣ୍ଣ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ଦୁଇ ଦେଶ ନିଜର ସାଧାରଣ ଜ୍ଞାନ ବ୍ୟବହାର କରିଥିବାରୁ ମୁଁ ଉଭୟଙ୍କୁ ଶୁଭେଚ୍ଛା ଜଣାଉଛି। ଏହି ପ୍ରସଙ୍ଗରେ ଆପଣ ଧ୍ୟାନ ଦେଇଥିବାରୁ ଧନ୍ୟବାଦ। ଟ୍ରମ୍ପଙ୍କ ଘୋଷଣା ପରେ ବୈଦେଶିକ ସଚିବ ବିକ୍ରମ ମିସ୍ରି ମଧ୍ୟ ସାମ୍ବାଦିକ ସମ୍ମିଳନୀ କରି ଅସ୍ତ୍ରବିରତି ଶନିବାର ସନ୍ଧ୍ୟା ୫ଟାରୁ ଲାଗୁ ହୋଇଥିବା କଥା ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଆଜି ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପାଇଁ ସହମତି ହୋଇଛି। ଭାରତୀୟ ସମୟ ଶନିବାର ସଂଧ୍ୟା ୫ଟାରୁ ଅସ୍ତ୍ରବିରତି ଲାଗୁ ହୋଇଛି। ଜଳ, ସ୍ଥଳ ଓ ଆକାଶ ପଥରେ ଆକ୍ରମଣ ନ କରିବାକୁ ଉଭୟ ଦେଶ ରାଜି ହୋଇଛନ୍ତି। ଉଭୟ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଦୁଇ ଦେଶର ଡିଜିଏମଓ ସ୍ତରୀୟ କଥାବାର୍ତ୍ତା ହୋଇଥିଲା। ଶନିବାର ଅପରାହ୍ନ ୩ଟା ୩୦ରେ ଡିଜିଏମଓ ସ୍ତରୀୟ ଆଲୋଚନା ହୋଇଥିଲା। ଏହାପରେ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଛି। ଅସ୍ତ୍ରବିରତି ସମ୍ପର୍କରେ ୩ ବାହିନୀକୁ ଉଭୟ ଦେଶ ପକ୍ଷରୁ ଜଣାଇ ଦିଆଯାଇଛି। ଆସନ୍ତା ୧୨ ତାରିଖ ଦିନ ୧୨ଟାରେ ଦୁଇ ଦେଶ ମଧ୍ୟରେ ଡିଜିଏମଓ ସ୍ତରୀୟ ଆଲୋଚନା ହେବ। ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ଚରମସୀମାରେ ପହଞ୍ଚିଥିବା ବେଳେ ଆମେରିକା ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଉଭୟ ଦେଶ ସହ ଯୋଗାଯୋଗ କରିଥିଲେ। ଭାରତର ବୈଦେଶିକ • ପୃଷ୍ଠା ୭ ଦେଖନ୍ତୁ...

## ଅଗରବିନ୍ଧ ଶେଷ, ଆଜି ଗୁଜ ଅନୁକୂଳ

ପୁରୀ, ୧୦।୫ (ଡିକେ ନ୍ୟୁଜ): ଶନିବାର ରଥ ନିର୍ମାଣର ଦଶମ ଦିନର କାର୍ଯ୍ୟ ଶେଷ ସୁଦ୍ଧା ତିନିରଥ ତୁମ୍ବ ଗୁଡ଼ିକର ଅଗର ବିନ୍ଧ ଶେଷ ହୋଇଛି। ରବିବାର ନୃସିଂହ ଚତୁର୍ଦ୍ଦଶୀ ତିଥିରେ ଗୁଜ ଅନୁକୂଳ ପୂଜା ସମ୍ପନ୍ନ ହେବ। ଶନିବାର ରଥ ଖଳାରେ ତିନି ରଥର ୪୨ଟି ତୁମ୍ବର ଉଭୟ ପାର୍ଶ୍ୱର ମଧ୍ୟ ଭାଗରେ ପନ୍ଦାରି ବଳା ବସିବା ପାଇଁ ମହାରଣା ସେବକମାନେ ନିହାଣରେ ଗୋଲାକାର ଗାଡ଼ ଖୋଦେଇ ଜାରି ରଖିଛନ୍ତି। ରବିବାର ନୃସିଂହ ଚତୁର୍ଦ୍ଦଶୀ ତିଥିରେ ଜନ୍ତାଗାଡ ପ୍ରସ୍ତୁତି ସହ, ଗୁଜ ଅନୁକୂଳ ପୂଜା ନିମନ୍ତେ ଆବଶ୍ୟକ ପରିମାଣ କାଠ ରଥ ଅମିନ ରଥଭୋଇ ସେବକଙ୍କ ସହାୟତାରେ ଖଳାକୁ ଯୋଗାଇ ଦେଇଛନ୍ତି। ରବିବାର ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ମହାପ୍ରଭୁ ଶ୍ରୀ ନୃସିଂହ ଦେବଙ୍କ ଜନ୍ମତିଥିରେ ଗୁଜ ଅନୁକୂଳ ପୂଜା ହେବ। ଏଥିସହ ଅର କଟା ଅନୁକୂଳ, ଅର ଭୁଞ୍ଜା ଅନୁକୂଳ ଏବଂ ଜନ୍ତା ପଟାରେ ବିନ୍ଧ ଅନୁକୂଳ ପୂଜା ତିନି ରଥର ମୁଖ୍ୟ ମହାରଣା ସେବକଙ୍କ ଦ୍ୱାରା ଅନୁଷ୍ଠିତ ହେବ। ସେଥିପାଇଁ ଶନିବାର ରଥ ଅମୀନ ଲକ୍ଷ୍ମଣ ମହାପାତ୍ର ଭୋଇ ସେବକଙ୍କ ସହାୟତାରେ ତିନି ରଥ ଋଳିକୁ ଗୁଜ, କୁତୁକା ଏବଂ ଜଳଜନ୍ତ୍ର ନିର୍ମାଣ ପାଇଁ ପ୍ରଥମ ଦଫାରେ ୧୦ଟି ଲେଖାଏଁ ୧୨ ଫୁଟିଆ ଧଉରା ଏବଂ ଅସନ କାଠ ଯୋଗାଇଛନ୍ତି। ଏଥିସହ ତିନି ରଥର ଦୁଇଟି ନାହାକା ଚକାର ଅର ନିର୍ମାଣ ପାଇଁ ତିନି ରଥ ଋଳିକୁ ୧୧ଟି ଲେଖାଏଁ ୧୨ ଫୁଟିଆ ଅର ପଟ୍ଟା ଯୋଗାଇଛନ୍ତି। ଏଥିସହ ପ୍ରତ୍ୟେକ ଋଳିକୁ ୭ ଲେଖାଏଁ ଚକ ନିର୍ମାଣ ପାଇଁ ପ୍ରଥମ • ପୃଷ୍ଠା ୭ ଦେଖନ୍ତୁ...

### ସରକାର ନେଲେ ଆଉ ଏକ ବଡ଼ ନିଷ୍ପତ୍ତି

## ଯେ କୌଣସି ଆତଙ୍କବାଦୀ କାର୍ଯ୍ୟକୁ ଯୁଦ୍ଧ ଘୋଷଣା କରାଯିବ




ନୂଆଦିଲ୍ଲୀ, ୧୦।୫ (ହି.ସ): ପାକିସ୍ତାନର ବିଫଳ ଆକ୍ରମଣ ପ୍ରୟାସ ମଧ୍ୟରେ, ଭାରତ ସରକାର ଶନିବାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଭାରତ ସରକାରଙ୍କ ପକ୍ଷରୁ ପାକିସ୍ତାନକୁ ସ୍ପଷ୍ଟ ବାର୍ତ୍ତା ଦେଇ କୁହାଯାଇଛି ଯେ ଯଦି ଭାରତରେ କୌଣସି ଆତଙ୍କବାଦୀ ଆକ୍ରମଣ ହୁଏ, ତେବେ ଏହାକୁ ଯୁଦ୍ଧ ବା ଆକ୍ଟ ଅଫ ୱାର ଭାବରେ ବିବେଚନା କରାଯିବ। ଶୀର୍ଷ ସରକାରୀ ସୂତ୍ର କହିଛନ୍ତି ଯେ ଭବିଷ୍ୟତରେ ଯେକୌଣସି ଆତଙ୍କବାଦୀ କାର୍ଯ୍ୟକଳାପକୁ ଭାରତ ବିରୁଦ୍ଧରେ ଯୁଦ୍ଧ କାର୍ଯ୍ୟ ଭାବରେ ବିବେଚନା କରାଯିବ। ଏହା ସହିତ, ଏପରି ଯେକୌଣସି କାର୍ଯ୍ୟର ଉଚିତ ଜବାବ ଦିଆଯିବ। ଭାରତୀୟ ସେନା ଶନିବାର କହିଛି ଯେ ଡ୍ରୋନ, ଦୂରଗାମୀ ଅସ୍ତ୍ରଶସ୍ତ୍ର ଏବଂ ଯୁଦ୍ଧ ବିମାନ ବ୍ୟବହାର କରି ପଶ୍ଚିମ ସୀମାରେ ଥିବା ଅନ୍ୟ ଅଞ୍ଚଳ ଏବଂ ସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରି ବିପଦ ସୃଷ୍ଟି କରିବା ପାଇଁ ପାକିସ୍ତାନର ଉତ୍ତେଜନାମୂଳକ କାର୍ଯ୍ୟକୁ ପ୍ରଭାବଶାଳୀ ଭାବରେ ବିଫଳ କରିଛି। ଭାରତୀୟ ସେନା କହିଛି ଯେ ପାକିସ୍ତାନ ସୀମାବର୍ତ୍ତୀ ଅଞ୍ଚଳକୁ ତାର ସୈନ୍ୟଙ୍କୁ ସ୍ଥାନାନ୍ତର କରୁଛି ଯାହା ପରିସ୍ଥିତିକୁ ଆହୁରି ଖରାପ କରିବା ପାଇଁ 'ଆକ୍ରମଣାତ୍ମକ ଉଦ୍ଦେଶ୍ୟ'କୁ ସୂଚିତ କରେ। ସେନା ଆହୁରି କହିଛି ଯେ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ପ୍ରସ୍ତୁତିରେ ଅଛି। ଏକ ବଡ଼ ସାମରିକ ସଂଘର୍ଷର ଭୟ ମଧ୍ୟରେ, ସାମରିକ ମୁଖପାତ୍ର କର୍ଣ୍ଣେଲ ସୋଫିଆ କ୍ୟୁରେଶୀ • ପୃଷ୍ଠା ୭ ଦେଖନ୍ତୁ...

## ୧୪ ଯାଏ କଲବଲ କରିବ ଗ୍ରୀଷ୍ମଲହରି, ନାକେଦମ୍ କରିବ ଗୁଳୁଗୁଳି



ଭୁବନେଶ୍ୱର, ୧୦।୫ (ଡିକେ ନ୍ୟୁଜ୍): ରାଜ୍ୟରେ ତାପମାତ୍ରା ପୁଣି ଉପରମୁହାଁ ହୋଇଛି। ଶନିବାର ଦିନ ୨ଟା ୩୦ ସୁଦ୍ଧା ରେକର୍ଡ ତାପମାତ୍ରା ଅନୁଭୂତ ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ରିପୋର୍ଟ ଅନୁଯାୟୀ ସମ୍ବଲପୁରରେ ଶନିବାର ଅପରାହ୍ନ ୨ଟା ୩୦ରେ ସର୍ବାଧିକ ତାପମାତ୍ରା ୪୨.୨ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ହୀରାକୁଦରେ ୪୧.୧, ଝାରସୁଗୁଡ଼ରେ ୪୦.୨, ଭୁବନେଶ୍ୱରରେ ୩୯.୬, ରାଉରକେଲାରେ ୩୯.୪, ଚାନ୍ଦବାଲିରେ ୩୯.୦ ଓ ବାଲେଶ୍ୱରରେ ୩୮.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ରାଜ୍ୟରେ ଶନିବାର ପୂର୍ବଦିନଗୁଡ଼ିକର ତୁଳନାରେ ପ୍ରବଳ ଖରା ହୋଇଛି। ସକାଳ ୮ଟା ପରେ ସ୍ଥିତି ଅସମ୍ଭାଳ ହୋଇଛି। ଅପରାହ୍ନ ୪ଟା ପର୍ଯ୍ୟନ୍ତ ଘରୁ ବାହାରିବା ଅସହଜ ଥିଲା। ରାସ୍ତାଘାଟଗୁଡ଼ିକ ଖାଁଖାଁ ଲାଗୁଥିଲା। ପଶ୍ଚିମଓଡ଼ିଶାର ସହରଗୁଡ଼ିକରେ ଅଧିକ ଖରା ଅନୁଭୂତ ହୋଇଥିଲା। ତେବେ ରବିବାର ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗୀର ଓ ବୌଦ୍ଧରେ ଗ୍ରୀଷ୍ମଲହରୀ ବହିପାରେ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଓ ମୟୂରଭଞ୍ଜରେ ଭୀଷଣ ଗରମ ଓ ଗୁଳୁଗୁଳି ଆଶଙ୍କା ଅଛି। ୧୨ ତାରିଖରେ ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗିର, ବୌଦ୍ଧ ଓ ସୁନ୍ଦରଗଡ଼ର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମଲହରୀ ବହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ୧୩ ତାରିଖରେ ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗିର, ବୌଦ୍ଧ ଓ ସୁନ୍ଦରଗଡ଼ରେ ଗ୍ରୀଷ୍ମଲହରୀ କଲବଲ କରିବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳରେ ଅସମ୍ଭାଳ ଗରମ ଓ ଗୁଳୁଗୁଳି ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ସୂଚନା ଥାଉକି, ଶୁକ୍ରବାର ସମ୍ବଲପୁରରେ ଦିନ ତାପମାତ୍ରା ସର୍ବାଧିକ ୪୦.୬ ଡିଗ୍ରୀ ରହିଥିଲା। ଅନୁଗୁଳ, ହୀରାକୁଦରେ ୪୦.୧ ଡିଗ୍ରୀ ଓ ଝାରସୁଗୁଡ଼ାରେ ୪୦ ଡିଗ୍ରୀ ରେକର୍ଡ ହୋଇଥିଲା। ଟିଟିଲାଗଡ଼ ଓ ବୌଦ୍ଧରେ ୪୦ ଡିଗ୍ରୀ, ଜଗତସିଂହପୁରରେ ୩୯.୫ ଡିଗ୍ରୀ ରହିଥିଲା। ଭୁବନେଶ୍ୱରରେ ଦିନବେଳା ତାତି ୩୯.୨ ଡିଗ୍ରୀ ରହିଥିଲା। ସ୍ୱାଭାବିକଠାରୁ ପ୍ରାୟ ଦେଢ ଡିଗ୍ରୀ ଅଧିକ ତାତି ରେକର୍ଡ ହୋଇଥିଲା। ଏଠାରେ ୬୦ ଡିଗ୍ରୀ ଭଳି ତାତି ଅନୁଭବ (ରିଅଲ ଫିଲ୍) ହୋଇଥିଲା। ଅଧିକ ଆର୍ଦ୍ରତା ପାଇଁ ଅଧିକାଂଶ ସ୍ଥାନରେ ୫୦ରୁ ୬୦ ଡିଗ୍ରୀ ଭଳି ତାତି ଅନୁଭବ ହୋଇଥିଲା। କଟକରେ ୫୦ ଡିଗ୍ରୀ, ଅନୁଗୁଳରେ ୬୦ ଡିଗ୍ରୀ, ପୁରୀରେ ୬୦ ଡିଗ୍ରୀ, ଫୁଲବାଣୀରେ ୫୫ ଡିଗ୍ରୀ ଭଳି ତାତି ଅନୁଭବ ହୋଇଥିଲା। ଗୋପାଳପୁରରେ ଶୁକ୍ରବାର ଦିନ ତାପମାତ୍ରା ସ୍ୱାଭାବିକଠାରୁ ୨.୮ ଡିଗ୍ରୀ ଅଧିକ ରହିଥିଲା। ପାରାଦୀପ ଓ ପୁରୀରେ ସ୍ୱାଭାବିକଠାରୁ ୨.୨ ଡିଗ୍ରୀ, ବାଲେଶ୍ୱରରେ ୧.୬ ଡିଗ୍ରୀ, ଚାନ୍ଦବାଲିରେ ୧.୫ ଓ ବାରିପଦାରେ ୧.୨ ଡିଗ୍ରୀ ଅଧିକ ରେକର୍ଡ ହୋଇଛି। ଫୁଲବାଣୀରେ ଦିନ ତାପମାତ୍ରା ସ୍ୱାଭାବିକଠାରୁ ୩.୮ ଡିଗ୍ରୀ କମ୍ ରେକର୍ଡ • ପୃଷ୍ଠା ୭ ଦେଖନ୍ତୁ...







## ୨୭ରେ କେରଳ ଛୁଇଁବ ମୌସୁମୀ !



ଭୁବନେଶ୍ୱର, ୧୦।୫ (ଡିକେ ନ୍ୟୁଜ୍): ତାତିରୁ ମିଳିବ ଆଶ୍ୱସ୍ତି। ଏଥର ସଅଳ ଆସିବ ମୌସୁମୀ। ଦେଶକୁ ଶୀଘ୍ର ମୌସୁମୀ ଛୁଇଁବା ସମ୍ଭାବନା। ମେ' ୨୭ ବେଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ କେରଳ ଛୁଇଁବ। ତେବେ ମଡେଲଜନିତ ତ୍ରୁଟି ପାଇଁ ୪ ଦିନ ଆଗପଛ ହୋଇପାରେ। ଏନେଇ ଆଇଏମ୍‌ଡି ପକ୍ଷରୁ ଆକଳନ କରାଯାଇଛି। ସାଧାରଣତଃ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମେ ୧୮ରୁ ୧୯ ଭିତରେ ଆଣ୍ଡାମାନ ସାଗର ଛୁଇଁଥାଏ। ଜୁନ୍ ୧ ତାରିଖ ବେଳକୁ କେରଳ ପାଖରେ ଦେଶର ମୁଖ୍ୟ ଭୂଖଣ୍ଡକୁ ସ୍ପର୍ଶ କରେ। କେରଳ ଛୁଇଁବାର ୧୦ରୁ ୧୨ ଦିନ ମଧ୍ୟରେ ମୌସୁମୀ ବାୟୁ ଓଡ଼ିଶାକୁ ଅଗ୍ରସର ହୋଇଥାଏ। ପାଣିପାଗ ବିଶେଷଜ୍ଞ ଏନେଇ ଏକ୍ସରେ ଲେଖିଛନ୍ତି ଯେ, ୨୦୨୪ ମସିହାରେ ମୌସୁମୀ ବାୟୁ ମେ' ୩୦ ତାରିଖରେ କେରଳ ଛୁଇଁଥିବା ବେଳେ ୨୦୨୩ ମସିହାରେ ଜୁନ୍ ୮ ତାରିଖ, ୨୦୨୨ ମସିହାରେ ମେ' ୨୯ ତାରିଖ, ୨୦୨୧ ମସିହାରେ ଜୁନ୍ ୩ ତାରିଖ, ୨୦୨୦ ମସିହାରେ ଜୁନ୍ ୧ ତାରିଖରେ କେରଳ ଛୁଇଁଥିଲା। ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମୌସୁମୀ ବାୟୁ ଆକଳନ ଅନୁଯାୟୀ ମେ ୨୭ରେ କେରଳ ଛୁଇଁବାର ସମ୍ଭାବନା • ପୃଷ୍ଠା ୭ ଦେଖନ୍ତୁ...



# ବୀମା କମ୍ପାନୀଗୁଡ଼ିକ ଠିକ୍ ସମୟରେ ଦାବି ସମାଧାନ ଓ ନିରବଚ୍ଛିନ୍ନ ଗ୍ରାହକ ସେବା ପ୍ରଦାନ କରିବା ଆବଶ୍ୟକ : ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ



**ଦିଲ୍ଲୀ,(ପିଆଇବି):** ସୀମାରେ ଲାଗି ରହିଥିବା ଉତ୍ତେଜନା ଓ ସୁରକ୍ଷା ଚିନ୍ତା ମଧ୍ୟରେ କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ରାଷ୍ଟ୍ରାୟତ୍ତ ଓ ବେସରକାରୀ ବ୍ୟାଙ୍କ ଏବଂ ବୀମା କମ୍ପାନୀଗୁଡ଼ିକର ପରିଚାଳନା ନିର୍ଦ୍ଦେଶକ ଓ ସିଇଓମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ କରିଥିଲେ। ଏହି ବୈଠକରେ ଆର୍ଥିକ ସେବା ବିଭାଗ (ଡିଏଫ୍ଏସ୍), ଅର୍ଥ ମନ୍ତ୍ରଣାଳୟ, ସିଇଆରଟି-ଇନ୍, ଆରବିଆଇ, ଆଇଆରଡିଏଆଇ ଏବଂ ଏନପିସିଆଇର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଯେଉଁଥିରେ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଏବଂ ୟୁପିଆଇ ଭଳି ଡିଜିଟାଲ ଆପ୍ଲିକେସନ୍ ସମେତ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ପରିଚାଳନାଗତ ଏବଂ ସାଇବର ସୁରକ୍ଷା ପ୍ରସ୍ତୁତିର ସମୀକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସୀମାରେ ଚାଲିଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ବ୍ୟାଙ୍କ ଓ ବୀମା କମ୍ପାନୀମାନେ ଗ୍ରହଣ କରୁଥିବା ପଦକ୍ଷେପ ସମ୍ପର୍କରେ ସେଗୁଡ଼ିକର ପରିଚାଳନା ନିର୍ଦ୍ଦେଶକ ଓ ସିଇଓମାନେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଓ ସିଇଓମାନେ ସୂଚନା ଦେଇଛନ୍ତି ଯେ ସମଗ୍ର ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସାଇବର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି। ବ୍ୟାପକ ସାଇବର ଆକ୍ରମଣରୁ ରକ୍ଷା ପାଇବା ପାଇଁ ବ୍ୟାଙ୍କଗୁଡ଼ିକ ଦ୍ୱାରା ଆଣ୍ଟି-ଡିଡିଓଏସ୍ (ଡିଷ୍ଟ୍ରିବ୍ୟୁଟେଡ୍ ଡିନାଇଲ୍ ଅଫ୍ ସର୍ଭିସ୍) ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଆନୁଷ୍ଠାନିକ ପ୍ରସ୍ତୁତିର ଗ୍ୟାରେଣ୍ଟି ଦେବା ପାଇଁ ସର୍ବୋଚ୍ଚ ସ୍ତରରେ ସାଇବର ସୁରକ୍ଷା ଏବଂ ବିପର୍ଯ୍ୟୟ ପୁନରୁଦ୍ଧାର ପରିସ୍ଥିତିକୁ ନେଇ ମକ୍ ଡ୍ରିଲ୍ ଆୟୋଜନ କରାଯାଇଛି। ଫିସିଙ୍ଗ୍ ପ୍ରୟାସ ଉପରେ ସକ୍ରିୟ ନଜର ରଖାଯାଇଛି ଏବଂ ସତର୍କତା ବୃଦ୍ଧି ପାଇଁ କର୍ମଚାରୀମାନେ ଅନେକ ଆଭ୍ୟନ୍ତରୀଣ ସତର୍କସୂଚନା ପାଇଛନ୍ତି ବୋଲି ସେମାନେ ସୂଚନା ଦେଇଛନ୍ତି। ବ୍ୟାଙ୍କ ଅଧିକାରୀମାନେ କହିଛନ୍ତି ଯେ ସେମାନଙ୍କର ସିକ୍ୟୁରିଟି ଅପରେସନ୍ ସେଣ୍ଟର (ଏସଓସି) ଏବଂ ନେଟୱାର୍କ ଅପରେସନ୍ ସେଣ୍ଟର ସମ୍ପୂର୍ଣ୍ଣ ସକ୍ରିୟ ଏବଂ ହାଇ ଆଲର୍ଟରେ ଅଛି। ଏହି କେନ୍ଦ୍ରଗୁଡିକ ସିଇଆରଟି-ଇନ୍ ଏବଂ ଜାତୀୟ ଗୁରୁତ୍ୱପୂର୍ଣ୍ଣ ସୂଚନା ଭିତ୍ତିଭୂମି ସୁରକ୍ଷା କେନ୍ଦ୍ର (ଏନସିଆଇଆଇପିସି) ସହିତ ଘନିଷ୍ଠ ସମନ୍ୱୟ ରକ୍ଷା କରୁଛନ୍ତି, ଯାହା ରିୟଲ-ଟାଇମ୍ ଡାଟା ଆଦାନ ପ୍ରଦାନ ଏବଂ ବିପଦ ନିରୀକ୍ଷଣକୁ ସୁଗମ କରୁଛି। ଏହି ବୈଠକରେ ଶ୍ରୀମତୀ ସୀତାରମଣ ଭୂ-ରାଜନୈତିକ ଉତ୍ତେଜନା ଏବଂ ଆହ୍ୱାନପୂର୍ଣ୍ଣ ସମୟରେ ଅର୍ଥନୈତିକ ସ୍ଥିରତା ସୁନିଶ୍ଚିତ କରିବାରେ ବ୍ୟାଙ୍କିଙ୍ଗ୍ ଏବଂ ଆର୍ଥିକ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଯେକୌଣସି ପରିସ୍ଥିତି କିମ୍ବା ସଙ୍କଟର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ସତର୍କ ରହିବାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ସମସ୍ତ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ସମଗ୍ର ଦେଶରେ ବିଶେଷକରି ସୀମାନ୍ତ ଅଞ୍ଚଳରେ ନାଗରିକମାନଙ୍କ ପାଇଁ ବ୍ୟାଙ୍କିଙ୍ଗ୍ ଏବଂ ଆର୍ଥିକ ସେବାଗୁଡ଼ିକର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମତୀ ସୀତାରମଣ କହିଛନ୍ତି ଯେ ଉଭୟ ଭୌତିକ ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ୍ ସେବା ଗୁଡିକ ବିନା ବାଧା ଏବଂ ତ୍ରୁଟିରେ କାର୍ଯ୍ୟ କରିବା ଉଚିତ ଏବଂ ଯେକୌଣସି ଉପୁଜିଥିବା ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଜରୁରୀକାଳୀନ ପ୍ରୋଟୋକଲ୍ ଅପଡେଟ୍ ଏବଂ ପରୀକ୍ଷା କରାଯିବା ଉଚିତ୍। ସୀମାବର୍ତ୍ତୀ ଅଞ୍ଚଳର ଶାଖାଗୁଡ଼ିକରେ କାର୍ଯ୍ୟରତ ବ୍ୟାଙ୍କ କର୍ମଚାରୀ ଏବଂ ସେମାନଙ୍କ ପରିବାରଙ୍କ ସୁରକ୍ଷା ବିଷୟରେ କେନ୍ଦ୍ର ଅର୍ଥମନ୍ତ୍ରୀ ଗଭୀର ଚିନ୍ତା ପ୍ରକାଶ କରିଥିଲେ ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ସହିତ ପ୍ରଭାବଶାଳୀ ସମନ୍ୱୟ ରଖି ସେମାନଙ୍କର ପର୍ଯ୍ୟାପ୍ତ ସୁରକ୍ଷା ସୁନିଶ୍ଚିତ କରିବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ର ଅର୍ଥମନ୍ତ୍ରୀ ବ୍ୟାଙ୍କଗୁଡ଼ିକୁ କହିଛନ୍ତି ଯେ କୌଣସି ପରିସ୍ଥିତିରେ ନାଗରିକ ଏବଂ ବ୍ୟବସାୟଗୁଡ଼ିକୁ ଅସୁବିଧାର ସମ୍ମୁଖୀନ ନହେବା ନିଶ୍ଚିତ କରନ୍ତୁ ଏବଂ ଏଟିଏମ୍‌ରେ ନିରନ୍ତର ନଗଦ ଉପଲବ୍ଧତା, ନିରନ୍ତର ୟୁପିଆଇ ଏବଂ ଇଣ୍ଟରନେଟ୍ ବ୍ୟାଙ୍କିଂ ସେବା ଏବଂ ଅତ୍ୟାବଶ୍ୟକ ବ୍ୟାଙ୍କିଂ ସୁବିଧାଗୁଡ଼ିକୁ ନିରନ୍ତର ପହଞ୍ଚିବା ଉପରେ ପ୍ରାଥମିକତା ଦିଆଯିବା ଉଚିତ୍। ଶ୍ରୀମତୀ ନିର୍ମଳା ସୀତାରମଣ ବ୍ୟାଙ୍କଗୁଡ଼ିକୁ ସେମାନଙ୍କର ସାଇବର ସୁରକ୍ଷା ପ୍ରଣାଳୀ ଏବଂ ଡାଟା ସେଣ୍ଟରଗୁଡ଼ିକର ନିୟମିତ ଅଡିଟ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସମସ୍ତ ଡିଜିଟାଲ୍ ଏବଂ କୋର୍ ବ୍ୟାଙ୍କିଂ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ଚବିଶ ଘଣ୍ଟା ତଦାରଖ କରିବା ନିଶ୍ଚିତ କରନ୍ତୁ ଯାହା ଦ୍ୱାରା କୌଣସି ସୁରକ୍ଷା ଉଲ୍ଲଂଘନ କିମ୍ବା କୌଣସି ଶତ୍ରୁତାପୂର୍ଣ୍ଣ ସାଇବର କାର୍ଯ୍ୟକଳାପକୁ ରୋକିହେବ। କେନ୍ଦ୍ର ଅର୍ଥମନ୍ତ୍ରୀ ବ୍ୟାଙ୍କଗୁଡ଼ିକୁ ମୁଖ୍ୟାଳୟରେ ଦୁଇଜଣ ସମର୍ପିତ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ, ଯେଉଁମାନଙ୍କ ମଧ୍ୟରୁ ଜଣେ ସମସ୍ତ ସାଇବର-ସମ୍ବନ୍ଧୀୟ ମାମଲା ଉପରେ ରିପୋର୍ଟ କରିବେ ଏବଂ ଅନ୍ୟ ଜଣେ ବ୍ୟାଙ୍କ ଶାଖାଗୁଡ଼ିକର କାର୍ଯ୍ୟକାରିତା ଏବଂ ଏଟିଏମ୍‌ରେ ନଗଦ ଉପଲବ୍ଧତା ସମେତ କାର୍ଯ୍ୟକ୍ଷମ ବିଷୟଗୁଡ଼ିକୁ ସୁନିଶ୍ଚିତ କରିବେ୍ୟ ଉଭୟ ଅଧିକାରୀ ଯେକୌଣସି ଘଟଣା ବିଷୟରେ ସିଇଆରଟି-ଇନ୍ /ସମ୍ପର୍କିତ ଏଜେନ୍ସି ଏବଂ ଡିଏଫଏସକୁ ପ୍ରକୃତ ସମୟ ଆଧାରରେ ରିପୋର୍ଟ କରିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ, ଉତ୍ତମ ଏବଂ ତ୍ୱରିତ ସୂଚନା ଆଦାନପ୍ରଦାନ ଏବଂ ପ୍ରତିକ୍ରିୟା ସୁନିଶ୍ଚିତ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ, ସିଇଆରଟି-ଇନ୍ ଏବଂ ସମ୍ପୃକ୍ତ ସରକାରୀ ଏଜେନ୍ସିଗୁଡ଼ିକ ସହିତ ରିୟଲ ଟାଇମରେ ସମନ୍ୱୟ ସ୍ଥାପନ କରିବାକୁ ବ୍ୟାଙ୍କଗୁଡ଼ିକୁ କୁହାଯାଇଥିଲା। ଶ୍ରୀମତୀ ସୀତାରମଣ ବୀମା କମ୍ପାନିଗୁଡ଼ିକୁ ଠିକ୍ ସମୟରେ ଦାବି ସମାଧାନ ଏବଂ ନିରବଚ୍ଛିନ୍ନ ଗ୍ରାହକ ସେବା ସୁନିଶ୍ଚିତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ପ୍ରାୟୋଜକ ବ୍ୟାଙ୍କଗୁଡିକ ନିଶ୍ଚିତ କରିବା ଉଚିତ ଯେ ଏପରି ସମୟରେ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକୁ ଭଲ ଭାବରେ ସମର୍ଥନ ଦିଆଯିବା ଉଚିତ ଏବଂ ସେମାନେ ସମ୍ମୁଖୀନ ହେଉଥିବା କୌଣସି ସମସ୍ୟା ପାଇଁ ସେମାନଙ୍କୁ ହାତରେ ଧରି ରଖିବା ଉଚିତ୍। ସରକାର ଜାତୀୟ ସୁରକ୍ଷା ଏବଂ ଅର୍ଥନୈତିକ ସ୍ଥିରତା ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଏବଂ କହିଛନ୍ତି ଯେ ଦେଶର ବ୍ୟାଙ୍କିଙ୍ଗ ଏବଂ ଆର୍ଥିକ ବ୍ୟବସ୍ଥା ଦୃଢ଼ ଏବଂ ସ୍ଥିର ରହିଛି ବୋଲି ଶ୍ରୀମତୀ ସୀତାରମଣ ଦୋହରାଇଥିଲେ।

## ୧୦,୦୦୦ କୋଟି ଟଙ୍କାର ରାଜସ୍ୱ ହାସଲ କରିଛି ଡିଏସ୍ ଗ୍ରୁପ୍

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଏକ ଅଗ୍ରଣୀ ଏଫଏମସିଜି କମ୍ପାନୀ ଓ ମଲ୍ଟି-ବିଜ୍‌ନେସ୍ କର୍ପୋରେଶନ ଧର୍ମପାଲ ସତ୍ୟପାଲ ଗ୍ରୁପ (ଡିଏସ୍ ଗ୍ରୁପ) ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୦,୦୦୦ କୋଟି ଟଙ୍କାରୁ ଅଧିକ ରାଜସ୍ୱ ହାସଲ କରି ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି ଏବଂ ଭାରତର ୧୫ଟି ଶୀର୍ଷ ଏଫଏମସିଜି କମ୍ପାନୀ ତାଲିକାରେ ପ୍ରବେଶ କରିଛି। ଏହି ସଫଳତା ପ୍ରାଥମିକ ଭାବେ ଏଫଆଣ୍ଡବି ସେଗମେଣ୍ଟ ମୋଟ ରାଜସ୍ୱରେ ୪୨%ର ଯୋଗଦାନ ଦେଇଛି, ଏହାପରେ ଫ୍ରେଶନର ସେଗମେଣ୍ଟର ୩୮%, ହସ୍ପିଟାଲିଟିର ୩% ଯୋଗଦାନ ରହିଛି ଏବଂ ଅବଶିଷ୍ଟ ରାଜସ୍ୱରେ ଅନ୍ୟାନ୍ୟ ବ୍ୟବସାୟଗୁଡିକର ମିଳିତ ଯୋଗଦାନ ରହିଥିବା ବେଳେ ତମାଖୁର ୧୦%ରୁ କମ୍ ଯୋଗଦାନ ରହିଛି। ଏହି ଗ୍ରୁପ ଉତ୍ତମ ଅଭିବୃଦ୍ଧି ମାଧ୍ୟମରେ ଗତ ୩ ବର୍ଷରେ ୧୬%ର ସିଏଜିଆର ସହ ସ୍ଥିର ଊର୍ଦ୍ଧ୍ୱଗାମୀ ଗତିର ସାକ୍ଷୀ ହୋଇଛି, ଯାହା ଏହାର ବଜାର ନେତୃତ୍ୱ ଓ ସମ୍ପ୍ରସାରଣ ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଫୁଡ ଆଣ୍ଡ ବେଭ୍‌ରେଜ (ଏଫଆଣ୍ଡବି) ସେଗମେଣ୍ଟ ଗତ ୩ ବର୍ଷ ମଧ୍ୟରେ ୧୯%ର ଏକ ସିଏଜିଆର ପ୍ରଦର୍ଶିତ କରିଛି। ମିଳିତ ଭାବେ ସମସ୍ତ ବ୍ୟବସାୟଗୁଡିକ ୧୫୦ରୁ ଅଧିକ ଷ୍ଟକିଷ୍ଟ, ୫୦୦୦ରୁ ଅଧିକ ଡିଷ୍ଟ୍ରିବ୍ୟୁଟର ରହିଛନ୍ତି ଯିଏ ଭାରତବ୍ୟାପୀ ପ୍ରତ୍ୟକ୍ଷ ରୂପେ ୧୫ ଲକ୍ଷରୁ ଅଧିକ ରିଟେଲ ସପ ଓ ପରୋକ୍ଷ ଭାବେ ୩୫ ଲକ୍ଷ ରିଟେଲ ସପ ନିକଟରେ ପହଞ୍ଚୁଛନ୍ତି। ପରିବର୍ତ୍ତିତ ଉପଭୋକ୍ତା କ୍ରୟ ଆଚରଣ ସହିତ ଡିଏସ ଗ୍ରୁପ ଆଧୁନିକ ବ୍ୟବସାୟ, କ୍ୱିକ-କମର୍ସ ସମେତ ଇକମର୍ସ କ୍ଷେତ୍ରରେ ବଦଳୁଥିବା ଟ୍ରେଣ୍ଡଗୁଡିକୁ ଭଲ ଭାବରେ ଅଧ୍ୟୟନ କରିଛି ଓ ନିଜର ଲାଭ ପାଇଁ ଏହା ଉପରେ ପୁଞ୍ଜି ହାସଲ କରିଛି। ଆର୍ଟିଫିସିଆଲ ଇଂଟେଲିଜେନ୍ସ, ଅଟୋମେଶନ ଓ ଅନ୍ୟାନ୍ୟ ଭବିଷ୍ୟତ-କେନ୍ଦ୍ରିତ ଟେକ୍ନୋଲୋଜିଗୁଡିକ ଉପରେ ଗୁରୁତ୍ୱ ବଜାୟ ରଖିଛି । ଏହି ଅବସରରେ ଡିଏସ ଗ୍ରୁପର ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି, "୧୦,୦୦୦ କୋଟି ଟଙ୍କା ରାଜସ୍ୱ ଅତିକ୍ରମ କରିବା ଭାରତର ବିକଶିତ ଅଭିବୃଦ୍ଧି କାହାଣୀରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନକାରୀ ଭାବେ ଆମର ପ୍ରମୁଖ ଭୂମିକାକୁ ସୂଚିତ କରୁଛି। ଡିଏସ ଗ୍ରୁପ ଏଫଏମସିଜି କ୍ଷେତ୍ରର ବିସ୍ତାରରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନକାରୀ ରହିଆସିଛି, ଯାହା ଆମର ବିବିଧ ପୋର୍ଟଫୋଲିଓ, ଗୁଣବତା ଓ ଉଦ୍ଭାବନ ଉପରେ ଉତ୍ସର୍ଗୀକୃତ ଧ୍ୟାନ ଏବଂ ଦେଶରେ ଏଫଏମସିଜି କ୍ଷେତ୍ରରେ ଅନ୍ୟତମ ସର୍ବବୃହତ ବିତରଣ ନେଟ୍‌ୱର୍କ ଦ୍ୱାରା ପରିଚାଳିତ ଅଟେ। ଖାଦ୍ୟ ଓ ପାନୀୟ ବର୍ଗ (ଏଫଆଣ୍ଡବି) ଗତ ୩ ବର୍ଷରେ ଏକ ତ୍ୱରାନ୍ୱିତ ଅଭିବୃଦ୍ଧି ହାସଲ କରିଆସୁଛି ଏବଂ ଏହି ସଫଳତା ଭାରତୀୟ ଗ୍ରାହକଙ୍କ ଦ୍ୱାରା ଆମ ଉପରେ ପ୍ରଦର୍ଶିତ ବିଶ୍ୱାସକୁ ପ୍ରତିଫଳନ କରୁଛି। ଆମର କର୍ମଚାରୀ ଓ ସହଯୋଗୀମାନଙ୍କର ସମର୍ପଣ ଆମ ଯାତ୍ରାର ମୂଳଦୁଆ ଅଟେ ଏବଂ ଭାରତର ଏଫଏମସିଜି କ୍ଷେତ୍ରକୁ ଆହୁରି ବିକଶିତ କରିବା ପାଇଁ ଏକ ପ୍ରତିବଦ୍ଧତା ସହିତ ଭବିଷ୍ୟତରେ ଆମେ ଆମର ଶତବାର୍ଷିକୀ ବର୍ଷ ସୁଦ୍ଧା ୨୦,୦୦୦ କୋଟି ଟଙ୍କାର ମାଇଲଷ୍ଟୋନ ହାସଲ କରିବାକୁ ଆଶା ରଖିଛୁ। ଅଭିନବ ଉତ୍ପାଦଗୁଡିକର ଆମର ମଜବୁତ ଶୃଙ୍ଖଳା ଗ୍ରାହକଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ଏବଂ 'କ୍ରିଏଟ ହ୍ୱାଟ ଇଜ ୱର୍ଥ କ୍ରିଏଟିଙ୍ଗ' ସ୍ପିରିଟକୁ ଧାରଣ କରିଥିବା ବିକାଶକୁ ଆଗକୁ ବଢାଇବା ଜାରି ରଖିବ। ଆମେ ଆମର ବିତରଣ ନେଟ୍‌ୱର୍କକୁ ଆହୁରି ବିସ୍ତାର କରିବା ଜାରି ରଖିବୁ, ଏହା ଆମର ଉତ୍ପାଦଗୁଡିକ ଯେପରି ଦେଶର ପ୍ରତ୍ୟେକ କୋଣ ଅନୁକୋଣ ସମେତ ଆନ୍ତର୍ଜାତୀୟ ବଜାରଗୁଡିକରେ ପହଞ୍ଚି ପାରିବ ତାହା ନିଶ୍ଚିତ କରିବ, ଯାହା ଭାରତୀୟ ଏଫଏମସିଜି କ୍ଷେତ୍ରର ସାମଗ୍ରିକ ପହଞ୍ଚ ଓ ପ୍ରଭାବକୁ ସୁଦୃଢ କରିବ।

## ଓଡ଼ିଶା ଲିଡରସିପ୍ ସମିଟ୍‌ରେ ଜିନ୍ଦଲ ଫାଉଣ୍ଡେସନ ପୁରସ୍କୃତ




**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ବିଶ୍ୱ ସିଏସଆର ଦିବସ ଦ୍ୱାରା ଆୟୋଜିତ ଓଡ଼ିଶା ଲିଡରସିପ୍ ସମିଟ୍‌ରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ସିଏସଆର ସଂସ୍ଥା ଜିନ୍ଦଲ ଫାଉଣ୍ଡେସନକୁ ଅର୍ଗାନାଇଜେସନ୍ ୱିଥ୍ ଓଭରାଲ୍ ସଷ୍ଟେନେବଲ୍ ପ୍ରାକ୍ଟିସ୍ ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରତିନିଧି, ଉନ୍ନୟନ ବିଶେଷଜ୍ଞ ଏବଂ ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ପୁରସ୍କାର ଗ୍ରହଣ କରି ଶ୍ରୀ ପ୍ରଶାନ୍ତ ହୋତା କହିଥିଲେ ଯେ, ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲଜୀଙ୍କ ମାର୍ଗଦର୍ଶନରେ ଆମର ନିରନ୍ତର ବିକାଶ କାର୍ଯ୍ୟକ୍ରମ ଅର୍ଥନୈତିକ ପ୍ରଗତି, ପରିବେଶ ସନ୍ତୁଳନ ଏବଂ ସାମାଜିକ ସମାନତାକୁ ସମନ୍ୱୟ କରି ସମାଜ ପାଇଁ ଏକ ଉନ୍ନତ ଭବିଷ୍ୟତ ସୃଷ୍ଟି ନିମନ୍ତେ କାର୍ଯ୍ୟରତ। ଏହି କାର୍ଯ୍ୟକ୍ରମଗୁଡ଼ିକୁ ସଫଳ କରିବାରେ ଲୋକମାନଙ୍କ ସମର୍ଥନ ଏବଂ ଅଂଶଗ୍ରହଣ ପାଇଁ ଆମେ ସେମାନଙ୍କ ନିକଟରେ କୃତଜ୍ଞ। ଏହି ପୁରସ୍କାର ଆମ ଟିମ୍‌କୁ ପ୍ରେରଣା ଯୋଗାଇବ। ପୁରସ୍କାର ପାଇଁ ସେ ଜୁରିଙ୍କୁ ଧନ୍ୟବାଦ ଜଣାଇଥିଲେ। ବର୍ଷ ବର୍ଷ ଧରି ଜିନ୍ଦଲ ଫାଉଣ୍ଡେସନ ଶିକ୍ଷା, ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତୀକରଣ, ଆଦିବାସୀ କଲ୍ୟାଣ, ଦକ୍ଷତା ବିକାଶ ଏବଂ ପରିବେଶ ନିରନ୍ତରତା କ୍ଷେତ୍ରରେ ଅନେକ ଅଗ୍ରଣୀ ପଦକ୍ଷେପ କାର୍ଯ୍ୟକାରୀ କରିଛି। କିଶୋରୀ ଏକ୍ସପ୍ରେସ, ଗୋଷ୍ଠୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏବଂ ତୃଣମୂଳସ୍ତରର ଦକ୍ଷତା ବିକାଶ ଭଳି ପ୍ରକଳ୍ପ ସମଗ୍ର ଓଡ଼ିଶା ତଥା ଓଡ଼ିଶା ବାହାରେ ହଜାର ହଜାର ଲୋକଙ୍କ ଜୀବନକୁ ସକାରାତ୍ମକ ଭାବେ ପ୍ରଭାବିତ କରିବାରେ ସାହାଯ୍ୟ କରିପାରିଛି।

## ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ନାହିଁ : ସରକାର

**ନୂଆଦିଲ୍ଲୀ,(ହି.ସ):** ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର କେଣସି ଅଭାବ ନାହିଁ। କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ତଥା ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଏହା କହିଛନ୍ତି। ଦେଶବାସୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇ ସେ କହିଛନ୍ତି ଯେ ଚାଉଳ ହେଉ ଅଥବା ଗହମ, ଡାଲି, ଚଣା, ମସୁର ଓ ମୁଗ ସବୁ କିଛି ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ପରିମାଣରେ ରହିଛି। କେଣସି ଜିନିଷର କିଛି ବି ଅଭାବ ନାହିଁ। ତେଣୁ ଭୟରେ ବଜାରକୁ ଯାଇ ଖାଦ୍ୟ ସାମଗ୍ରୀ କିଣିବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ ଲୋକମାନଙ୍କୁ କହିଛନ୍ତି। ଯୁଦ୍ଧ ପାଇଁ ଖାଦ୍ୟ ପାନୀୟର ଅଭାବ ଦେଖାଦେବ ବୋଲି ଅନେକ ମିଥ୍ୟା ପ୍ରଚାର ଚାଲିଛି। ସେଭଳି ଗୁଜବକୁ ବିଶ୍ୱାସ ନ କରିବାକୁ ସେ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଦେଶରେ ଖାଦ୍ୟର ଅଭାବ ଦେଖାଦେଲାଣି ବୋଲି ଗୁଜବ ପ୍ରଚାର ହେଉଛି। ସେଭଳି ପ୍ରଚାରରେ ବିଶ୍ୱାସ କରନ୍ତୁ ନାହିଁ। ଆମ ପାଖରେ ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ଶସ୍ୟ ରହିଛି। ଆଇନ ପ୍ରଣୟନକାରୀ ଏଜେନ୍ସିମାନଙ୍କ ସହ ସହଯୋଗ କରିବା ଲାଗି ସେ ବ୍ୟବସାୟୀ, ପାଇକାରୀ ଓ ଖୁଚୁରା ବିକ୍ରେତା ଓ ବ୍ୟବସାୟୀମାନଙ୍କୁ କହିଛନ୍ତି। ଯେଉଁମାନେ ସ୍ଥିତିର ଫାଇଦା ଉଠାଇ ଜିନିଷ ମହଜୁଦ ରଖିବେ କିମ୍ବା କଳାବଜାରୀ କରିବାକୁ ଉଦ୍ୟମ କରିବେ ସେମାନଙ୍କ ବିରୋଧରେ ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ଥିବା ବ୍ୟବସ୍ଥା ଅଧୀନରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଅଧିକ ଖାଦ୍ୟ ପଦାର୍ଥ କିଣିବାର କେଣସି ଆବଶ୍ୟକତା ନାହିଁ: ବ୍ୟବସାୟୀ ମହାସଂଘ ଭୁବନେଶ୍ୱର: ରାଜ୍ୟରେ ଖାଦ୍ୟ ପଦାର୍ଥ ଓ ଅତ୍ୟାବଶ୍ୟକ ସାମଗ୍ରୀର କୌଣସି ଅଭାବ ନାହିଁ। ସମସ୍ତ ଜିନିଷ ପ୍ରଚୁର ମାତ୍ରାରେ ବଜାରେ ଉପଲବ୍ଧ ରହିଛି। ସରକାରଙ୍କ ପାଖରେ ମଧ୍ୟ ପର୍ଯ୍ୟାପ୍ତ ଶସ୍ୟ ରହିଛି। ତେଣୁ କୌଣସି ବ୍ୟକ୍ତି ଆବଶ୍ୟକତାଠାରୁ ଅଧିକ ଜିନିଷ କିଣି ମହଜୁଦ ରଖିବାର କେଣସି ଆବଶ୍ୟକତା ନାହିଁ ବୋଲି ଓଡ଼ିଶା ବ୍ୟବସାୟୀ ମହାସଂଘର ମହାସଚିବ ସୁଧାକର ପଣ୍ଡା କହିଛନ୍ତି। ଭାରତୀୟ ବ୍ୟବସାୟୀ ମହାସଂଘର ସଚିବ ପ୍ରବୀଣ ଖଣ୍ଡେଲୱାଲ ଓ ଜାତୀୟ ଅଧ୍ୟକ୍ଷ ବ୍ରିଜ ମୋହନ ଅଗ୍ରୱାଲଙ୍କ ଆହ୍ୱାନକୁ ସମର୍ଥନ କରି ସେ କହିଛନ୍ତି ଯେ ଏହି ସଙ୍କଟ ସମୟରେ ଦେଶର ସମସ୍ତ ବ୍ୟବସାୟୀ ଭାରତୀୟ ସେନା ସହ ଠିଆ ହୋଇଛି। ବ୍ୟବସାୟୀମାନେ ଅର୍ଥନୀତିରେ ସେନାର ଭୂମିକା ନିର୍ବାହ କରିବେ। କୌଣସି ପରିସ୍ଥିତିରେ ଯୋଗାଣ ଶୃଙ୍ଖଳ ବ୍ୟାହତ ହେବାକୁ ଦିଆଯିବ ନାହିଁ ବୋଲି ସେ କହିଛନ୍ତି। ବଜାର ସମ୍ପର୍କିତ ନିଷ୍ପତ୍ତି ନେବାରୁ ବିରତ ରହିବା ଓ ସରକାରୀ ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସେ ରାଜ୍ୟର ବ୍ୟବସାୟୀମାନଙ୍କୁ ଆହ୍ୱାନ ଦେଇଛନ୍ତି।



## ମପ୍ରର ଛିନ୍ଦୱାଡାରେ ଦୁଇଟି ବାଇକ ଧକ୍କାରେ ପାଞ୍ଚଜଣଙ୍କର ମୃତ୍ୟୁ: ଡାକ୍ତରଖାନାରେ ପରିବାର ସଦସ୍ୟଙ୍କ ଉତ୍ତେଜନା

**ଛିନ୍ଦୱାଡା,(ହି.ସ):**ମଧ୍ୟ ପ୍ରଦେଶରେ ପୁଣିଥରେ ଗତିର ତାଣ୍ଡବ ଦେଖିବାକୁ ମିଳିଛି।ଏଠାରେ ଛିନ୍ଦୱାଡାରେ ଶୁକ୍ରବାର ବିଳମ୍ବିତ ଦୁଇଟି ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ପାଞ୍ଚ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି।ଦୁର୍ଘଟଣା ଖବର ଶୁଣିବା ଯୁବକମାନଙ୍କ ପରିବାର ଡାକ୍ତରଖାନାରେ ପହଁଞ୍ଚି ହଟ୍ଟଗୋଳ ଆରମ୍ଭ କରିଦେଇଥିଲେ। ଘଟଣାସ୍ଥଳରେ ପହଁଞ୍ଚି ପୋଲିସ ଏବଂ ପ୍ରଶାସନିକ ଅଧିକାରୀମାନେ ଉତ୍ତେଜନା ସୃଷ୍ଟି କରୁଥିବା ଲୋକଙ୍କୁ ଶାନ୍ତ କରିଥିଲେ।ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ ଦୁର୍ଘଟଣା ଅମରୱାଡାର ଚୌରଇ ରୋଡ ସ୍ଥିତ ଚୌରସିୟା ପେଟ୍ରୋଲ ପମ୍ପ ନିକଟରେ ହୋଇଥିଲା।ଦୁଇ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ତିନି ଗୁରୁତର ଆହତ ହୋଇଛନ୍ତି।ତିନିଜଣଙ୍କୁ ଡାକ୍ତରଖାନାକୁ ଅଣାଯାଇଥିଲା ଯେଉଁଠାରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ମତକଙ୍କ ମଧ୍ୟରେ ଦୁଇଜଣ ଯୁବକ ଗୋଟିଏ ପରିବାରର।ମୃତକଙ୍କ ପରିଚୟ ସୁଖରାମ ଯାଦବ(୨୧) ଏବଂ ଆୟୁଷ ଯାଦବ(୧୯) ବାସିନ୍ଦା ଅମରୱାଡା,ଶହଜାଦ (୧୯),ବିକ୍ରମ ଉଇକେ (୧୮) ଏବଂ ଅବିନାଶ ଉଇକେ(୧୮) ବାସିନ୍ଦା ଲିଙ୍ଗପାନୀ।

## ହିମାଚଳ ପ୍ରଦେଶର ଉନାରେ ମିଳିଛି ମିସାଇଲ ଖଣ୍ଡ ,ସମଗ୍ର ଜିଲ୍ଲାରେ ହାଇଆର୍ଲଟ

**ଶିମଳା ,(ହି.ସ):**ହିମାଚଳ ପ୍ରଦେଶର ଉନା ଜିଲ୍ଲାର ଚିନ୍ତାପୁର୍ଣ୍ଣି ଉପବିଭାଗ ଅନ୍ତର୍ଗତ ବେହଡ ଭଟେଡ ଗ୍ରାମୀଣ ଅଞ୍ଚଳର କ୍ଷେତ ନିକଟରେ ଏକ ଖାଲି ସ୍ଥାନରେ ଶନିବାର ସକାଳେ ଗାଁ ଲୋକେ ଏକ କ୍ଷେପଣାସ୍ତ୍ର ଖଣ୍ଡ ସଦୃଶ ସନ୍ଦେହଜନକ ଭଗ୍ନାବଶେଷ ଦେଖିଥିଲେ।ଏହି ଖଣ୍ଡଟି ପଡିଥିବା ପିରଥୀପୁର -ଜୋଡବଡ ସଂଯୋଗୀକରଣ ରାସ୍ତାରେ ମଝିରେ ଥିବା ଖାଲି ସ୍ଥାନରେ ପଡିଥିବା ଦେଖିବାକୁ ମିଳିଥିଲା।ଏହି ଭୟ କରି ଏହି ଖଣ୍ଡଟି କୌଣସି କ୍ଷେପଣାସ୍ତ୍ରର ଅଂଶ ହୋଇପାରେ ବୋଲି ଗାଁ ଲୋକେ ତୁରନ୍ତ ସ୍ଥାନୀୟ ଚିନ୍ତପୁର୍ଣ୍ଣୀ ପୋଲିସକୁ ଖବର ଦେଇଥିଲେ।ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏହି ଖଣ୍ଡ ଶୁକ୍ରବାର ମଧ୍ୟରାତ୍ରି ପରେ ପଡିଥିଲା ଏବଂ ସକାଳ ହେବା ମାତ୍ରେ ଏହାର ସୁଚନା ପାଖରେ ଥିବା ଲୋକମାନେ ଜାଣିବାକୁ ପାଇଲେ।ସୌଭାଗ୍ୟବଶତଃ ଏହି ଖଣ୍ଡଟି ଖାଲି ସ୍ଥାନରେ ପଡିଥିଲା ଏବଂ ତେଣୁ କୌଣସି ଜୀବନ କିମ୍ବା ସମ୍ପତ୍ତିର କ୍ଷତି ହୋଇନାହିଁ।ତେବେ ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଆତଙ୍କର

## ଅପରେସନ ଚକ୍ର-୫: ୮ଟି ରାଜ୍ୟର ୪୨ଟି ସ୍ଥାନରେ ସିବିଆଇର ଚଢାଉ : ୫ ଗିରଫ

**ନୂଆଦିଲ୍ଲୀ,(ହି.ସ):** ସାଇବର ଅପରାଧୀଙ୍କୁ ବେଆଇନ ଭାବରେ ସିମ୍ କାର୍ଡ ଯୋଗାଇବାରେ ସମ୍ପୃକ୍ତ ଏକ ଗ୍ୟାଙ୍ଗ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି କାର୍ଯ୍ୟାନୁଷ୍ଠାନ ଟ୍ରାନ୍ସନ୍ୟାସନାଲ୍ ସାଇବର କ୍ରାଇମ୍ ନେଟୱାର୍କ ଏବଂ 'ଡିଜିଟାଲ୍ ଗିରଫ' ଭଳି ଅପରାଧ ସହିତ ଜଡିତ। 'ଅପରେସନ୍ ଚକ୍ର-୫' ଅଧୀନରେ, ଶନିବାର ୮ଟି ରାଜ୍ୟରେ ବିସ୍ତାରିତ ଏହି ଅପରାଧୀଙ୍କ ୪୨ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାନରେ ୫ ଜଣଙ୍କୁ ଗିରଫ କରାଯାଇଛି। ଆସାମ, ପଶ୍ଚିମବଙ୍ଗ, ବିହାର, ଉତର ପ୍ରଦେଶ, ମହାରାଷ୍ଟ୍ର, ତେଲେଙ୍ଗାନା, କର୍ଣ୍ଣାଟକ ଏବଂ ତାମିଲନାଡୁରେ ଟେଲିକମ୍ ଅପରେଟରମାନଙ୍କ ପଏଂଟ ଅଫ୍ ସେଲ୍ ଏଜେଂଟ ମାନଙ୍କ କାର୍ଯ୍ୟାଳୟରେ ସିବିଆଇ ଚଢାଉ କରିଛି। ଅଭିଯୋଗ ହେଉଛି ଯେ ଏହି ଏଜେଂଟ ମାନେ ସାଇବର ଅପରାଧୀଙ୍କ ସହ ମିଶି ନକଲି ଡକ୍ୟୁମେଂଟ ଆଧାରରେ ସିମ୍ କାର୍ଡ ପ୍ରଦାନ କରୁଥିଲେ। ଏଗୁଡ଼ିକୁ ଡିଜିଟାଲ୍ ଗିରଫ, ନକଲି ବିଜ୍ଞାପନ, ନିବେଶ ଠକେଇ ମାମଲାରେ ବ୍ୟବହାର କରାଯାଉଥିଲା। ଚଢାଉ ସମୟରେ, ସିବିଆଇ ମୋବାଇଲ୍ ଫୋନ୍, ଇଲେକ୍ଟ୍ରୋନିକ୍ ଡିଭାଇସ୍, ସନ୍ଦିଗ୍ଧ କଣଉ ଡକ୍ୟୁମେଂଟ ଏବଂ ଅପରାଧରୁ କିଣାଯାଇଥିବା ସମ୍ପଂତି ସହିତ ଜଡିତ କାଗଜପତ୍ର ଜବତ କରିଛି। ଗିରଫ ହୋଇଥିବା ପାଞ୍ଚ ଜଣ ଅଭିଯୁକ୍ତ ଚାରୋଟି ଭିନ୍ନ ଭିନ୍ନ ରାଜ୍ୟର ଏବଂ ସେମାନଙ୍କ ବିରୁଦ୍ଧରେ ଟେଲିକମ୍ ନିୟମ ଉଲ୍ଲଂଘନ କରି ସିମ୍ କାର୍ଡ ବିକ୍ରି କରିବାର ଅଭିଯୋଗ ରହିଛି।

## ସୋସିଆଲ ମିଡିଆରେ ଭୁଲ ସୂଚନା ପ୍ରତି ସତର୍କ ରୁହନ୍ତୁ

**ନୁଆଦିଲ୍ଲୀ,(ହି.ସ):**କେନ୍ଦ୍ର ସରକାର ନାଗରିକମାନଙ୍କ ଏହି ସମୟରେ ସୋଶିଆଲ ମିଡିଆରେ ପ୍ରସାରିତ ହେଉଥିବା ଭୁଲ ସୁଚନା ପ୍ରତି ସତର୍କ ରହିବାକୁ ନିବେଦନ କରିଛନ୍ତି। ସରକାର ଭାରତ -ପାକିସ୍ଥାନ ଯୁଦ୍ଧ ତୀବ୍ର ହେବା ସହିତ ଭାରତୀୟ ସୈନିକମାନେ କାନ୍ଦୁଥିବା ଏବଂ ପୋଷ୍ଟ ଛାଡିବା ଭଳି ସୋସିଆଲମିଡିଆ ପୋଷ୍ଟକୁ ସରକାର ନକଲି କହି ଖାରଜ କରିଦେଇଥିଲେ।ସରକାର କହିଛନ୍ତି ଯେ ଶ୍ରୀନଗର ବିମାନବନ୍ଦର ପାଖରେ ପ୍ରାୟ ୧୦ଟି ବିସ୍ଫୋରଣ ହେବା ଏବଂ ଜୟପୁର ଏୟାରପୋର୍ଟ ଉପରେ ବିସ୍ଫୋରଣର ଶବ୍ଦ ଶୁଣାଯିବାର ଦାବି ସମ୍ପୁର୍ଣ୍ଣ ମିଥ୍ୟା।ଜଣେ ଭାରତୀୟ ପୋଷ୍ଟ ଧ୍ୱଂସ କରିବାର ଦାବି ମଧ୍ୟ ଭିତ୍ତିହୀନ।ଏହା ବ୍ୟତୀତ ଦିଲ୍ଲୀ- ମୁମ୍ବାଇ ବିମାନ ରୁଟରେ ସେବା ଅସ୍ଥାୟୀ ଭାବରେ ବନ୍ଦ ହେବାର ଦାବି ମିଥ୍ୟା।ଦିଲ୍ଲୀ ଏବଂ ମୁମ୍ବାଇ ଏୟାରପୋର୍ଟର କିଛି ଅଂଶ ବନ୍ଦ କରିବାର ଆଲୋଚନା ସମ୍ପୁର୍ଣ୍ଣ ଭିତ୍ତିହୀନ।ଭାରତ ସରକାରଙ୍କ ପ୍ରେସ ଏବଂ ସୁଚନା କାର୍ଯ୍ୟାଳୟ (ପୀଆଇବୀ)ର ଫ୍ୟାକ୍ଟ ଚେକ ଶାଖା ସୋଶିଆଲ ମିଡିଆରେ ପ୍ରସାରିତ ଏହି ସାମଗ୍ରୀର ତଦନ୍ତ କରିଥିଲା।ପୀଆଇବୀର ତଦନ୍ତରେ ଏପରି ଦାବିଗୁଡିକ ନକଲି ବୋଲି ଜଣାପଡିଥିଲା।ପୀଆଇବୀ ସୈନିକଙ୍କ କାନ୍ଦୁଥିବାର ପୁରୁଣା ଭିଡିଓ ଉପରେ ସତର୍କ ଜାରି କରାଯାଇଛି।ଏଥିରେ ଦାବି କରାଯାଉଛି ଯେ ଭାରତ-ପାକିସ୍ଥାନ ୁଦ୍ଧ ତୀବ୍ର ହେଉଥିବାରୁ ଭାରତୀୟ ସୈନିକମାନେ କାନ୍ଦୁଛନ୍ତି ଏବଂ ସେମାନଙ୍କର ପୋଷ୍ଟ ଛାଡି ଯାଉଛନ୍ତି।ପୀଆଇବୀର ଫ୍ୟାକ୍ଟ ଚେକ ଶାଖା କହିଛନତିକ ଯେ ଏହି ଭିଡିଓ ୨୭ ଅପ୍ରେଲରେ ଇନଷ୍ଟାଗ୍ରାମରେ ପୋଷ୍ଟ କରାଯାଇଥିଲା ଏବଂ ଏହାର ଭାରତୀୟ ସେନା ସହିତ କୌଣସି ସମ୍ପର୍କ ନାହିଁ।ସତ୍ୟ କଥା ହେଉଛି ଭିଡିଓରେ ଏକ ଘରୋଇ ପ୍ରତିରକ୍ଷା କୋଚିଂ ପ୍ରତିଷ୍ଠାନର ଛାତ୍ରମାନେ ଭାରତୀୟ ସେନାରେ ସେମାନଙ୍କ ଚୟନକୁ ପାଳନ କରୁଥିବାର ଦେଖାଯାଉଛି।ଭିଡିଓରେ ଦେଖାଯାଉଥିବା ଯୁବକମାନେ ସେମାନଙ୍କର ସଫଳ ନିଯୁକ୍ତି ଖବର ପାଇବା ପରେ ଖୁସିରେ ଭାବପ୍ରବଣ ହୋଇଛନ୍ତି।

## ଭାରତ-ପାକ୍ ବିବାଦ ମଧ୍ୟରେ ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବୃଦ୍ଧି

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଉପକୂଳ ସୁରକ୍ଷା ନେଇ ଡିଜି କ୍ୟାମ୍ପ ଅଫିସରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ପରେ ପ୍ରତିକ୍ରିୟା ରଖି କୋଷ୍ଟ ଗାର୍ଡ ଏଡିଜି ଅରୁଣ ବୋଥ୍ରା କହିଛନ୍ତି ଯେ, କୋଷ୍ଟାଲ ଏରିଆରେ ସୁରକ୍ଷାକୁ ବଢ଼ାଇ ଦିଆଯାଇଛି । ନାଭି, କୋଷ୍ଟ ଗାର୍ଡ ସହିତ ମିଶି ସୁରକ୍ଷାର ତଦାରଖ କରାଯାଉଛି । ଆମେ ଆଲର୍ଟ ରହିଛୁ । କୋଷ୍ଟାଲ ପୋଲିସ, ମେରାଇନ ଥାନା, ତଟବର୍ତ୍ତୀ ଅଞ୍ଚଳ ବାସିନ୍ଦା ମାନଙ୍କ ସହ ଯୋଗାଯୋଗରେ ଅଛୁ । ତଟବର୍ତ୍ତୀ ଅଞ୍ଚଳବାସୀଙ୍କ ଠାରୁ ଗୁଇନ୍ଦା ସଂଗ୍ରହ କରାଯାଉଛି । ତଟ ସୁରକ୍ଷାରେ ଡ୍ରୋନକୁ ସାମିଲ କରାଯାଇଛି । ନାଭି, କୋଷ୍ଟଗାର୍ଡ ସହିତ ସମନ୍ୱୟ ରକ୍ଷା କରି ସୁରକ୍ଷା କଡ଼ାକଡ଼ି କରାଯାଇଛି । ସଶସ୍ତ୍ର ମେରାଇନ ପେଟ୍ରୋଲିଂ ୨୪ ଘଂଟିଆ କରାଯାଇଛି । ଦେଶରେ ଶତ୍ରୁ ପକ୍ଷକୁ କଡ଼ା ଜବାବ ଦେବା ପାଇଁ ସୁରକ୍ଷାକୁ ଦିଗୁଣିତ କରାଯାଇ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି । ପେଟ୍ରୋଲିଂର ମାନ୍ୱ ସମ୍ବଳକୁ ବଢ଼ାଇ ଦିଆଯାଇଛି । ଅବସର ପ୍ରାପ୍ତ ନାଭାଲ ଅଫିସରଙ୍କ ସଂଖ୍ୟା ୯୦ରୁ ୧୪୨କୁ ବୃଦ୍ଧି କରାଯାଇଛି । ତଟ ବର୍ତ୍ତୀ ମାଛ ଧରା ଅଞ୍ଚଳରେ ପାଞ୍ଚ ଜଣ ଲେଖାଏଁ ଲୋକ ମାନଙ୍କୁ ନେଇ ସ୍ପେଶାଲ ପୋଲିସ ଅଫିସର ନିୟୋଜିତ ହୋଇଛି । ଉପକୂଳରେ ମାଛ ଧରା କେନ୍ଦ୍ରରେ ଏସପିଓ ମାନେ ନିୟୋଜିତ ହୋଇଛନ୍ତି । କୋଷ୍ଟାଲ ଉପକୂଳବର୍ତ୍ତୀ ଅଞ୍ଚଳରେ କମ୍ୟୁନିଟି ପୋଲିସିଂକୁ ପ୍ରାଧାନ୍ୟ ଦିଆଯାଇଛି । ଏହି ବୈଠକରେ ଡିଜିପି, ମୁଖ୍ୟ ଶାସନ ସଚିବ, କୋଷ୍ଟାଲ ଅଫିସର, ଗୁଇନ୍ଦା ନିର୍ଦ୍ଦେଶକ, କେନ୍ଦ୍ରାଞ୍ଚଳ ଆଇଜି, ଆଇନ ଶୃଙ୍ଖଳା ଏଡିଜି, ନେଭି ଅଫିସର ଉପସ୍ଥିତ ରହିଥିଲେ । ଉପକୂଳ ସୁରକ୍ଷା ସହ ରେଳ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ସନ୍ଦିଗ୍ଧଙ୍କ ଉପରେ କଡ଼ା ନଜର ରଖିବା ପାଇଁ ଆରପିଏଫ, ଜିଆରପି ଏବଂ ସିଟି ପୋଲିସକୁ ନିର୍ଦ୍ଦେଶ ରହିଛି । ରେଲୱେ ଷ୍ଟେସନରେ ଅଯଥା ଗହଳିକୁ ଫୋକସ ରହିଛି । ୧୫ଟି ଜିଆରପି ଥାନାର ପୋଲିସ ସଜାଗ ରହିଛି । ରେଲୱେ ଟ୍ରାକ ସୁରକ୍ଷାକୁ ମଧ୍ୟ ନଜରରେ ରଖାଯାଇଛି ।

## ମହିଳାମାନଙ୍କ ପାଇଁ ସମ୍ମାନ, ସୁଯୋଗ ଏବଂ ସମାନତା ସୁନିଶ୍ଚିତ କରିବା ହେଉଛି ସମୟର ଆହ୍ୱାନ : ରାଜ୍ୟପାଳ




**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଯେ କୌଣସି ସମାଜର ଶକ୍ତି ଏହାର ମହିଳାମାନଙ୍କ ପ୍ରତି ପ୍ରଦର୍ଶନ କରାଯାଉଥିବା ବ୍ୟବହାର ଉପରେ ନିର୍ଭର କରେ । ଏଣୁ ଏକ ସୁସ୍ଥ ସମାଜ, ଶକ୍ତିଶାଳୀ ଓ ସମୃଦ୍ଧ ଦେଶ ଗଠନ ନିମନ୍ତେ ପୃଷ୍ଠଭୂମି ଓ ଭୌଗଳିକ ପରିବେଶ ନିର୍ବିଶେଷରେ ମହିଳାମାନଙ୍କ ପାଇଁ ସମ୍ମାନ, ସୁଯୋଗ ଏବଂ ସମାନତା ସୁନିଶ୍ଚିତ କରିବା ହେଉଛି ସମୟର ଆହ୍ୱାନ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି । ଆଜି "ମା' ଘର ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର" ଏବଂ "ଏସ୍.ଏସ୍. ହସ୍ପିଟାଲ, ତାଳଚେର"ର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଆୟୋଜିତ "ବିଶ୍ୱ ମାତୃ ଦିବସ" ପାଳନ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ମାତୃ ଦିବସ କେବଳ ମାତୃତ୍ୱର ଏକ ଉତ୍ସବ ନୁହେଁ, ଏହା ବିଶ୍ୱରେ ପ୍ରତିଦିନ ମା'ମାନଙ୍କର ପାଳନକାରୀ ଆତ୍ମା, ଅସୀମ ସ୍ନେହ ଏବଂ ତ୍ୟାଗର ସ୍ୱୀକୃତି । ଏହା ଏକ ଦିନ ଯାହା ଆମ ପ୍ରତ୍ୟେକଙ୍କ ପାଇଁ ଗଭୀର ଭାବଉଦ୍ରେକକାରୀ ମହତ୍ୱ ବହନ କରେ ବୋଲି ରାଜ୍ୟପାଳ କହିଥିଲେ । ମା'ଘର ଫାଉଣ୍ଡେସନ୍ ଟ୍ରଷ୍ଟ, ଭୁବନେଶ୍ୱର ଏବଂ ଏସ୍.ଏସ୍. ହସ୍ପିଟାଲ, ତାଳଚେରର ମିଳିତ ପ୍ରୟାସରେ "ବିଶ୍ୱ ମାତୃ ଦିବସ" ଅବସରରେ "ସମୟର ଆବଶ୍ୟକତା" ଶୀର୍ଷକ ସେମିନାର ଆୟୋଜନ କରିଥିବାରୁ ରାଜ୍ୟପାଳ ସାଧୁବାଦ ଜଣାଇବା ସହିତ ଆମ ସମାଜ ସମ୍ମୁଖୀନ ହେଉଥିବା ସମସ୍ୟା ସଂପର୍କରେ ଆଲୋଚନା ଓ ବିଚାରବିମର୍ଷ ନିମନ୍ତେ ବୁଦ୍ଧିଜୀବୀ, ନୀତି ନିର୍ଦ୍ଧାରକ, ସାମାଜିକ କର୍ମୀ ଏବଂ ସ୍ୱାସ୍ଥ୍ୟ ସେବା ସହ ଜଡ଼ିତ ବୃତ୍ତିଧାରୀ ଏକତ୍ର ହୋଇଥିବାରୁ ଖୁସି ପ୍ରକଟ କରିଥିଲେ । ଏପରି ପଦକ୍ଷେପ କେବଳ ସମୟୋଚିତ ନୁହେଁ, ବରଂ ସମାବେଶୀ ବିକାଶ, ସଶକ୍ତିକରଣ ଦିଗରେ ଆମର ସାମୁହିକ ଯାତ୍ରାରେ ବହୁତ ଆବଶ୍ୟକ ବୋଲି ରାଜ୍ୟପାଳ କହିଥିଲେ । ଓଡ଼ିଶାର ଦୁର୍ଗମ ଓ ଅନୁନ୍ନତ ଅଞ୍ଚଳରେ ବିଭିନ୍ନ ସମସ୍ୟାର ସମାଧାନ, ଶାନ୍ତି ପ୍ରତିଷ୍ଠା ପାଇଁ ନିରନ୍ତର ପଦକ୍ଷେପ, ମହିଳାମାନଙ୍କୁ ସଶକ୍ତ କରିବା, ଗୋଷ୍ଠୀଙ୍କୁ ପୋଷଣ କରିବା, ଶିକ୍ଷା ଓ କଲ୍ୟାଣମୂଳକ ପଦକ୍ଷେପକୁ ସହଜ କରିବା ଦିଗରେ ଅନୁଷ୍ଠାନର ଉତ୍ସର୍ଗୀକୃତ ପ୍ରଚେଷ୍ଟା ପାଇଁ ଖୁସି ପ୍ରକଟ କରିଥିଲେ । ସେହିପରି ମହିଳାମାନଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଉପରେ ଏସ୍.ଏସ୍. ହସ୍ପିଟାଲ, ତାଳଚେରର ପ୍ରୟାସ ପାଇଁ ଖୁସି ହେବା ସହ ଏହା ଏକ ସୁସ୍ଥ ଏବଂ ଶକ୍ତିଶାଳୀ ସମାଜ ଗଠନରେ ମୂଳଦୂଆ ବୋଲି କହିଥିଲେ । ଏହି ସମାରୋହରେ ସମ୍ମାନନୀୟ ଅତିଥିଭାବେ ଓଡ଼ିଶାର ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଏତଦ୍‌ବ୍ୟତୀତ ସମାରୋହର କୋ-ଅର୍ଗାନାଇଜର ଆଡ୍‌ଭୋକେଟ୍ ଋତୁପର୍ଣ୍ଣା ମହାନ୍ତି ଏବଂ ଡ. ସୁସ୍ମିତା ସାହୁ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରୋଗ୍ରାମ କୋ-ଅର୍ଡିନେଟର ଆଡଭୋକେଟ୍ ଜ୍ଞାନଦୀପ ବିଶ୍ୱପ୍ରସାଦ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶେଷରେ ଟ୍ରଷ୍ଟି ସୁନିତା ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ ।

## ଖୋର୍ଦ୍ଧା ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ : ୪୬୪୪୯ ମାମଲାର ଫଇସଲା

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆଜି ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସର ଯଥା ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଜଟଣୀ, ଟାଙ୍ଗୀ, ଚିଲିକା ଓ ବେଗୁନିଆଠାରେ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଆଇନ୍ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶମତେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଆୟୋଜନ କରାଯାଇଛି । ଆଗତ ସର୍ବମୋଟ ୭୬୪୩୭ ଗୋଟି ମାମଲା ମଧ୍ୟରୁ ୪୬୪୪୯ ଗୋଟି ମାମଲାର ଫଇସଲା କରାଯାଇଥିବାବେଳେ ଜରିମାନା/ ସେଟେଲ୍‌ମେଣ୍ଟ/ ରାଜସ୍ୱ ଆକାରରେ ସର୍ବମୋଟ ୨୬,୨୭,୦୮,୩୯୫ ଟଙ୍କା ଆଦାୟ ହେବା ପାଇଁ ସ୍ଥିରିକୃତ ହୋଇଥିଲା । ଖୋର୍ଦ୍ଧା ଜିଲ୍ଲା ଓ ଦୌରାଜଜ୍ ତଥା ଅଧ୍ୟକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଭୁବନେଶ୍ୱର ବିରଞ୍ଚି ନାରାୟଣ ମହାନ୍ତି, ପରିବାର ଅଦାଲତ ଜଜ ମଦନଲାଲ କେଡ଼ିଆ, ନରେଶ ମହାନ୍ତି, ଅତିରିକ୍ତ ଜିଲ୍ଲା ଜଜ୍ ହିମାଂଶୁ ଶେଖର ମଲ୍ଲିକ, ଶୁଭଞ୍ଜନ ମହାନ୍ତି, ବନ୍ଦନା କରଙ୍କ ସମେତ ବହୁ ପଦସ୍ଥ ବିଚାର ବିଭାଗୀୟ ଅଧିକାରୀମାନେ ଲୋକ ଅଦାଲତରେ ଉପସ୍ଥିତ ରହି ରେକର୍ଡ ସଂଖ୍ୟକ ମାମଲା ଫଇସଲା କରିଥିଲେ । ଉକ୍ତ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ସାଲିସ୍ ଯୋଗ୍ୟ ଜମିଜମା, ଫୌଜଦାରୀ, ରାଜସ୍ୱ, ଗାଡ଼ିମୋଟର ଦୁର୍ଘଟଣା ଜନିତ ମାମଲା, ପାରିବାରିକ ଓ ବୈବାହିକ ମାମଲା, ଶ୍ରମ ଓ ନିଯୁକ୍ତି, ବିଦ୍ୟୁତ ଓ ଜଳ ଯୋଗାଣ, ବ୍ୟାଙ୍କ ଋଣ ଅନାଦେୟ ଏବଂ ଅନ୍ୟାନ୍ୟ ବହୁ ଜନ ଉପଯୋଗୀ ମାମଲାମାନ ଫଇସଲା କରାଯାଇଥିଲା । ପ୍ରାଧିକରଣଙ୍କ ସଚିବ ସଲୋମୀ ସାହୁ ଉପସ୍ଥିତ ରହି ଜିଲ୍ଲା ଅଦାଲତମାନଙ୍କରୁ ହସ୍ତଗତ ହୋଇଥିବା ଲୋକ ଅଦାଲତର ଫଳାଫଳକୁ ଜିଲ୍ଲା ଜଜ୍‌ଙ୍କ ପାଖରେ ଉପସ୍ଥାପନା କରିବା ସହ ଏହାର ସାମଗ୍ରିକ ସଫଳତାକୁ ଦୃଷ୍ଟିରେ ରଖି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କ ପକ୍ଷରୁ ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ରାଜସ୍ୱ ଅଧିକାରୀ, ଆଞ୍ଚଳିକ ଜାତୀୟକରଣ ବ୍ୟାଙ୍କ ଅଧିକାରୀ, ଶାଖା ପରିଚାଳକ, ଆଇନଜୀବୀ, ବୀମା ଅଧିକାରୀ ଏବଂ ଅଦାଲତ କର୍ମଚାରୀମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ପରବର୍ତ୍ତୀ ଲୋକ ଅଦାଲତ ଆସନ୍ତା ସେପେଟମ୍ବର ୧୩ ତାରିଖ ପାଇଁ ଆଗୁଆ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ନ୍ୟାୟ ଅଧିକାର ମିତ୍ର ସିତେଶ ଆଶିଷ ଜେନା, ପ୍ରଣତି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଦୀର୍ଘଦିନରୁ ବିଚାରାଧୀନ ଥିବା ପାରିବାରିକ ବୈବାହିକ ମାମଲାରେ ପ୍ରଥମ ପରିବାର ଅଦାଲତ, ଭୁବନେଶ୍ୱର କୋର୍ଟଙ୍କ ପକ୍ଷରୁ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ପରିବାର ଅଦାଲତ ବାରମ୍ବାର ଆଲୋଚନା ପର୍ଯ୍ୟାଲୋଚନା ମାଧ୍ୟମରେ ବୁଝାମଣା ଭିତ୍ତିରେ ସ୍ୱାମୀ-ସ୍ତ୍ରୀଙ୍କୁ ଏକାଠି କରିବାରେ ସମର୍ଥ ହୋଇ ସେମାନଙ୍କୁ ରି-ୟୁନିୟନ୍ କରାଇଥିଲେ । ସେହିପରି ଦ୍ୱିତୀୟ ପରିବାର ଅଦାଲତ, ଭୁବନେଶ୍ୱରଙ୍କ ପକ୍ଷରୁ ଆଉ ଏକ ବୈବାହିକ ମାମଲାରେ ଉଭୟ ପକ୍ଷଙ୍କୁ ବୁଝାଇବାରେ ସମର୍ଥ ହୋଇ ଉପଯୁକ୍ତ କାଗଜାତ୍‌ରେ ଚୁକ୍ତିନାମା କରାଇ ସେମାନଙ୍କୁ ଏକତ୍ର କରାଇଥିଲେ । ତେଣୁ ଏହିପରି ଭାବରେ ଦୁଇଗୋଟି ବୈବାହିକ ମାମଲାରେ ଦୁଇଗୋଟି ଦମ୍ପତିଙ୍କୁ ଏକତ୍ରିତ କରିବା ସହ ସେମାନେ ପାରସ୍ପରିକ ବୁଝାମଣାରେ ରହିବେ ବୋଲି ଅଦାଲତକୁ ପ୍ରତିଶ୍ରୁତି ଦେଇଥିଲେ ।

## ଭାରତ-ପାକିସ୍ତାନ ବିବାଦ ମଧ୍ୟରେ ଏମ୍ସ ଭୁବନେଶ୍ୱରର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ, ଭୁବନେଶ୍ୱର ତାର ସମସ୍ତ କର୍ମଚାରୀ- ଯେଉଁଥିରେ ଅବକାଶ କିମ୍ବା ଛୁଟିରେ ଯାଇଥିବା କର୍ମଚାରୀ ବି ସାମିଲ ଅଛନ୍ତି । ତାଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ସଂସ୍ଥାନ ପକ୍ଷରୁ ଜାରି ଔପଚାରିକ ନିର୍ଦ୍ଦେଶ ଅନୁସାରେ, ଏହି ନିଷ୍ପତ୍ତି ଦେଶରେ ବର୍ତ୍ତମାନ ସ୍ଥିତିକୁ ଦୃଷ୍ଟିରେ ରଖି ନିଆଯାଇଛି । ଆଦେଶରେ କୁହାଯାଇଛି, 'ଆଗାମୀ ପରିସ୍ଥିତିକୁ ଦୃଷ୍ଟିରେ ରଖି, କୌଣସି ଅଧିକାରୀଙ୍କୁ କୌଣସି ପ୍ରକାରର ଛୁଟି । ଯେଉଁଥିରେ ଅବକାଶ ଓ ପୂର୍ବରୁ ଅନୁମୋଦିତ ଛୁଟି ସାମିଲ ରହିଛି । ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଅନୁମୋଦନ କରାଯିବ ନାହିଁ । କେବଳ ଚିକିତ୍ସା ସମ୍ବନ୍ଧୀୟ କାରଣରେ ଛୁଟି ଦିଆଯିବ । ଆଦେଶ ଅନୁସାରେ, ସମସ୍ତ ପ୍ରକାରର ଛୁଟି । ଯାହା ସଂସ୍ଥା ଦ୍ୱାରା ଅନୁମୋଦିତ ହୋଇଥିବା ବା ସାଧାରଣ ଛୁଟି । ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ବାତିଲ୍ କରାଯାଇଛି । କେବଳ ଚିକିତ୍ସା ଆଧାରିତ ଛୁଟିକୁ ଅନୁମତି ଦିଆଯିବ । ସଂସ୍ଥା ପକ୍ଷରୁ ଏହିଥିରେ ସ୍ପଷ୍ଟ କରାଯାଇଛି ଯେ ପୂର୍ବରୁ ଅନୁମୋଦିତ ସମସ୍ତ ଛୁଟି ବର୍ତ୍ତମାନ ବାତିଲ୍ ହେବ । ଏବଂ ଯେଉଁ କର୍ମଚାରୀ ଏବେ ଛୁଟିରେ ଅଛନ୍ତି, ସେମାନେ ବିନା ବିଳମ୍ବରେ ତୁରନ୍ତ ଡ୍ୟୁଟିକୁ ଫେରିବା ଆବଶ୍ୟକ । ଏହି ନିର୍ଦ୍ଦେଶ ସମସ୍ତ ଫ୍ୟାକଲ୍ଟି ସଦସ୍ୟ, ରେଜିଡେଂଟ ଡାକ୍ତର, ଅନ୍ୟାନ୍ୟ କର୍ମଚାରୀ ଓ ଅଧିକାରୀମାନଙ୍କ ଉପରେ ଲାଗୁ ହୋଇଛି । ସମସ୍ତଙ୍କୁ ଅବଗତ କରାଯାଇଛି ଯେ ସେମାନଙ୍କୁ ତୁରନ୍ତ ଡ୍ୟୁଟିରେ ରିପୋର୍ଟ କରିବାକୁ ପଡିବ । ଏହି ଆଦେଶ ତୁରନ୍ତ ପ୍ରଭାବରେ ଲାଗୁ ହେବ ।

## ସହରରେ ଡ୍ରୋନ ଉଡାଇବା ଉପରେ କଟକଣା

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଭାରତ ପାକିସ୍ତାନ ବିବାଦ ମଧ୍ୟରେ ଟ୍ୱିନସିଟି ପୋଲିସ କମିସନରଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନେକ ନିଷ୍ପତି ହୋଇଛି । ବିଶେଷ କରି ପୋଲିସର ସୁରକ୍ଷା ସମ୍ବନ୍ଧୀୟ ନିର୍ଦ୍ଦେଶାବଳିକୁ ଜନସାଧାରଣ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଶେଷ କରି ସହରରେ ଡ୍ରୋନ ଉଡ଼ାଇବା ଉପରେ କଟକଣା କରାଯାଇଛି । ଡ୍ରୋନ ଉଡାଉଥିବା ବ୍ୟକ୍ତି ଉପରେ କଡା ଆକ୍ସନ ହେବ ବୋଲି ପୋଲିସ କମିସନର ସୁରେଶ ଦେବଦତ୍ତ ସିଂ କହିଛନ୍ତି । ଏହା ସହିତ ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ଼ କରାଯାଇଛି । ସହରର ବଡ଼ ବଡ଼ ପ୍ରତିଷ୍ଠାନରେ ଏସଟିଜି ଏବଂ ଏସଟିୟୁ ମୁତୟନ ହେବେ । ସହରର ସୁରକ୍ଷା, ସନ୍ଦିଗ୍ଧ ଗତିବିଧି ଉପରେ କଡା ନଜର ରହିବା ଉପରେ ଗୁରୁତ୍ୱ ଦିଆଯାଇଛି । ସବୁ ଥାନା ଅଧିକାରୀ ସତର୍କ ରହିବାକୁ ନିର୍ଦ୍ଦେଶ ଦେବା ସହ , କେତେ ଗୁଡିଏ ଥାନାରେ ଷ୍ଟାଟିକ୍ ଫୋର୍ସ ନିୟୋଜିତ ରହିବେ । ଏହାଛଡା ଏନଏସଜି ଟ୍ରେନିଂ ପ୍ରାପ୍ତ କମାଣ୍ଡୋ ସହରର ସୁରକ୍ଷାରେ ମୁତୟନ ହେବେ ବୋଲି ପୋଲିସ କମିଶନର କହିଛନ୍ତି ।

## ରାଜ୍ୟବାସୀଙ୍କୁ ବିଚଳିତ ନହେବାକୁ ପରାମର୍ଶ ଦେଲେ ରାଜସ୍ୱମନ୍ତ୍ରୀ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଭାରତ-ପାକିସ୍ତାନ ବିବାଦ ମଧ୍ୟରେ ବିଚଳିତ ନହେବାକୁ ପରାମର୍ଶ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି ଯେ, କେଉଁଠି କାହିଁକି, କେଉଁ ପରିସ୍ଥିତିରେ ଡ୍ରୋନ ଉଡୁଛି, ତା ଉପରେ ନଜର ରଖାଯାଇଛି । ସରକାର ସଚେତନ ମୂଳକ ପଦକ୍ଷେପ ନେଉଛନ୍ତି । ଲୋକ ବିଚଳିତ ହୁଅନ୍ତୁ ନାହିଁ । ଓଡ଼ିଶାରେ ସେଭଳି ପରିସ୍ଥିତି ନାହିଁ । ବଡ଼ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି । ଏବଂ ତୁରନ୍ତ କାର୍ଯ୍ୟରେ ନିୟୋଜିତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟ ଅଧିକାରୀ ମାନଙ୍କର ମଧ୍ୟ ପରିସ୍ଥିତି ଦେଖି ଆଗାମୀ ସମୟରେ ବାତିଲ ହେବ ଛୁଟି । ଓଡ଼ିଶାରେ ଥିବା କେନ୍ଦ୍ର ସରକାରଙ୍କର ବିଭିନ୍ନ ପ୍ରତିଷ୍ଠାନର ସୁରକ୍ଷା ବୃଦ୍ଧି କରାଯାଇଛି । ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ଭଳି ସ୍ଥାନର ସୁରକ୍ଷା ବଢ଼ାଯାଇଛି । ହୀରାକୁଦ ବନ୍ଧର ସୁରକ୍ଷା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ପ୍ରବେଶ ନିଷେଧ କରାଯାଇଛି । ପୁରୀ ଶ୍ରୀମନ୍ଦିର, ଲିଙ୍ଗରାଜ ମନ୍ଦିର ମଧ୍ୟ ସୁରକ୍ଷା ଭିତରେ ଅଛି । ବଲାଙ୍ଗୀର, କୋରାପୁଟ ଆଦି ସ୍ଥାନରେ ଥିବା ଗୋଳାବାରୁଦ କାରଖାନାରେ ମଧ୍ୟ ସୁରକ୍ଷା ବଢ଼ାଯାଇଛି । ଅତୀତରେ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିବା ଲୋକଙ୍କ ଗତିବିଧି ଉପରେ ଓଡ଼ିଶା ପୋଲିସ ରଖିଛି ତୀକ୍ଷ୍ଣ ନଜର ରଖିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

## ରାଜଧାନୀରେ ଗୁଳିକାଣ୍ଡ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ରାଜଧାନୀରେ ଗୁଳିକାଣ୍ଡ । ଡ଼ମଣା ଛକ କସମସ୍ ବାର୍ ଉପରକୁ ଗୁଳି ଓ ବୋମା ମାଡ ହୋଇଛି । ଗୁଳିମାଡ କରି ଦୁର୍ବୃତ୍ତ ମାନେ ଫେରାର ହୋଇଯାଇଛନ୍ତି । ଗୁଳିମାଡ଼ରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା ବାର । ଘଟଣାସ୍ଥଳରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ପହଞ୍ଚି ସିସିଟିଭି ଯାଞ୍ଚ ଆରମ୍ଭ କରିଛି ।

## ସମସ୍ତଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଲେ ଆଇନ ମନ୍ତ୍ରୀ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଭାରତ-ପାକିସ୍ତାନ ମଧ୍ୟରେ ବଢୁଥିବା ବିବାଦକୁ ଦୃଷ୍ଟିରେ ରଖି ସମସ୍ତଙ୍କୁ ସଜାଗ ରହିବାକୁ ଅପିଲ କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି ଯେ, ସୁରକ୍ଷିତ ଅଛି ଉପକୂଳ ଓଡିଶା । ଯୁଦ୍ଧ ଆଉ ପ୍ରେମ ରେ କୌଣସି ନୀତି ନିୟମ ନାହିଁ । ସେଥିପାଇଁ ଆମେ ପ୍ରସ୍ତୁତ ଅଛୁ । ଯେହେତୁ ବର୍ତ୍ତମାନ ଗୋଟେ ଆପତ୍ତିକାଳୀନ ସ୍ଥିତି ଅଛି ସମସ୍ତ ଦେଶ ଗୋଟେ ଶତ୍ରୁ ବିରୁଦ୍ଧରେ ଲଢୁଛି । ଯେଉଁ ଶତ୍ରୁ ଲମ୍ବା ସମୟ ଧରି ଆମର ସମ୍ମାନ ଉପରେ ଆଞ୍ଚ ଆଣିବାକୁ ଚେଷ୍ଟା କରୁଥିଲା । ବିଭିନ୍ନ ସ୍ଥାନରେ ସୀମା ପାର ଆତଙ୍କବାଦୀ ଭୂମିକା ତିଆରି କରୁଥିଲା । ସେମିତି ଏକ କଦର୍ଯ୍ୟ ଶତ୍ରୁ ବିରୁଦ୍ଧରେ ଆମେ ଲଢେଇ କରୁଛେ ବୋଲି ମନ୍ତ୍ରୀ କହିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ଆମକୁ ଦେଶ ସହ ଠିଆ ହେବାର ଅଛି । ସମଗ୍ର ଦେଶ ଏକ ହୋଇ ଆମର ନାଗରିକ ମାନଙ୍କ ସୁରକ୍ଷା ପାଇଁ ଏକ ପ୍ରକ୍ରିୟା ପାଳନ ହେଉଛି । ସେଥିପାଇଁ ସମସ୍ତଙ୍କ ଛୁଟି ବାତିଲ ହୋଇଛି । ସମସ୍ତଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଇଛନ୍ତି ମନ୍ତ୍ରୀ ।

## ସାମରିକ ପ୍ରତିଷ୍ଠାନର ସୁରକ୍ଷା ସମୀକ୍ଷା

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ସାମରିକ ପ୍ରତିଷ୍ଠାନର ସୁରକ୍ଷାର ସମୀକ୍ଷା କରାଯାଇଛି । ସେହିସବୁ ସ୍ଥାନରେ ସୁରକ୍ଷାକୁ ଦ୍ୱିଗୁଣିତ କରାଯାଇଛି ବୋଲି ଆଇନ ଶୃଙ୍ଖଳା ଏଡିଜି ସଂଜୟ କୁମାର କହିଛନ୍ତି । ସେ କହିଛନ୍ତି ଯେ, ରାଜ୍ୟ ଭିତରେ ଥିବା ବଡ ବଡ ଡ୍ୟାମ ଓ ସୁରକ୍ଷା ପ୍ରତିଷ୍ଠାନର ସୁରକ୍ଷା ବୃଦ୍ଧି କରାଯାଇଛି । କେନ୍ଦ୍ରିୟ ଏଜେନ୍ସି ଓ ଅନ୍ୟାନ୍ୟ ଏଜେନ୍ସି ସହ ଯୋଗାଯୋଗରେ ଅଛୁ । ସବୁ ପ୍ରକାର ପ୍ରତିକୂଳ ପରିସ୍ଥିତିକୁ ସାମନା କରିବାକୁ ପ୍ରସ୍ତୁତ ଅଛୁ । ଓଡିଶା ଏଂଟ୍ରାନ୍ସକୁ ହାଇ ଆଲର୍ଟରେ ରଖାଯାଇଛି । ୫୧୧ କିଲୋମିଟର ଉପକୂଳକୁ କଡା ସୁରକ୍ଷା ଭିତରେ ରଖା ଯାଇଛି । ଡ୍ରୋନ ଆଟାକକୁ ପୁରା ନଜରରେ ରଖାଯାଇଛେ । ଗୃହ ମନ୍ତ୍ରଣାଳୟର ଗାଇଡ୍ ଲାଇନ୍ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବଡ ବଡ଼ ଅନୁଷ୍ଠାନ ଉପରେ ଡ୍ରୋନ ନଜର ଆସିଲେ ତାକୁ ଖସାଇ ଦେବାର ନିର୍ଦ୍ଦେଶ ରହିଛି । ନିୟମ ଉଲ୍ଲଂଘନ କଲେ ତୁରନ୍ତ ଆକ୍ସନ ନେବାକୁ କୁହାଯାଇଛି । ଏହା ସହ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯେକୌଣସି ଡ୍ରୋନ ଦେଖିଲେ ତାକୁ ଖସାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏଡିଜି ସଂଜୟ କୁମାର କହିଛନ୍ତି ।

## ଉତ୍କଳ କନିକା ଗ୍ୟାଲେରିଆ ମଲରେ ଖୋଲିଲା ସେଲିଓ ଷ୍ଟୋର




**ଭୁବନେଶ୍ୱର,(ଡିକେ ନ୍ୟୁଜ):** ପ୍ରସିଦ୍ଧ ଫ୍ରେଞ୍ଚ୍ ମେନ୍ସ ୱେୟାର ବ୍ରାଣ୍ଡ ସେଲିଓ ଏବେ ଓଡିଶାରେ । ରାଜଧାନୀ ଭୁବନେଶ୍ୱରରେ ଭୁବନେଶ୍ୱରରେ ଥିବା ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ରେ ଥିବା ୧୬୦୦ ବର୍ଗଫୁଟ ଆକାରର ଏହି ଷ୍ଟୋରରେ ଆଧୁନିକ ଷ୍ଟାଇଲ ସହ ପ୍ୟାରିସଆନ ଉନ୍ନତ ଫ୍ୟାସନ ଉପଲବ୍ଧ ଅଛି । ଯାହା ଓଡ଼ିଶାର ମେନ୍ସ ୱେୟାର ଏକ ଅଭିନବ ଅନୁଭୂତି ଆଣିବ । ଏହାର ଆରମ୍ଭ ସହ ସେଲିଓ ଭାରତରେ ତାହର ୬୯ତମ ଷ୍ଟୋର ଆରମ୍ଭ କରିଛି । ଏହା ଦେଶରେ ନିଜର ବ୍ରାଣ୍ଡ ବିସ୍ତାର କରିବାର ଏକ ମହ□ପୂର୍ଣ୍ଣ ପଦକ୍ଷେପ । ଅତିଥି ଭାବେ ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ଓ ଉତ୍କଳ କନିକା ଗ୍ୟାଲେରିଆ ମଲ୍ ଜିଏମ୍ ଦୁଲାଲ ଚନ୍ଦ୍ର ସାହୁ ଏହାକୁ ଉଦଘାଟନ କରିଥିଲେ । ସେଲିଓର ନ୍ୟାସନାଲ ସେଲ୍ସ ମ୍ୟାନେଜର ମନୋଜ ଭଟିଜା ଉପସ୍ଥିତ ଥିଲେ । ତେବେ ଏହି ନୂଆ ଷ୍ଟୋରରେ ଅନେକ କଲେକ୍ସନ୍ ଦେଖିବାକୁ ମିଳିବ । ଏଠାରେ ଷ୍ଟାଇଲିଶ୍ କଜୁଆଲ ୱେୟାର, ଏଲିଗେଣ୍ଟ ଫର୍ମାଲ୍ସ ସହ ଆସେସୋରିଜ୍ ବି ରହିଛି । ସେଲିଓର କଲେକ୍ସନ୍‌ର ଆକର୍ଷଣ ହେଉଛି ୧୦୦% ବ୍ରିଦେବଲ୍ ଲାଇନେନ୍ ପୋଷାକ, କୋ-ଅର୍ଡ୍ ସେଟ୍, ଲାଇନେନ୍ ଟ୍ରାଉଜର୍, ଇଜି ଗୋଇଁଗ୍ ସର୍ଟ୍ସ, ରିଲାକ୍ସ ଫିଟ୍ ଜିନ୍ସ, ପ୍ରିଣ୍ଟେଡ୍ ସର୍ଟ୍, ପୋଲୋ, ଟି-ସର୍ଟ୍ ଓ ଏକ ବିଶାଳ ଆନିମେ ଥିମ୍ ରେଞ୍ଜ - ଯାହାରେ ଅଛି ନାରୁଟୋ ଓ ଡିମନ୍ ସ୍ଲେୟର୍ ପରି ପ୍ରସିଦ୍ଧ ଶୀର୍ଷକ । ଭଲ ଟେଲର୍ଡ୍ ଶର୍ଟ୍, ଭିନ୍ନ ଶୈଳୀର ଚିନୋ, ଇଟାଲିଆନ୍ ଇନୋଭେସନ୍ ଡେନିମ୍ ଓ ଷ୍ଟେଟମେଣ୍ଟ ଜାକେଟଗୁଡ଼ିକ ସେଲିଓର ଉତ୍କୃଷ୍ଟ ଗୁଣବତ୍ତା, ସଂପୂର୍ଣ୍ଣ ସ୍ୱଚ୍ଛତା ଓ ଏଫର୍ଟଲେସ୍ ଷ୍ଟାଇଲ୍‌କୁ ପ୍ରତିଫଳିତ କରେ । ସେଲିଓ ଇଣ୍ଡିଆର ସିଇଓ ସତ୍ୟେନ୍ ମୋମୟା କହିଛନ୍ତି, ଫ୍ରାନ୍ସର ପ୍ୟାରିସିୟନ୍ ଫ୍ୟାଶନ୍‌କୁ ଓଡିଶାରେ ଜନପ୍ରିୟ ଏବଂ ଭୁବନେଶ୍ୱରକୁ ନେଇ ଆସିବା ପାଇଁ ଆମେ ଅତ୍ୟନ୍ତ ଉତ୍ସାହିତ । ଏହି ସହର ସଂସ୍କୃତି ଓ ଆଧୁନିକତାର ମିଳନ ସ୍ଥଳ, ଯେଉଁଠାରେ ଆମର ନୂଆ ଷ୍ଟୋର ଉଦ୍‌ଘାଟନ ହେବା ଏକ ସଠିକ୍ ନିଷ୍ପତ୍ତି । ଏହା ଭାରତରେ ଆମ ବ୍ରାଣ୍ଡର ବିସ୍ତାର ପ୍ରତି ଦୃଢ଼ ସଙ୍କଳ୍ପକୁ ପ୍ରମାଣିତ କରିବ । ଗୁଣବତ୍ତାପୂର୍ଣ୍ଣ ଓ ଉନ୍ନତ ଫ୍ୟାଶନ ମାଧ୍ୟମରେ ଉପଭୋକ୍ତାଙ୍କୁ ଆନନ୍ଦିତ କରିବା ଉଦ୍ଦେଶ୍ୟକୁ ନେଇ ଆମେ ଆଗକୁ ବଢୁଛୁ । ସେଲିଓର ଏହି ନୂଆ ଷ୍ଟୋର ଏକ ଆଧୁନିକ, ଆକର୍ଷଣୀୟ ଡିଜାଇନ୍ ସହିତ, ବିଭିନ୍ନ ପ୍ରୋଡକ୍ଟ ଜୋନ୍ ଓ ସ୍ୱାଗତଯୋଗ୍ୟ ଶପିଂ ଅଭିଜ୍ଞତା ଦେବ । ଏହି ଉଦ୍‌ଘାଟନ ସହିତ ସେଲିଓ ଭାରତରେ ତାଙ୍କର ଅଭିବୃଦ୍ଧି ଅଭିଯାନକୁ ଆଗକୁ ନେବ । ଗ୍ରାହକ ହେଲେ ପ୍ରଥମ ଏବଂ ତାଙ୍କ ଅନୁଭୂତି ଓ ଆଧୁନିକ ମେନ୍ସୱେୟାର ଟ୍ରେଣ୍ଡ୍ ସହିତ ଆଜିର ଭାରତୀୟ ପୁରୁଷଙ୍କ ପାଖରେ ପହଞ୍ଚିବା ଲକ୍ଷ୍ୟ ଆଗକୁ ବଢ଼ିବାରେ ସାହାଯ୍ୟ କରିବ ।

## ଆର୍ଯ୍ୟନ ରାଜ କଲିକତାରେ ଅନୁଷ୍ଠିତ ଜୁନିଅର ଫ୍ୟାଶନ ସୋ'ରେ ସାନଦାର ପ୍ରଭାବ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଆର୍ଯ୍ୟନ ରାଜ କଲିକତାରେ ଅନୁଷ୍ଠିତ ଜୁନିଅର ଫ୍ୟାଶନ ୱେଇକରେ ଏକ ଶାନଦାର ପ୍ରଭାବ ସୃଷ୍ଟି କରିଛନ୍ତି । ସେ ସୋ ରେ ହୋଭୋର ବୋର୍ଡ ରେ ଚଳି ଦର୍ଶକମାନଙ୍କୁ ଆକର୍ଷିତ କରିବାରେ ସକ୍ଷମ ହୋଇଥିଲେ । ୨୬ ଏବଂ ୨୭ ଅପ୍ରେଲ ୨୦୨୫ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗେସ୍, କର୍ଣ୍ଣିକା ଏବଂ କିଡସଅପ ପରି ଅନେକ ଅନ୍ତର୍ଜାତୀୟ ବ୍ରାଣ୍ଡର ନୂତନ ଡିଜାଇନ ପ୍ରଦର୍ଶିତ ହୋଇଥିଲା । ଆର୍ଯାନ ହୋଭର ବୋର୍ଡରେ ରାମ୍ପରେ ଚଳି ଆନ୍ତର୍ଜାତୀୟ ବ୍ରାଣ୍ଡ ପ୍ରଦର୍ଶିତ କରି ଏକ ମୁଖ୍ୟ ଆକର୍ଷଣ ହୋଇଥିଲେ । ସଂଗଠକ ତାଙ୍କୁ ଏକ ମୋଡେଲିଂ କ୍ୟାରିଅର ପ୍ରସ୍ତାବ ଦେଇଛନ୍ତି । ଯେଉଁଥିରେ ସେ ଆହୁରି ଅନେକ ଅନ୍ତର୍ଜାତୀୟ ବ୍ରାଣ୍ଡ ଗୁଡିକୁ ପ୍ରଦର୍ଶିତ କରିବା ସହ ଭବିଷ୍ୟତରେ ଅଭିନୟ କିମ୍ବା ଟେଲିଭିଜନ ଆଦି ଅନ୍ୟ ଭୂମିକା ଗୁଡିକ ପାଇଁ ଏକ ସୋପାନ ସାବ୍ୟସ୍ତ ହେବ ।




## ନୋଟିସ୍

ଶ୍ରୀ ପ୍ରଶାନ୍ତ କୁମାର ମହାନ୍ତି ବୟସ ୪୭, ପିତା : ଲକ୍ଷ୍ମୀଧର ମହାନ୍ତି, ଅଠରବାଙ୍କୀ (ଲକପଡା) ପାରାଦ୍ୱୀପ ୭୫୪୧୨୦ଙ୍କର ରାଜସ୍ୱ ମୌଜା ଷଣ୍ଢକୁଦ (ଲକପଡା), ଅଠରବାଙ୍କୀ, ପାରାଦ୍ୱୀପ-୭୫୪୧୨୦ କୁଜଙ୍ଗ ତହସିଲ ଜିଲ୍ଲା ଜଗତସିଂହପୁରରେ ଥିବା ଘରବାରି ୬ ଡ଼ିସିମିଲ ପ୍ଲଟର ଅରଜିନାଲ କବଲା ସେଲ ଡିଡ଼ ନଂ -୧୦୭୫୨୧୦୧୨୫୯ ଏବଂ ପଟ୍ଟାର ଖାତା ନଂ୨୩/୪୧୮ ପ୍ଲଟ ନଂ ୨/୬୧୪ନିଖୋଜ (ମିସପ୍ଲେସ) ହୋଇଯାଇଛି । ସେଥିପାଇଁ ପାରାଦ୍ୱୀପ ଆଦର୍ଶ ଥାନାରେ ଏଫଆଇଆର ଜିଡି ନମ୍ବର - ୦୬ , ୧୦.୦୫.୨୦୨୫ରେ ଦର୍ଜ ହୋଇଛି ।

## AFFIDAVIT

By virtue of an affidavit sworn before the Executive Magistrate, kesinga, Slno 998355 dt -21 April 2025 I Dipak Sahu aged about 38 years, S/O Dhusa Sahu permanent R/O at/po-kesinga, ward no 12, district -kalahandi ,odisha pincode -766012 declare that in my aadhaar card bearing no-973115198264 my name is worangly mantaioned as Prabhulal Sahu s/o of Tusa Sahu instead of Dipak Sahu s/o of Dhusa Sahu. that Prabhulal Sahu & Dipak Sahu is one and same parson i.e my self.

# ସଂପାଦକୀୟ

## 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ'

ବୈଶାଖ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ଭଗବାନ ନୃସିଂହଙ୍କ ଜୟନ୍ତୀ ପାଳନ କରାଯାଇଥାଏ। ମହାନୃସିଂହ ହେଉଛନ୍ତି ଶକ୍ତିର ଦେବତା। ପୌରାଣିକ ମାନ୍ୟତା ଅନୁଯାୟୀ, ଉପରୋକ୍ତ ପବିତ୍ର ତିଥିରେ ଶ୍ରୀହରି ବିଷ୍ଣୁ ନୃସିଂହ ଅବତାରରେ ପ୍ରକଟ ହୋଇଥିଲେ। ସେ ଦୈତ୍ୟରାଜ ହିରଣ୍ୟକଶିପୁର ବଧ କରିଥିଲେ। ଭଗବାନ ବିଷ୍ଣୁ ଅଧର୍ମ ନାଶ କରିବା ଲାଗି ଅନେକ ଅବତାର ନେଇଛନ୍ତି। ସେ ଅବତାର ନେବା ପରେ ପୃଥିବୀରେ ଧର୍ମ ପ୍ରତିଷ୍ଠା ହୋଇଛି। ଶ୍ରୀବିଷ୍ଣୁ ସର୍ବଦା ନିଜ ଭକ୍ତମାନଙ୍କୁ ସଂକଟରୁ ରକ୍ଷା କରିଥାନ୍ତି। ଶ୍ରୀମଦ୍ ଭାଗବତରେ ଆରମ୍ଭରୁ ଭଗବାନ ନୃସିଂହଙ୍କୁ ସ୍ତୁତି କରାଯାଇ ଲେଖାଯାଇଛି 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ'।

ଅଧର୍ମର ବିନାଶ ଲାଗି ଶ୍ରୀହରି ନେଇଥିବା ବିଭିନ୍ନ ଅବତାର ମଧ୍ୟରୁ ନୃସିଂହ ଅବତାରରେ ସେ ଦୈତ୍ୟରାଜ ହିରଣ୍ୟକଶିପୁର ବିନାଶ କରିଥିଲେ। ଧାର୍ମିକ ଗ୍ରନ୍ଥରେ ଥିବା ବର୍ଣ୍ଣନା ଅନୁଯାୟୀ, ଦୈତ୍ୟରାଜ ହିରଣ୍ୟକଶିପୁ ନିଜକୁ ଭଗବାନଙ୍କ ଠାରୁ ଅଧିକ ଶକ୍ତିଶାଳୀ ବୋଲି ଭାବୁଥିଲା। ସେ ବ୍ରହ୍ମାଙ୍କ ଠାରୁ ବରଦାନ ପାଇଥିଲା। ତାକୁ ମନୁଷ୍ୟ, ଦେବତା, ପକ୍ଷୀ, ପଶୁ ମାରିପାରିବେ ନାହିଁ। ଦିନରେ, ରାତିରେ, ଭୂମିରେ, ଆକାଶରେ, ଅସ୍ତ୍ରରେ କିମ୍ବା ଶସ୍ତ୍ରରେ ସେ ମରିବ ନାହିଁ ବୋଲି ବର ପାଇଥିଲା। ଏହି ବର ପାଇଁ ସେ ଅହଂକାରୀ ହୋଇ ଉଠିଥିଲା। ତା'ର ରାଜ୍ୟରେ ଭଗବାନ ବିଷ୍ଣୁଙ୍କୁ ପୂଜା କରୁଥିବା ଲୋକକୁ ସେ ଦଣ୍ଡ ଦେଉଥିଲା। ହିରଣ୍ୟକଶିପୁର ପୁତ୍ର ଥିଲେ ପ୍ରହ୍ଲାଦ। ପ୍ରହ୍ଲାଦ ପିଲାଦିନୁ ଭଗବାନ ବିଷ୍ଣୁଙ୍କର ପରମଭକ୍ତ ଥିଲେ। ଏହି କଥା ଜାଣିବା ପରେ ହିରଣ୍ୟକଶିପୁ କ୍ରୋଧିତ ହୋଇପଡ଼ିଥିଲା। ସେ ପ୍ରହ୍ଲାଦଙ୍କୁ ବୁଝାଇଲା। କହିଲା, ବିଷ୍ଣୁଙ୍କୁ ଛାଡ଼ି ମୋତେ ପୂଜା କର। ମାତ୍ର ପ୍ରହ୍ଲାଦ ଏଥିପାଇଁ ରାଜି ହେଲେ ନାହିଁ। ହିରଣ୍ୟକଶିପୁ ନିଜ ପୁତ୍ରକୁ ମୃତ୍ୟୁଦଣ୍ଡ ଦେଲା। କିନ୍ତୁ ଭଗବାନଙ୍କ ଚମତ୍କାର ଯୋଗୁ ପ୍ରହ୍ଲାଦଙ୍କର କୌଣସି କ୍ଷତି ହେଲା ନାହିଁ। ଭଉଣୀ ହୋଲିକା କୋଳରେ ବସାଇ ପ୍ରହ୍ଲାଦଙ୍କୁ ମାରିବାକୁ ଚାହିଁଲା ହିରଣ୍ୟକଶିପୁ। ମାତ୍ର ନିଆଁରେ ହୋଲିକା ପୋଡ଼ିମଲା। ପ୍ରହ୍ଲାଦଙ୍କର କୌଣସି କ୍ଷତି ହେଲା ନାହିଁ।

ଶ୍ରୀମଦ୍ ଭଗବତ୍ ଗୀତାର ଦଶମ ଅଧ୍ୟାୟ ୩୦ତମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ଉପଦେଶ ଛଳରେ ପାଣ୍ଡପୁତ୍ର ଅର୍ଜ୍ଜୁନଙ୍କୁ କହୁଛନ୍ତି 'ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ କାଳଃ କଳୟତାମହମ୍। ମୃଗାଣାଂ ଚ ମୃଗେନ୍ଦ୍ରୋଽହଂ ବୈନତେୟଶ୍ଚ ପକ୍ଷୀଣାମଃ।' ଅର୍ଥାତ୍ ଦୈତ୍ୟମାନଙ୍କ ମଧ୍ୟରୁ ମୁଁ ହେଉଛି ପ୍ରହ୍ଲାଦ ଏବଂ ଗଣନାକାରୀଙ୍କ ମଧ୍ୟରେ କାଳ ତଥା ମୁଁ ପଶୁ ମାନଙ୍କ ମଧ୍ୟରେ ସିଂହ ଓ ପକ୍ଷୀମାନଙ୍କ ମଧ୍ୟରେ ଗରୁଡ଼। ସହଜ ଅର୍ଥରେ କହିଲେ ଭଗବାନ ଶ୍ରୀକୃଷ୍ଣ ଭକ୍ତ ପ୍ରହ୍ଲାଦଙ୍କୁ ସର୍ବଶ୍ରେଷ୍ଠ ଦୈତ୍ୟ ରୂପେ ବର୍ଣ୍ଣନା କରିଛନ୍ତି। ପ୍ରହ୍ଲାଦଙ୍କ ପବିତ୍ର ଜୀବନ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ। ତାଙ୍କ ଜୀବନରୁ ଆମକୁ ଅନେକ ଶିକ୍ଷା ମିଳିଥାଏ। ଯେପରିକି - ସର୍ବଶକ୍ତିମାନ ଈଶ୍ୱରଙ୍କ ଠାରେ ସର୍ବଦା ବିଶ୍ୱାସ ରଖିବା ଉଚିତ। ନିଶ୍ଚଳ ଭକ୍ତି ପାଇଁ କୌଣସି ବୟସସୀମା ନଥାଏ। ଭଗବାନ ସର୍ବତ୍ର ବିରାଜମାନ କରିଥାନ୍ତି। ଭଗବାନ ସବୁବେଳେ ଉପସ୍ଥିତ ଥାଆନ୍ତି। ଈଶ୍ୱର ନିଜ ଭକ୍ତକୁ ସର୍ବଦା ରକ୍ଷା କରିଥାନ୍ତି। ଦୁଷ୍ଟମାନଙ୍କର ସଂହାର କରିଥାନ୍ତି।

**ଡକ୍ଟର ସୁରେଶ କୁମାର ନାୟକ**
**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ,**
**ଦୂରଭାଷ : ୯୪୩୭୨୨୫୫୯୨**
**E-mail : s271169@gmail.com**

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ।

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# ଶ୍ରୀଜଗନ୍ନାଥଙ୍କ ପ୍ରଧାନ ସେବକ: ଭାବ ବିଶ୍ୱାସରେ ଆମର ଇଷ୍ଟଦେବ 'ଠାକୁର ରାଜା'



ଡାକ୍ତର ସମ୍ରାଟ କର

ଭାରତର ଅନ୍ୟାନ୍ୟ ରାଜବଂଶ ଅଶ୍ୱପତି, ନରପତି, ଛତ୍ରପତି ରୂପେ ସ୍ୱୀକୃତି ପାଇଥିବାବେଳେ ଓଡ଼ିଶାର ପୁରୀ ରାଜବଂଶ 'ଗଜପତି' ଉପାଧିରୁ ଭୂଷିତ ହୋଇଛନ୍ତି। ସୂର୍ଯ୍ୟବଂଶର ସମ୍ରାଟ କପିଳେନ୍ଦ୍ର ଦେବଙ୍କ ସମୟରୁ ଗଜପତି ପରମ୍ପରା ସୃଷ୍ଟି ହୋଇଛି। ଓଡ଼ିଆ ମାନଙ୍କ ଭାବ ବିଶ୍ୱାସ ଓ କୋଟି କୋଟି ଶ୍ରୀଜଗନ୍ନାଥଙ୍କ ଶ୍ରଦ୍ଧାଳୁ ତାଙ୍କୁ 'ଚଳନ୍ତି ବିଷ୍ଣୁ' ତ କେହି କେହି ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ, କେହି କେହି 'ଠାକୁର ରାଜା' ଏହିପରି ଭାବରେ ଡାକିଥାନ୍ତି। ଗଜପତି ହେଉଛନ୍ତି କୋଟି ରାଜାଙ୍କର ମଉଡମଣି। ଓଡ଼ିଆ ଲୋକ ବିଶ୍ୱାସରେ ଗଜପତି ମହାରାଜ ଆମର ଇଷ୍ଟଦେବ। ଓଡ଼ିଆ ଜନଜୀବନର ପ୍ରାଣକେନ୍ଦ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ଓ ମୁଖ୍ୟ ସେବକ। ଆଧ୍ୟାତ୍ମିକତା ଓ ପରମ୍ପରିକ ଭିତ୍ତିରେ ଶ୍ରୀମନ୍ଦିର ସହ ଗଜପତିଙ୍କ ସମ୍ପର୍କ ରହିଛି। ସ୍ୱାଧୀନତା ପରେ ଅର୍ଥାତ୍ ୧୯୫୨ ମସିହାରେ ଶ୍ରୀମନ୍ଦିର ଜଣେ ପ୍ରଶାସକଙ୍କ ଦ୍ୱାରା ପରିଚାଳିତ ହୋଇଥାଏ। କିନ୍ତୁ ଶ୍ରୀମନ୍ଦିର ପରିଚାଳନା କମିଟିର ସଭାପତି ହେଉଛନ୍ତି ଗଜପତି। ପୁରୀ ଗଜପତି ମହାରାଜା ମାନଙ୍କର ଶାସନ ଓ ଶ୍ରୀମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କ ସେବାପୂଜା ଓଡ଼ିଶାର ଜନଜୀବନ ଏବଂ ଧର୍ମ ଚେତନାକୁ ପ୍ରଭାବିତ କରି ରଖିଛି। ଦେଶ ସ୍ୱାଧୀନତା ଲାଭ ପରେ ଯଦିଓ ଗଜପତିଙ୍କର ଶାସନ ଧୂମିଳ ହୋଇଯାଇଛି, ତଥାପି ଶ୍ରୀଜଗନ୍ନାଥଙ୍କ ସହ ତାଙ୍କର ସଂପୃକ୍ତି ସୁସ୍ପଷ୍ଟ। ଆଜି ବି ଓଡ଼ିଶାବାସୀ ପୁରୀ ଗଜପତି ମହାରାଜାଙ୍କୁ ବିଷ୍ଣୁଙ୍କର ଚଳନ୍ତି ପ୍ରତିମା ବିବେଚନା କରିଥାଆନ୍ତି। ସୂର୍ଯ୍ୟବଂଶର ପ୍ରତିଷ୍ଠାତା କପିଳେନ୍ଦ୍ର ଦେବ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟୋତ୍କଳ କଲବେର୍ଗେଶ୍ୱର ଉପାଧି ଧାରଣ କରି ତାଙ୍କର ସାମ୍ରାଜ୍ୟକୁ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ଅର୍ପଣ କରିଥିଲେ।

ଗଜପତି ପରମ୍ପରା : ଏହି ପରମ୍ପରା ପ୍ରକୃତ ଅୟମାରମ୍ଭ କେବେ ଠାରୁ ସେ ସମ୍ପର୍କରେ ମତାନ୍ତର ରହିଛି ମାତ୍ର ଏହା ସତ୍ୟ ଯେ, ଗଜପତି ରାଜାମାନେ ଚାରିଟି ନାମରେ ନାମିତ। ପରମ୍ପରା ଅନୁଯାୟୀ ଜଣଙ୍କ ଅନ୍ତେ ଅନ୍ୟ ଜଣେ ଗଜପତି ଉପାଧିରେ ଭୂଷିତ ହୁଅନ୍ତି ଓ ପ୍ରଦତ୍ତ ନାମ ଧାରଣ କରନ୍ତି। ଚାରୋଟି ନାମଧାରୀ ଗଜପତି ହେଲେ ଶ୍ରୀ ଶ୍ରୀ ରାମଚନ୍ଦ୍ର ଦେବ, ଶ୍ରୀ ଶ୍ରୀ ମୁକୁନ୍ଦ ଦେବ, ଶ୍ରୀ ଶ୍ରୀ ବୀରକେଶରୀ ଦେବ, ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ। ଗଜପତି ମହାରାଜାଙ୍କ ପରି ମହାରାଣୀ ମାନଙ୍କର ନାମ ମଧ୍ୟ ପରିବର୍ତ୍ତନ ହୋଇଥାଏ ଯେପରି ଶ୍ରୀମତୀ ପଦ୍ମାବତୀ ପାଟ ମହାଦେଈ, ଶ୍ରୀମତୀ ଚନ୍ଦ୍ରମଣି ପାଟ ମହାଦେଈ, ଶ୍ରୀମତୀ ସୂର୍ଯ୍ୟମଣି ପାଟ ମହାଦେଈ, ଶ୍ରୀମତୀ ଲୀଳାବତୀ ପାଟ ମହାଦେଈ। ପରମ୍ପରା ଅନୁଯାୟୀ ରାଜ ସିଂହାସନ କେବେ ଶୂନ୍ୟ ରହେନାହିଁ। ଏହା ଏକ ବିରଳ ପରମ୍ପରା। ଗଜପତିଙ୍କ ସେବା ବଂଶାନୁକ୍ରମିକ। ଗଜପତି ମହାରାଜାଙ୍କ ଦେହାନ୍ତେ ତାଙ୍କର ଆତ୍ମଜ ଜ୍ୟେଷ୍ଠପୁତ୍ର କିମ୍ବା ପୋଷ୍ୟପୁତ୍ରଙ୍କୁ ଅଭିଷେକ କରାଯାଏ। ଆବଶ୍ୟକ ପଡ଼ିଲେ ମୁଦିରସ୍ତଙ୍କୁ ମଧ୍ୟ ସେବା ପୂଜାର ଦାୟିତ୍ୱ ବହନ କରିବାର ବିଧି ରହିଛି। କେବଳ ପୁରୁଷ ହିଁ ଉତ୍ତରାଧିକାର ହୋଇ ରାଜା ହୋଇପାରିବେ। ନୂତନ ଗଜପତି ଅଭିଷିକ୍ତ ହେବା ପରେ ତାଙ୍କର ପ୍ରଥମ ଦାୟିତ୍ୱ ହେଉଛି ପରଲୋକଗତ ଗଜପତିଙ୍କ ମୃତ ଶରୀରର ସତ୍କାର ପାଇଁ ବ୍ୟବସ୍ଥା କରାଇବା। ପରମ୍ପରା ଅଛି, ଯେ ପର୍ଯ୍ୟନ୍ତ ନୂତନ ଗଜପତି ରାଜଗାଦିରେ ଅଭିଷିକ୍ତ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ପୂର୍ବ ଗଜପତିଙ୍କର ଶବ ସତ୍କାର ହୋଇପାରିବ ନାହିଁ।

ଗଜପତିଙ୍କ ସେବା ପ୍ରାପ୍ୟ : ପ୍ରତ୍ୟହ ମଙ୍ଗଳ ଆଳତି, ପ୍ରସାଦ ଓ ପହୁଡ଼ବେଳେ ଶ୍ରୀଜଗନ୍ନାଥ ବାଡ଼ର ପଇଡ଼, ମାଳଚୂଳ ଆଦି ଶ୍ରୀନଅରକୁ ଯାଏ। ପାଳିଆ ମୁଖ ପଖାଳ ପଢ଼ିଆରୀ ଦୈନିକ ଅବକାଶ ଜଳ ଦେଇଥାଏ। ପ୍ରତ୍ୟେକ ଧୂପରେ, ପର୍ବପର୍ବାଣୀ, ଶ୍ରାଦ୍ଧ ଓ ସ୍ୱନକ୍ଷତ୍ରରେ ବଡୁ ମହାପାତ୍ର ନଅରକୁ ଟାଟ ନେଇଯାଏ। ଏତଦବ୍ୟତୀତ ରାଜା, ରାଣୀ ଓ ତାଙ୍କର ସନ୍ତାନଙ୍କ ଜନ୍ମ ଦିନରେ ମନ୍ଦିରରେ ଅଧିକା ଭୋଗ ହୋଇ ନଅରକୁ ଟାଟ ଯାଏ। ବର୍ତ୍ତମାନ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗଜପତି ମହାରାଜାଙ୍କୁ ମାସିକ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥରାଶି ସମ୍ମାନ ସ୍ୱରୂପ ପ୍ରଦାନ କରାଯାଉଛି।

ଗଜପତି ଓ ଶ୍ରୀଜଗନ୍ନାଥ : ଶ୍ରୀଜଗନ୍ନାଥଙ୍କ ସହ ଗଜପତି ମହାରାଜାଙ୍କ ସମ୍ପର୍କ ଅତ୍ୟନ୍ତ ଅନ୍ତରଙ୍ଗ ଓ ବହୁ ପ୍ରାଚୀନ। ପ୍ରାଚୀନ କାଳରୁ ଗଜପତି ମହାରାଜାମାନେ ଶ୍ରୀଜଗନ୍ନାଥଙ୍କୁ ଉତ୍କଳର ରାଜା ତଥା ଆରାଧ୍ୟ ଦେବତା ଭାବରେ ସ୍ୱୀକାର କରିବା ସହ ତାଙ୍କରି ଅଧୀନରେ ରହି ଶାସନଭାର ଗ୍ରହଣ କରିଥିଲେ। ମହାପ୍ରଭୁଙ୍କ ଠାରେ ସମସ୍ତ ଆଦେଶନାମା ପ୍ରକାଶ କରି ତାଙ୍କ ଅନୁମୋଦନକ୍ରମେ ରାଜ୍ୟ ଶାସନ ଚଳାଉଥିଲେ। ଗଜପତି ମହାରାଜାମାନେ ଯେପରି ବୀର ଥିଲେ ସେପରି ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଥିଲେ। ଶ୍ରୀଜଗନ୍ନାଥଙ୍କ ପ୍ରତି ଥିଲା ସେମାନଙ୍କର ଅଖଣ୍ଡ ବିଶ୍ୱାସ। କୌଣସି ସମସ୍ୟାର ସମ୍ମୁଖୀନ ହେଲେ ନିଜର ଇଷ୍ଟଦେବ ଶ୍ରୀଜଗନ୍ନାଥଙ୍କ ଚରଣାବିନ୍ଦରେ ଆଶ୍ରୟ ନେଉଥିଲେ।

ଗଙ୍ଗବଂଶୀୟ ରାଜା ଚୋଡ଼ଗଙ୍ଗ ଦେବଙ୍କ ପୁତ୍ର ତୃତୀୟ ଅନଙ୍ଗଭୀମ ଦେବ ୧୨୩୬ ଖ୍ରୀ.ଅ.ରେ ଏକ ଶିଳାଲେଖରେ ନିଜକୁ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କର 'ରାଉତ' ବା 'ସେବକ' ବୋଲି ଉଲ୍ଲେଖ କରିଛନ୍ତି। ଅନ୍ୟ ଏକ ଶିଳାଲେଖରେ ତାଙ୍କର ପୁତ୍ର ନରସିଂହଦେବ (୧ମ) ନିଜକୁ 'ପୁରୁଷୋତ୍ତମ ପୁତ୍ର' ଭାବେ ଅଭିହିତ କରିଛନ୍ତି। ଅନଙ୍ଗଭୀମ ଦେବଙ୍କ ଅଣନାତି ଭାନୁଦେବ (୨ୟ) ନିଜକୁ ଶ୍ରୀଜଗନ୍ନାଥଙ୍କ 'ପ୍ରଭୁ' ବା 'ସ୍ୱାମୀ' ଭାବରେ ସ୍ୱୀକାର କରିଛନ୍ତି। ସୂର୍ଯ୍ୟବଂଶୀ ରାଜା ଗଜପତି କପିଳେନ୍ଦ୍ର ଦେବ ଶ୍ରୀଜଗନ୍ନାଥଙ୍କୁ 'ରାଷ୍ଟ୍ର ଦେବତା' ବା 'ଜାତୀୟ ଦେବତା' ଭାବେ ମାନିଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ଶିଳାଲେଖରେ ମହାରାଜା ପ୍ରତାପରୁଦ୍ର ଦେବ ଘୋଷଣା କରିଛନ୍ତି ଯେ ତାଙ୍କର ଆଦେଶ ଅମାନ୍ୟ କଲେ 'ଶ୍ରୀଜଗନ୍ନାଥ ଦ୍ରୋହ' ହେବ। ଏଇଥିରୁ ସ୍ପଷ୍ଟ ଅନୁମେୟ, ଗଜପତି ମହାରାଜାମାନେ ସବୁବେଳେ ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ରଦେବତା ବା ରାଷ୍ଟ୍ରମୁଖ୍ୟ ଭାବରେ ଗ୍ରହଣ କରି ତାଙ୍କର ସେବକ ବା ଭୃତ୍ୟ ଭାବରେ ରହିବାକୁ ପସନ୍ଦ କରିଛନ୍ତି। ଶାସନ ସଂକ୍ରାନ୍ତରେ ପୁରୁଷୋତ୍ତମ ହିଁ ଉତ୍କଳଖଣ୍ଡର ସର୍ବଶ୍ରେଷ୍ଠ ପୁରୁଷ ଭାବରେ କଳ୍ପିତ ହୋଇଛନ୍ତି। ବାସ୍ତବରେ ସେ ହେଉଛନ୍ତି ଉତ୍କଳର ଯଥାର୍ଥ ଶାସନକର୍ତ୍ତା ଓ ସର୍ବଶ୍ରେଷ୍ଠ ଦେବତା।

**ମାନସିକ ରୋଗ ବିଶେଷଜ୍ଞ,**
**ଦି'ବ୍ରେନ୍, ପୁରୀଘାଟ ରୋଡ଼,**
**କଟକ, ମୋ୯୧୩୨୪୩୩୩୩୩**

# ଅଧର୍ମ ବିନାଶକାରୀ ଭଗବାନ ନୃସିଂହ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବୈଶାଖ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ଭଗବାନ ନୃସିଂହଙ୍କ ଜୟନ୍ତୀ ପାଳନ କରାଯାଇଥାଏ। ମହାନୃସିଂହ ହେଉଛନ୍ତି ଶକ୍ତିର ଦେବତା। ପୌରାଣିକ ମାନ୍ୟତା ଅନୁଯାୟୀ, ଉପରୋକ୍ତ ପବିତ୍ର ତିଥିରେ ଶ୍ରୀହରି ବିଷ୍ଣୁ ନୃସିଂହ ଅବତାରରେ ପ୍ରକଟ ହୋଇଥିଲେ। ସେ ଦୈତ୍ୟରାଜ ହିରଣ୍ୟକଶିପୁର ବଧ କରିଥିଲେ। ଭଗବାନ ବିଷ୍ଣୁ ଅଧର୍ମ ନାଶ କରିବା ଲାଗି ଅନେକ ଅବତାର ନେଇଛନ୍ତି। ସେ ଅବତାର ନେବା ପରେ ପୃଥିବୀରେ ଧର୍ମ ପ୍ରତିଷ୍ଠା ହୋଇଛି। ଶ୍ରୀବିଷ୍ଣୁ ସର୍ବଦା ନିଜ ଭକ୍ତମାନଙ୍କୁ ସଂକଟରୁ ରକ୍ଷା କରିଥାନ୍ତି। ଶ୍ରୀମଦ୍ ଭାଗବତରେ ଆରମ୍ଭରୁ ଭଗବାନ ନୃସିଂହଙ୍କୁ ସ୍ତୁତି କରାଯାଇ ଲେଖାଯାଇଛି 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ'।

ଅଧର୍ମର ବିନାଶ ଲାଗି ଶ୍ରୀହରି ନେଇଥିବା ବିଭିନ୍ନ ଅବତାର ମଧ୍ୟରୁ ନୃସିଂହ ଅବତାରରେ ସେ ଦୈତ୍ୟରାଜ ହିରଣ୍ୟକଶିପୁର ବିନାଶ କରିଥିଲେ। ଧାର୍ମିକ ଗ୍ରନ୍ଥରେ ଥିବା ବର୍ଣ୍ଣନା ଅନୁଯାୟୀ, ଦୈତ୍ୟରାଜ ହିରଣ୍ୟକଶିପୁ ନିଜକୁ ଭଗବାନଙ୍କ ଠାରୁ ଅଧିକ ଶକ୍ତିଶାଳୀ ବୋଲି ଭାବୁଥିଲା। ସେ ବ୍ରହ୍ମାଙ୍କ ଠାରୁ ବରଦାନ ପାଇଥିଲା। ତାକୁ ମନୁଷ୍ୟ, ଦେବତା, ପକ୍ଷୀ, ପଶୁ ମାରିପାରିବେ ନାହିଁ। ଦିନରେ, ରାତିରେ, ଭୂମିରେ, ଆକାଶରେ, ଅସ୍ତ୍ରରେ କିମ୍ବା ଶସ୍ତ୍ରରେ ସେ ମରିବ ନାହିଁ ବୋଲି ବର ପାଇଥିଲା। ଏହି ବର ପାଇଁ ସେ ଅହଂକାରୀ ହୋଇ ଉଠିଥିଲା। ତା'ର ରାଜ୍ୟରେ ଭଗବାନ ବିଷ୍ଣୁଙ୍କୁ ପୂଜା କରୁଥିବା ଲୋକକୁ ସେ ଦଣ୍ଡ ଦେଉଥିଲା। ହିରଣ୍ୟକଶିପୁର ପୁତ୍ର ଥିଲେ ପ୍ରହ୍ଲାଦ। ପ୍ରହ୍ଲାଦ ପିଲାଦିନୁ ଭଗବାନ ବିଷ୍ଣୁଙ୍କର ପରମଭକ୍ତ ଥିଲେ। ଏହି କଥା ଜାଣିବା ପରେ ହିରଣ୍ୟକଶିପୁ କ୍ରୋଧିତ ହୋଇପଡ଼ିଥିଲା। ସେ ପ୍ରହ୍ଲାଦଙ୍କୁ ବୁଝାଇଲା। କହିଲା, ବିଷ୍ଣୁଙ୍କୁ ଛାଡ଼ି ମୋତେ ପୂଜା କର। ମାତ୍ର ପ୍ରହ୍ଲାଦ ଏଥିପାଇଁ ରାଜି ହେଲେ ନାହିଁ। ହିରଣ୍ୟକଶିପୁ ନିଜ ପୁତ୍ରକୁ ମୃତ୍ୟୁଦଣ୍ଡ ଦେଲା। କିନ୍ତୁ ଭଗବାନଙ୍କ ଚମତ୍କାର ଯୋଗୁ ପ୍ରହ୍ଲାଦଙ୍କର କୌଣସି କ୍ଷତି ହେଲା ନାହିଁ। ଭଉଣୀ ହୋଲିକା କୋଳରେ ବସାଇ ପ୍ରହ୍ଲାଦଙ୍କୁ ମାରିବାକୁ ଚାହିଁଲା ହିରଣ୍ୟକଶିପୁ। ମାତ୍ର ନିଆଁରେ ହୋଲିକା ପୋଡ଼ିମଲା। ପ୍ରହ୍ଲାଦଙ୍କର କୌଣସି କ୍ଷତି ହେଲା ନାହିଁ।

ଶ୍ରୀବିଷ୍ଣୁଙ୍କର ଦଶ ଅବତାର ମଧ୍ୟରେ ଭଗବାନ ନୃସିଂହ ଚତୁର୍ଥ ଅବତାର ଅଟନ୍ତି। ସିଂହ ଭଳି ମସ୍ତକ ଏବଂ ମନୁଷ୍ୟ ଶରୀର ଧାରଣ କରି ପ୍ରଭୁ ନୃସିଂହ ବୈଶାଖ ମାସ ଶୁକ୍ଳ ଚତୁର୍ଦ୍ଦଶୀରେ ଆବିର୍ଭୂତ ହୋଇଥିଲେ। ଭକ୍ତ ପ୍ରହ୍ଲାଦଙ୍କୁ ନିର୍ଯାତନା ମୁକ୍ତ କରିବା ପାଇଁ ପ୍ରଭୁ ନୃସିଂହ ରୂପରେ ସ୍ତମ୍ଭରୁ ବାହାରି ରାକ୍ଷସରାଜ ହିରଣ୍ୟକଶିପୁର ବଧ କରିଥିବା ପୁରାଣରେ ବର୍ଣ୍ଣନା ରହିଛି। ନୃସିଂହ ପୁରାଣରେ ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ନୃସିଂହ ବ୍ରତ ଏବଂ ପୂଜାର ଫଳ କଥା ବର୍ଣ୍ଣନା କରାଯାଇଛି। ଏଥିରେ ଭକ୍ତ ପ୍ରହ୍ଲାଦଙ୍କ ଭକ୍ତି ବିଷୟରେ ପ୍ରଭୁ ନୃସିଂହ କହିଛନ୍ତି ପୂର୍ବ ଜନ୍ମରେ ଅବନ୍ତୁ ନଗରୀରେ ବାସ କରୁଥିବା ସୁଜ୍ଞାନୀ ବ୍ରାହ୍ମଣ ବସୁ ଶର୍ମାଙ୍କ ପୁତ୍ର ଥିଲେ ପ୍ରହ୍ଲାଦ। ବିଦ୍ୟା ଅଧ୍ୟୟନ ଛାଡ଼ି ସେ ସୁରାପାନ ଏବଂ ଗଣିକାଳୟ ଗମନ ଆଦି କୁକର୍ମରେ ଲିପ୍ତ ରହିଥିଲେ। ଏକଦା ଗଣିକାଙ୍କ ସହ କଳହ କରି ସେ ସେହି ଦିନ ଉପବାସ ଏବଂ ରାତି ଉଜାଗର ରହିଲେ। ଉକ୍ତ ଗଣିକା ମଧ୍ୟ ତାଙ୍କ ସହ ଉଜାଗର ରହିଲା। ଭାଗ୍ୟକୁ ସେଦିନ ଥିଲା ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ।

ନୃସିଂହ ଜୟନ୍ତୀ ଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ସ୍ନାନ ଆଦି କର୍ମରୁ ନିବୃତ୍ତ ହୋଇ ସ୍ୱଚ୍ଛ ବସ୍ତ୍ର ଧାରଣ କରିବା ଉଚିତ। ଭଗବାନ ନୃସିଂହଙ୍କୁ ବିଧିବିଧାନ ଅନୁଯାୟୀ ପୂଜା କରିବା ଆବଶ୍ୟକ। ଭଗବାନ ନୃସିଂହଙ୍କ ସହିତ ଦେବୀ ଲକ୍ଷ୍ମୀଙ୍କ ମୂର୍ତ୍ତି ସ୍ଥାପନ କରନ୍ତୁ। ଏହା ପରେ ମନ୍ତ୍ର ଉଚ୍ଚାରଣ କରି ଭଗବାନ ନୃସିଂହଙ୍କ ଷୋଡ଼ଶୋପଚାର ପୂଜା କରନ୍ତୁ। ଭଗବାନ ନୃସିଂହଙ୍କ ପୂଜା ନିମନ୍ତେ ଫଳ, ଫୁଲ, କୁଙ୍କୁମ, କେସର, ଶ୍ରୀଫଳ, ଅକ୍ଷତ, ପୀତାମ୍ବର ରଖିବା ଉଚିତ। ଗଙ୍ଗାଜଳ, କଳା ରାଶି, ପଞ୍ଚଗବ୍ୟ ଏବଂ ହୋମ ଆଦି ସାମଗ୍ରୀ ମଧ୍ୟ ପୂଜାରେ ଉପଯୋଗ କରାଯାଇପାରିବ। ଭଗବାନ ନୃସିଂହଙ୍କୁ ପ୍ରସନ୍ନ କରିବା ଲାଗି ନୃସିଂହ ଗାୟତ୍ରୀ ମନ୍ତ୍ର 'ଓଁ ଉଗ୍ରନୃସିଂହାୟ ବିଦ୍ମହେ ବଜ୍ରନଖାୟ ଧୀମହି ! ତନ୍ନୋ ନରସିଂହ ପ୍ରଚୋଦୟାତ୍।' କିମ୍ବା 'ଓଁ ବଜ୍ରନଖାୟ ବିଦ୍ମହେ ତୀକ୍ଷ୍ଣଦଂଷ୍ଟ୍ରାୟ ଧୀମହି, ତନ୍ନୋ ନରସିଂହ ପ୍ରଚୋଦୟାତ୍' ଜପ କରିବା ଉଚିତ। ପୂଜା ଶେଷ ହେବା ପରେ ମଧ୍ୟ କୁଶ ନିର୍ମିତ ଆସନରେ ବସି ରୁଦ୍ରାକ୍ଷ ମାଳା ଦ୍ୱାରା ନୃସିଂହ ଭଗବାନଙ୍କ ମନ୍ତ୍ର ଜପ କରାଯାଇପାରିବ। ଏହି ଦିନ ନିଜ ସାମର୍ଥ୍ୟ ଅନୁଯାୟୀ, ରାଶି, ସୁବର୍ଣ୍ଣ କିମ୍ବା ବସ୍ତ୍ରାଦି ଦାନ କରିବା ଉଚିତ। ଏହି ବ୍ରତ କରୁଥିବା ବ୍ୟକ୍ତି ସମଗ୍ର ଲୌକିକ ଦୁଃଖରୁ ମୁକ୍ତି ପାଇଥାଏ। ନୃସିଂହଙ୍କ ମନ୍ତ୍ର 'ଓଁ ଉଗ୍ରଂ ବୀରଂ ମହାବିଷ୍ଣୁଂ ଜ୍ୱଳନ୍ତଂ ସର୍ବତୋମୁଖମ୍। ନୃସିଂହଂ ଭୀଷଣଂ ଭଦ୍ରଂ ମୃତ୍ୟୁ ମୃତ୍ୟୁଂ ନମାମ୍ୟହମ୍।' 'ଓଁ ନୃମ ନୃମ ନୃମ ନରସିଂହାୟ ନମଃ।' ମନ୍ତ୍ର ଦ୍ୱାରା ମଧ୍ୟ ନୃସିଂହ ଭଗବାନଙ୍କୁ ଉପାସନା କରାଯାଇପାରିବ।

ଶ୍ରୀମଦ୍ ଭଗବତ୍ ଗୀତାର ଦଶମ ଅଧ୍ୟାୟ ୩୦ତମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ଉପଦେଶ ଛଳରେ ପାଣ୍ଡପୁତ୍ର ଅର୍ଜ୍ଜୁନଙ୍କୁ କହୁଛନ୍ତି 'ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ କାଳଃ କଳୟତାମହମ୍। ମୃଗାଣାଂ ଚ ମୃଗେନ୍ଦ୍ରୋଽହଂ ବୈନତେୟଶ୍ଚ ପକ୍ଷୀଣାମଃ।' ଅର୍ଥାତ୍ ଦୈତ୍ୟମାନଙ୍କ ମଧ୍ୟରୁ ମୁଁ ହେଉଛି ପ୍ରହ୍ଲାଦ ଏବଂ ଗଣନାକାରୀଙ୍କ ମଧ୍ୟରେ କାଳ ତଥା ମୁଁ ପଶୁ ମାନଙ୍କ ମଧ୍ୟରେ ସିଂହ ଓ ପକ୍ଷୀମାନଙ୍କ ମଧ୍ୟରେ ଗରୁଡ଼। ସହଜ ଅର୍ଥରେ କହିଲେ ଭଗବାନ ଶ୍ରୀକୃଷ୍ଣ ଭକ୍ତ ପ୍ରହ୍ଲାଦଙ୍କୁ ସର୍ବଶ୍ରେଷ୍ଠ ଦୈତ୍ୟ ରୂପେ ବର୍ଣ୍ଣନା କରିଛନ୍ତି। ପ୍ରହ୍ଲାଦଙ୍କ ପବିତ୍ର ଜୀବନ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ। ତାଙ୍କ ଜୀବନରୁ ଆମକୁ ଅନେକ ଶିକ୍ଷା ମିଳିଥାଏ। ଯେପରିକି - ସର୍ବଶକ୍ତିମାନ ଈଶ୍ୱରଙ୍କ ଠାରେ ସର୍ବଦା ବିଶ୍ୱାସ ରଖିବା ଉଚିତ। ନିଶ୍ଚଳ ଭକ୍ତି ପାଇଁ କୌଣସି ବୟସସୀମା ନଥାଏ। ଭଗବାନ ସର୍ବତ୍ର ବିରାଜମାନ କରିଥାନ୍ତି। ଭଗବାନ ସବୁବେଳେ ଉପସ୍ଥିତ ଥାଆନ୍ତି। ଈଶ୍ୱର ନିଜ ଭକ୍ତକୁ ସର୍ବଦା ରକ୍ଷା କରିଥାନ୍ତି। ଦୁଷ୍ଟମାନଙ୍କର ସଂହାର କରିଥାନ୍ତି। ଅଜ୍ଞାତରେ ହେଲେ ବି ସେ ଦୁହେଁ ଉପବାସ ରହିଛି ସେ ଦିନ ବ୍ରତ ପାଳନ କରିଥିବାରୁ ସମସ୍ତ ପାପରୁ ମୁକ୍ତ ହେଲେ। ପୂଣ୍ୟ ଅର୍ଜନ କରିଥିବାରୁ ଉକ୍ତ ଗଣିକା ବ୍ରତ ଫଳରୁ ଅପସରା ହୋଇ ସ୍ୱର୍ଗକୁ ଫେରିଗଲା। ଭକ୍ତ ପ୍ରହ୍ଲାଦ ହିରଣ୍ୟକଶିପୁର ପୁତ୍ର ରୂପେ ଜନ୍ମ ନେଇ ଶ୍ରୀବିଷ୍ଣୁଙ୍କ ପରମ ଭକ୍ତ ହେଲେ। ନୃସିଂହ ବ୍ରତ କଲେ ଭକ୍ତ ଦୀର୍ଘାୟୁ, ଧନ, ଐଶ୍ୱର୍ଯ୍ୟ ଲାଭ କରିଥାଏ। ମହିଳାମାନେ ସ୍ୱାମୀ-ସନ୍ତାନ ସୁଖ ପ୍ରାପ୍ତ କରିଥାନ୍ତି। ଏହି ଦିନ ପୁରୀ ଶ୍ରୀମନ୍ଦିରରେ ନୃସିଂହ ଜନ୍ମୋତ୍ସବ ପାଳନ କରାଯାଇଥାଏ।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,**
**କଟକ, ଦୂରଭାଷ : ୯୪୩୭୦୩୧୨୫୩**

# ତାତିରୁ ନାହିଁ ମୁକ୍ତି



ହିମାଂଶୁ ଶେଖର ଆଚାର୍ଯ୍ୟ

କାଳବୈଶାଖୀ ଯୋଗୁଁ ରାଜ୍ୟରେ କିଛିଦିନ ଧରି ତାତି କମ୍ ରହିଥିଲା । ଏବେ ପୁଣି ରାଜ୍ୟକୁ ଧୀରେଧୀରେ ତାତି ଫେରିଛି । ଗତ ଦୁଇଦିନ ଆଭ୍ୟନ୍ତରୀଣ ଓଡିଶାରେ ତାତି ଦୁଇରୁ ତିନି ଡିଗ୍ରୀ ବଢ଼ିଛି । ପାଣିପାଗ ବିଭାଗ ତରଫରୁ ଏନେଇ ପୂର୍ବାନୁମାନ କରାଯାଇଥିଲା । ସମ୍ବଲପୁର ଓ ଝାରସୁଗୁଡାରେ ତାତି ୪୩ଡିଗ୍ରୀ ଛୁଇଁଛି । ଉପକୂଳ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଗରମ ଓ ଗୁଳୁଗୁଳି ଜାରି ରହିଛି । ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତିରେ ଅସହ୍ୟ ଗରମ ଅନୁଭୂତ ହେଉଛି । ଆଗାମୀ କିଛିଦିନ ଏହିପରି ସ୍ଥିତି ଲାଗିରହିବ ବୋଲି କୁହାଯାଉଛି। ଏଥିସହିତ ଗ୍ରୀଷ୍ମପ୍ରବାହ ପାଇଁ ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, କୋରାପୁଟ, ମାଲକାନଗିରି ପାଇଁ ୟେଲୋଓ୍ୱାର୍ଣ୍ଣିଂ ଜାରି ହୋଇଛି । ଦିନେ ଦୁଇଦିନ ଭିତରେ ତାପମାତ୍ରା ୪୫ଡିଗ୍ରୀ ଛୁଇଁପାରେ ବୋଲି କୁହାଯାଇଛି ।

ସୂଚନାଯୋଗ୍ୟ ଯେ, ବାୟୁମଣ୍ଡଳରେ ଜଳୀୟବାଷ୍ପ ନାହିଁ। ମାଟି ପୁରା ଶୁଖିଲା। ଉତ୍ତର ପଶ୍ଚିମରୁ ପବନ ନାହିଁ। ଦକ୍ଷିଣ ପଶ୍ଚିମ ଦିଗରୁ ପବନ ଆସୁଛି । ତେଣୁ ଆଗକୁ ଗରମ ଅଧିକ ଅନୁଭୂତ ହୋଇପାରେ। ସ୍ଥିତି ଏମିତି ଯେ ସତେ ଯେମିତି ଲାଗୁଛି ଏଥର ଗ୍ରୀଷ୍ମର ପ୍ରବାହ ଅଧିକ ରହିବ । ଏବେ ଠାରୁ ଏତେ ଗରମ, ଆଗକୁ ତାହାଲେ ନିଆଁ ବର୍ଷିବ । ଉଲ୍ଲେଖ ଯୋଗ୍ୟଯେ ପୂର୍ବରୁ ମଧ୍ୟ ଫେବୃଆରୀରୁ ତାପମାତ୍ରା ବଢ଼ିବାର ରେକର୍ଡ ରହିଛି। ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଫେବୃୟାରୀ ମାସରେ ତାତି ବଢ଼ିବାର ଉଦାହରଣ ରହିଛି । ୧୯୬୩ ଫେବୃଆରୀ ଭୁବନେଶ୍ୱର ତାପମାତ୍ରା ୪୨.୩ ଡିଗ୍ରୀ ସେଲ୍‌ସିୟସ୍ ରହିଥିବା ବେଳେ, ୨୦୧୨ରେ ୪୦.୧ଡିଗ୍ରୀ, ୨୦୧୬ରେ ୪୦.୯ଡିଗ୍ରୀ, ୨୦୧୯ରେ ୩୯.୪ଡିଗ୍ରୀ ରହିଥିଲା।ବିଗତ ଦିନରେ ଭୁବନେଶ୍ୱରରେ ତାତି ରେକର୍ଡ ହୋଇଥିବା ସର୍ବାଧିକ ହୋଇଥିବା ଆମେ ଜାଣିଛେ। ଏବର୍ଷ ମାର୍ଚ୍ଚମାସ ବା ଫଗୁଣରୁ ତାତିକୁ ଦେଖି ଚଳିତବର୍ଷର ତାତିର ପୁନରାବୃତ୍ତି ହୋଇପାରେ ବୋଲି ଆଶଙ୍କା କରାଯାଉଛି ।

ଏବେ ଋତୁଚକ୍ରରେ ଅସ୍ୱାଭାବିକ ପରିବର୍ତ୍ତନ ହେଉଛି । ଆଗଭଳି ଆଉ ଛଅ ଋତୁ ଅନୁଭବ କରିହେଉନି। ଛଅଋତୁ ଆଜି ସାତ ସପନ । ଶରତ, ଶୀତ ଓ ବସନ୍ତ କ୍ରମଶଃ ମାନସ ପଟରୁ ହଜିଗଲେଣି। ଏବେ କେବଳ ଗ୍ରୀଷ୍ମ ,ବର୍ଷା ଓ ଶୀତ ତିନୋଟି ଋତୁ ଅନୁଭବ କରିହେଉଛି । ଏଥିମଧ୍ୟରୁ ପ୍ରାୟ ସାତ ଆଠ ମାସ ଗ୍ରୀଷ୍ମର ପ୍ରକୋପ ଜାରି ରହୁଛି କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ, ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା। ସବୁଠି ହା-ହୁତାଶମୟ ପରିବେଶ। କହିବା ବାହୁଲ୍ୟ ଯେ, ଋତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛି ବସନ୍ତ । ଋତୁରାଜ ସେ । ଫାଲଗୁନ-ଚୈତ୍ର, ନା ଥାଏ ଖରା, ନା ଶୀତ । ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ। ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ଯେଉଁ ସମୟରେ ବସନ୍ତ ଋତୁ ଅନୁଭବ ହେବା କଥା ସେହି ସମୟରେ ରାଜ୍ୟରେ ଯେଉଭଳି ହାରରେ ତାପମାତ୍ରା ବଢ଼ିଛି ତାକୁ ଦେଖିଲେ ଲାଗୁଛି ବସନ୍ତ ସମେତ ଶରତ ଓ ହେମନ୍ତ ଅଚିରେ ହଜିଯିବ ଓ ଗ୍ରୀଷ୍ମର ପ୍ରକୋପ ବଢ଼ି ବଢ଼ି ଚାଲିବ । ନିକଟରେ ପାଣିପାଗରେ ବିଶେଷ କିଛି ପରିବର୍ତ୍ତନ ହେବାର ନାହିଁ। ମାର୍ଚ୍ଚ ଓ ଏପ୍ରିଲରେ ଅଧିକରୁ ଅଧିକ ତାତି ଅନୁଭୂତ ହେବ ବୋଲି ପ୍ରାକ୍ ଆକଳନ କରାଯାଇଛି । ଏପରିକି କଟକ ଓ ଭୁବନେଶ୍ୱର ସହରରେ ମଧ୍ୟ ତାତି ଚିନ୍ତାଜନକ ହୋଇରହିବ।

ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ଦେଶ ତଥା ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ଏହି କଥାକୁ ଆଖି ଆଗରେ ରଖି ୧୯୭୨ ମସିହାରୁ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି । ସେହିପରି ଆମ ଦେଶରେ ୧୯୫୦ ମାସିହାରୁ ପ୍ରତିବର୍ଷ ଜୁଲାଇ ପହିଲାରୁ ସପ୍ତାହବ୍ୟାପୀ ବନ ମହୋତ୍ସବ ପାଳିତ ହୋଇ ଆସୁଅଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜନସଚେତନ ସୃଷ୍ଟି କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା। ଯାହାଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ । ଏସବୁ ସତ୍ତ୍ୱେ ପୃଥିବୀ ସମେତ ଆମ ଦେଶ ତଥା ରାଜ୍ୟରେ ପ୍ରତିବର୍ଷ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି । ଫଳରେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ହୋଇପାରୁନାହିଁ । ଫଳସ୍ୱରୂପ, ତାପାୟନ ବଢ଼ିଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି ଓ ବୃଷ୍ଟିପାତ ହ୍ରାସ ପାଉଛି । ବିଗତ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟା ହେଉଛି । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ । ସୂଚନାଯୋଗ୍ୟ ଯେ, ୧୯୯୮ମସିହାରେ ରାଜ୍ୟରେ ଅଂଶୁଘାତରେ ୨୦୪୨ ଜଣଙ୍କ ଜୀବନ ଯାଇଥିବା ବେଳେ ୨୦୧୫ପରେ ଏହା କ୍ରମାଗତ ଭାବେ ହ୍ରାସ ପାଉଥିଲା। ୨୦୧୬ରେ ୫୪ଜଣ, ୨୦୧୭ରେ ୪୫ଜଣ, ୨୦୧୮ରେ ୬୦ଜଣ, ୨୦୧୯ରେ ୫୦ଜଣ, ୨୦୨୦ରେ ୧୨ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ରହିଛି।

କାରଣ ଖୋଜିଲେ ଜଣାପଡେ ବଢ଼ି ଚାଲିଛି କଂକ୍ରିଟ ଜଙ୍ଗଲ। ଗଛକଟା ଅବାଧରେ ଚାଲିଛି। କାଗଜ କଲମରେ ନୂଆ ଚାରାଗଛ ଲଗାଯାଉଛି । କିନ୍ତୁ ସେଥିରୁ ବଞ୍ଚୁଛି କେତେ ତାହାର ହିସାବ କାହା ପାଖରେ ନାହିଁ। 'ମଣିଷ ଟିଏ-ଗଛଟିଏ' ସ୍ଲୋଗାନ କାଗଜ କଲମରେ ସୀମିତ ରହିଛି। ଆମେ ଜାଣିଛେ ପରିବେଶରେ ସନ୍ତୁଳନ ପାଇଁ ବ୍ୟାପକ ବୃକ୍ଷ ରୋପଣ ଦରକାର। କେବଳ ସରକାରଙ୍କ ଉପରେ ଛାଡିଦେଲେ ହେବନାହିଁ। ଆମକୁ ମଧ୍ୟ ବୃକ୍ଷରୋପଣ କରୁବାକୁ ହେବ ଓ ତାକୁ ବଞ୍ଚାଇ ରଖିବାକୁ ହେବ। ଏଥିପାଇଁ 'ମଣିଷଟିଏ-ଗଛଟିଏ' ସ୍ଲୋଗାନ ଉପରେ ଗୁରୁତ୍ୱ ଦେବାକୁ ହେବ। ଏଠାରେ ସୂଚନା ଯୋଗ୍ୟ ଯେ ବଦଳୁଛି ଜଳବାୟୁ ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଏଥି ସହିତ ଏଲ୍‌ନିନୋର ପ୍ରଭାବ ଯୋଗୁ ଶୁଷ୍କବାୟୁ ପ୍ରବାହିତ ହେବା ସହ ଅସ୍ୱାଭାବିକ ତାପମାତ୍ରା ବଢୁଛି । ଯହାର ପ୍ରଭାବ ଜନଜୀବନ ଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କ ଉପରେ ପଡୁଛି । ଏବେ ଠାରୁ ଆକଳନ କରାଯାଉଛି ଚଳିତବର୍ଷ ଜୁନ ପର୍ଯ୍ୟନ୍ତ ତାତିର ପ୍ରକୋପ ନିଶ୍ଚୟ ରହିବ। ଏବେ ଠାରୁ ତାହା ଜଳଜଳ ହୋଇ ଦେଖାଗଲାଣି ।

**ଅବସରପ୍ରାପ୍ତ ଅଧ୍ୟାପକ,**
**ତିର୍ତ୍ତୋଲ, ଜଗତସିଂହପୁର, ମୋ - ୯୩୩୭୨୨୧୯୨୪**

# ନ୍ୟାୟପାଳିକାରେ ସ୍ୱଚ୍ଛତା



ସୌଭାଗ୍ୟ ରଂଜନ ମହାନ୍ତି

ସୁପ୍ରିମକୋର୍ଟର ୩୩ଜଣ ବିଚାରପତିଙ୍କ ମଧ୍ୟରୁ ୨୧ଜଣ ବିଚାରପତିଙ୍କ ସମ୍ପତ୍ତି ତାଲିକା ଘୋଷଣା ଏବଂ ଗତ ଚାରିବର୍ଷ ମଧ୍ୟରେ ହାଇକୋର୍ଟ ଗୁଡିକରେ ବିଚାରପତିମାନଙ୍କ ନିଯୁକ୍ତି ପ୍ରକ୍ରିୟା ପ୍ରକାଶ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟାଙ୍କ ନିଷ୍ପତି ନିଶ୍ଚିତ ଭାବେ ଅଦ୍ଭୂତପୂର୍ବ ଏବଂ ବିଚାର ବିଭାଗରେ ସ୍ୱଚ୍ଛତା ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇପାରିବ। ସୁପ୍ରିମକୋର୍ଟଙ୍କ ଏଭଳି ଅଦ୍ଭୂତପୂର୍ବ ନିଷ୍ପତି ଆସିଛି ଏପରି ଏକ ସମୟରେ, ଯେଉଁ ସମୟରେ ବିଚାର ବିଭାଗର ଅନିନ୍ଦନୀୟ ମର୍ଯ୍ୟାଦା ଅଭିଯୋଗର କଳାବାଦଲ ଦ୍ୱାରା ଡାଙ୍କି ହୋଇଯାଇଛି। ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଶବନ୍ତ ବର୍ମାଙ୍କ ବାସଭବନରୁ କୋଟି କୋଟି ଟଙ୍କାର ନୋଟ ବିଡ଼ା ଜବତ ହେବା ପରେ ବିଚାର ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ବିଚାରପତି ବର୍ମାଙ୍କ ବାସଭବନରୁ ବିଡ଼ା ବିଡ଼ା ନୋଟ ଜବତ ପରେ ବିଚାର ବିଭାଗର ଶଠତା ଓ ଅସ୍ୱଚ୍ଛତା ନେଇ ଉପ-ରାଷ୍ଟ୍ରପତି ଜଗଦୀପ ଧନକର ସର୍ବସାଧାରଣରେ କଟୁ ସମାଲୋଚନା କରିଥିଲେ। କେବଳ ଉପ-ରାଷ୍ଟ୍ରପତି ନୁହଁନ୍ତି, ବିଜେପିର ଦୁଇଜଣ ସାଂସଦ ମଧ୍ୟ ବିଚାରପତିମାନଙ୍କ କାର୍ଯ୍ୟକଳାପ ନେଇ ପ୍ରଶ୍ନ ଉଠାଇଥିଲେ। ସୁପ୍ରିମକୋର୍ଟ ଏବେ ଦେଶରେ ସ୍ୱେଚ୍ଛାଚାରୀତା ମୁହାଁ ହୋଇଛି ଏବଂ ପ୍ରଧାନ ବିଚାରପତି ଗୃହ ଯୁଦ୍ଧ ପାଇଁ ଅଗ୍ରସର ହେଉଥିବା ନେଇ ବିଜେପି ସାଂସଦ ନିଶିକାନ୍ତ ଦୁବେ ଅଭିଯୋଗ କରିଥିଲେ। ତେବେ ସୁପ୍ରିମକୋର୍ଟ ଦୁବେଙ୍କ ବିରୁଦ୍ଧରେ ଅଦାଲତ ଅବମାନନା ମାମଲା ଦାୟର କରିବାକୁ ମଧ୍ୟ ମନା କରିଦେଇଥିଲେ। ଏହା ନିସନ୍ଦେହ ଯେ, ଭାରତୀୟ ଗଣତନ୍ତ୍ରରେ ନ୍ୟାୟପାଳିକା ବା ସୁପ୍ରିମକୋର୍ଟ ହେଉଛନ୍ତି, ସମ୍ବିଧାନର ତୃତୀୟ ସ୍ତମ୍ଭ ଏବଂ ଦେଶର ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ଓ ସ୍ୱଚ୍ଛତାର ପ୍ରତୀକ। ଯେତେବେଳେ ସରକାର ବା ଶାସକ ସ୍ୱେଚ୍ଛାଚାରୀ ଆଭିମୁଖ୍ୟ ଗ୍ରହଣ କରେ ବା ସମ୍ବିଧାନ ବିରୋଧି ଆଇନ ପ୍ରଣୟନ କରେ, ସେତେବେଳେ ନ୍ୟାୟପାଳିକା ସମ୍ବିଧାନର ସୁରକ୍ଷା ନେଇ କାର୍ଯ୍ୟ କରିଥାନ୍ତି। ମାତ୍ର ବିଚାରପତିଙ୍କ ଘରୁ ପୁଳା ପୁଳା ନୋଟ ବିଡ଼ା ଜବତ ହେବା ଘଟଣା ନ୍ୟାୟପାଳିକାର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ। ଏହା ନିଶ୍ଚିତ ଯେ, ନ୍ୟାୟପଳିକା ନିଜର ମର୍ଯ୍ୟାଦା, ସ୍ୱଚ୍ଛତା ବଜାୟ ରଖିବା ଲାଗି ବିଚାରପତିଙ୍କ ବିରୁଦ୍ଧରେ ତଦନ୍ତ ନିର୍ଦ୍ଦେଶ ଦେବା ସହ ସୁପ୍ରିମକୋର୍ଟ ବିଚାରପତିମାନଙ୍କ ସମ୍ପତି ତାଲିକା ସାର୍ବଜନୀନ କରିଛଁି । ସେହି ଗତ ୪ବର୍ଷ ମଧ୍ୟରେ ଦେଶର ବିଭିନ୍ନ ହାଇକୋର୍ଟଗୁଡିକରେ ବିଚାରପତିଙ୍କ ନିଯୁକ୍ତି ପ୍ରକ୍ରିୟା ତଥା କଲେଜିୟମ ଦ୍ୱାରା ବିଚାରପତିଙ୍କ ନାମ ସୁପାରିଶ, ସିଟିଂ ତଥା ପୂର୍ବତନ ବିଚାରପତିଙ୍କ ସହ ସେମାନଙ୍କର ସମ୍ପର୍କ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଠାରୁ ଗ୍ରହଣ କରିଥିବା ତଥ୍ୟ ଆଦି ସମ୍ପର୍କରେ ସାର୍ବଜନୀନ କରିବା ପାଇଁ ସର୍ବୋଚ୍ଚ ଅଦାଲତ ନିଷ୍ପତି ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ ବିଚାରପତି ବର୍ମାଙ୍କ ବିରୁଦ୍ଧରେ ବିଚାରପତିଙ୍କୁ ନେଇ ଗଠିତ ୩ଜଣିଆ ତଦ' କମିଟିର ରିପୋର୍ଟକୁ ପ୍ରଧାନ ବିଚାରପତି ଜଷ୍ଟିସ ଖାନ୍ନା ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଇଥିବା ଜଣାଯାଏ। ସେହିପରି ଏକ ରିପୋର୍ଟ ଅନୁସାରେ ଜଷ୍ଟିସ ବର୍ମାଙ୍କୁ ଇସ୍ତଫା ଦେବା ଲାଗି ବିକଳ୍ପ ପ୍ରସ୍ତାବ ଦିଆଯାଇଥିବା କୁହାଯାଏ। କିନ୍ତୁ ବିଚାରପତି ବର୍ମା ଇସ୍ତଫା ଦେବେ ନାହିଁ ବୋଲି କହିଥିବା ରିପୋର୍ଟ ପ୍ରକାଶ ପାଇଛି। କହିବା ବାହୁଲ୍ୟ ଯେ, ଆମ ଦେଶରେ ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟ ବିଚାରପତି ଯଦି ସ୍ୱେଚ୍ଛାକୃତ ପଦତ୍ୟାଗ ନକରନ୍ତି, ସମ୍ବିଧାନର ଧାରା ୧୨୪(୪) ଅନୁଯାୟୀ ମହାଭିଯୋଗ ପ୍ରସ୍ତାବ ଦ୍ୱାରା ପାର୍ଲିଆମେଂଟ ବହିଷ୍କାର କରିବା କ୍ଷମତା ରହିଛି। ଯଦି ଜଷ୍ଟିସ ବର୍ମା ନିଜ ଆଡୁ ଇସ୍ତଫା ନଦିଅନ୍ତି, ତେବେ ମହାଭିଯୋଗ ପ୍ରକ୍ରୀୟା ଆରମ୍ଭ ହେବା ସମ୍ଭାବନାକୁ ଅଣଦେଖା କରାଯାଇନପାରେ। ଏହା ନିସନ୍ଦେହ ଯେ, ଯେତେବେଳେ ଜଣେ ବିଚାରପତିଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ଆସେ, ସାଧାରଣ ଲୋକଙ୍କ ନ୍ୟାୟାଳୟ ପ୍ରତି ଆସ୍ଥା, ବିଶ୍ୱାସ ହ୍ରାସ ପାଇବାକୁ ଲାଗେ। ସୁପ୍ରିମକୋର୍ଟଙ୍କ ପୂର୍ଣ୍ଣାଙ୍ଗ ବେଂଚ ଏବଂ ପ୍ରଧାନ ବିଚାରପତି ଗ୍ରହଣ କରିଥିବା ପଦକ୍ଷେପ ନିଶ୍ଚିତ ଭାବେ ନ୍ୟାୟ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ବିଶ୍ୱାସନୀୟତାକୁ ଅତୁଟ ରଖିବାରେ ସହାୟକ ହେବ। ଉଚ୍ଚସ୍ତରୀୟ ତଦନ୍ତ କମିଟିର ରିପୋର୍ଟ ଆଧାରରେ ଜଷ୍ଟିସ ବର୍ମାଙ୍କ ବିରୁଦ୍ଧରେ ନିରପେକ୍ଷ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,**
**ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,**
**ମୋ.୭୯୭୮୬୬୬୪୦୩**

# ତୃତୀୟ ଥର ରାଜ୍ୟପାଳ ପୁରସ୍କାର ପାଇଲା ଗଜପତି ଜିଲ୍ଲା ସ୍କାଉଟସ ଓ ଗାଇଡ଼ସ୍

**ଗଜପତି ,(ଡିକେ ନ୍ୟୁଜ):** ଭୁବନେଶ୍ୱର ସ୍ଥିତ ରାଜଭବନ ଅଭିଷେକ ହଲରେ ୨୦୨୪ ଶିକ୍ଷା ବର୍ଷର ରାଜ୍ୟପାଳ ପୁରସ୍କାର ବିତରଣ ଉତ୍ସବ ଗତ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ହରିବାବୁ କମ୍ଭମପାଟି ଯୋଗ ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ରାଜ୍ୟର ପ୍ରଥମ ଗାଇଡ଼ସ ତଥା ରାଜ୍ୟପାଳଙ୍କ ଧର୍ମ ପତ୍ନୀ ମାନନିୟା ଜୟଶ୍ରୀ କମ୍ଭମ ପାଟି, ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ମାନ୍ୟବର ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ମୁଖ୍ୟ କମିଶନର ଡ଼. କାଳି ପ୍ରସାଦ ମିଶ୍ର, ପଦ୍ମଶ୍ରୀ ଦେବୀ



ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍କାଉଟସ ଓ ଗାଇଡ଼ସର ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଗଜପତି ଜିଲ୍ଲା ସ୍କାଉଟସ ଓ ଗାଇଡ଼ସକୁ ଶ୍ରେଷ୍ଠ ଜିଲ୍ଲା ଭାବେ ପୁରସ୍କୃତ କରିଥିଲେ ମାନ୍ୟବର ରାଜ୍ୟପାଳ। ଯାହାକି ଗଜପତି ଜିଲ୍ଲାର ଶିକ୍ଷା ବିଭାଗ ପାଇଁ ସ୍ମରଣୀୟ ଅଟେ। କାରଣ ଏହା ଜିଲ୍ଲାପାଇଁ ତୃତୀୟ ଥର ଥିଲା। ପୁରସ୍କାରଟିକୁ ଗଜପତି ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ମୁଖ୍ୟ କମିଶନର ଡ଼. ମାୟାଧର ସାହୁ ଓ ଜିଲ୍ଲା ସମ୍ପାଦକ ସୁରେନ୍ଦ୍ର କୁମାର ପାତ୍ର ଉକ୍ତ ମର୍ଯ୍ୟାଦା ଜନକ ପୁରସ୍କାର ମାନ୍ୟବର ରାଜ୍ୟପାଳଙ୍କ ଠାରୁ ଗ୍ରହଣ କରିଥିଲେ। ଏହାସହ ଗଣଶିକ୍ଷାମନ୍ତ୍ରୀଙ୍କ ଠାରୁ ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୌମ୍ୟରଞ୍ଜନ ସାହୁ ପୁରସ୍କାର ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଗଜପତି ଜିଲ୍ଲାର ସମସ୍ତ ସ୍କାଉଟସ ଶିକ୍ଷକ ଓ ଗାଇଡ଼ସ ଶିକ୍ଷୟତ୍ରୀ ଏବଂ ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଏହାର ଶ୍ରେୟ ଦେଇଛନ୍ତି ଜିଲ୍ଲା ଶିକ୍ଷାଧିକାରୀ ଏବଂ ସୁରେନ୍ଦ୍ର କୁମାର ପାତ୍ର।

## ଖଣ୍ଡା ଦେଖାଇ ୨ ଲକ୍ଷ ୪୦ ହଜାର ଲୁଟ୍

**ନବରଙ୍ଗପୁର,(ଡିକେ ନ୍ୟୁଜ):** ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ନୂଆକୋଟ ପଞ୍ଚାୟତ ସିନ୍ଧିଗୁଡା ଗ୍ରାମର କେ ଏଙ୍କା ପାତ୍ରଙ୍କୁ ୪ ମୁଖା ପିନ୍ଧା ଦୁର୍ବୃତ୍ତ ମାନେ ଖଣ୍ଡା ଦେଖାଇ ୨ ଲକ୍ଷ ୪୦ ହଜାର ଟଙ୍କା ଲୁଟି ନେଇଛନ୍ତି । ଟଙ୍କା ନେଇ ଘଟଣା ସ୍ଥଳରୁ ଫେରାର ହେଲେ ଦୁର୍ବୃତ୍ତ ମାନେ। ପୋଲିସକୁ ଖବର ଦେବା ପରେ ଘଟଣା ସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ ଟିମ ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତ ପରେ ଶୀଘ୍ର ଅଭିଯୁକ୍ତମାନଙ୍କୁ ଧରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଏହି ଘଟଣା ପରେ ଏହି ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ଏନେଇ ମୈଦଲପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି । ସୂଚନା ପ୍ରକାରେ ସିନ୍ଧିଗୁଡା ଗ୍ରାମର କେ ଏଙ୍କା ପାତ୍ର ୨ ଲକ୍ଷ ୪୦ ହଜାର ଟଙ୍କା ଧରି ଖଇରା ଗ୍ରାମ ନିଜ ଦୋକାନକୁ ସକାଳ ୭:୧୫ ମିନିଟ ସମୟରେ ଯାଉଥିଲେ। ୪ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ହଠାତ ରାସ୍ତା ଉପରକୁ ଆସି ଖଣ୍ଡା ଦେଖାଇ ଭୟଭୀତ କରି ଟଙ୍କା ଦେବାକୁ କହିଥିଲେ। ଭୟରେ ବ୍ୟବସାୟୀ ରହିଥିବା ବେଳେ ଧରିଥିବା ଟଙ୍କାକୁ ଛଡାଇ ନେଇ ଘଟଣା ସ୍ଥଳରୁ ଉଭାନ ହୋଇଯାଇଥିଲେ ଦୁର୍ବୃତ୍ତ ମାନେ। ପରେ ପୋଲିସକୁ ଖବର ଦେବା ପରେ ମୈଦଲପୁର ଆଇଆଇସି ବିପିନ କୁଳଦୀପ, ଏଏସ୍‌ପି ଆଦିତ୍ୟ ସେନ, ଏସଡ଼ିପିଓ କୃଷ୍ଣଚନ୍ଦ୍ର ଭତ୍ରା ଓ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୁଖା ପିନ୍ଧା ଦୁର୍ବୃତ୍ତ ମାନଙ୍କୁ ଶୀଘ୍ର ଧରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି । ଏନେଇ ମୈଦଲପୁର ଥାନା କେସ ନଂ ୩୯/୨୫ ରେ ଏକ ମାମଲା ରୁଜୁ ତଦନ୍ତ ଜାରି ରହିଥିବା କହିଛନ୍ତି ଥାନା ଅଧିକାରୀ ବିପିନ କୁମାର କୁଳଦୀପ।

## ସମ୍ବଲ ପକ୍ଷରୁ ୨ଟି ଶବ ସତ୍କାର



**ସମ୍ବଲପୁର,(ଡିକେ ନ୍ୟୁଜ):** ସ୍ଥାନୀୟ ମନ୍ଦଲିଆ ସ୍ଥିତ ରାଜଘାଟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ବଳ ପକ୍ଷରୁ ୨ଟି ଶବ ସତ୍କାର କରାଯାଇଛି। ଏହି କାର୍ଯ୍ୟରେ ଅନୁଷ୍ଠାନର ସଂଯୋଜକ ରାମଦାସ ପଣ୍ଡା, କାଳିଆ ବାଗ, ସୌରୀ ପାଣିଗ୍ରାହୀ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଧନକଉଡା ଅଞ୍ଚଳରେ ସୋନିକା ଡୁଙ୍ଗଡୁଙ୍ଗ ନାମକ ଜଣେ ମହିଳା ଗତ ୬ବର୍ଷ ହେବ ନିଜ ଝିଅ ସହ ରହୁଥିଲେ। ତାଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ସେ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ତେବେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହି ପରି ବୈଜାମୁଣ୍ଡା ସମନ୍ୱିତ ଭିତ୍ତିଭୂମି ବିକାଶ କେନ୍ଦ୍ର ଅନ୍ତେବାସୀ ପୁରୁଷୋତ୍ତମ ନାଗ(୬୫)ଙ୍କ ଚିକିତ୍ସାଧିନ ଅବସ୍ଥାରେ ବୁର୍ଲା ବଡ ମେଡିକାଲରେ ମୃତ୍ୟୁ ହୋଇଥିଲା। ଏଭଳିସ୍ଥଳେ ଉଭୟ ଶବକୁ ମର୍ଯ୍ୟାଦା ସହ ସତ୍କାର କରାଯାଇଛି।

## ଜିମ୍ ଯାଇ ଫେରିଲାନି ପୁଅ ନଦୀ ପଠାରୁ ମୃତଦେହ ଉଦ୍ଧାର



**ସାଲେପୁର,(ଡିକେ ନ୍ୟୁଜ):** କଟକ ଜିଲ୍ଲା କିଶନନଗର ଥାନା ଅନ୍ତର୍ଗତ ଗୁହାଳୀ ମଠ ସାହି ନଦୀ ପଠାରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣଙ୍କ ନିଶ୍ଚିନ୍ତକୋଇଲି ଥାନା ଅଧୀନସ୍ଥ ସରପଡ଼ା ବୁଧଙ୍ଗ ଗ୍ରାମର ଦେବେନ୍ଦ୍ର ସ୍ୱାଇଁଙ୍କ ପୁଅ ଅମ୍ଳାନ ଜ୍ୟୋତି ସ୍ୱାଇଁ ବୋଲି ଜଣା ପଡିଛି। ବୟସ ପାଖାପାଖି ୨୨ ବର୍ଷ। ସେ ଶୁକ୍ରବାର ସନ୍ଧ୍ୟାରେ ପ୍ରତିଦିନ ଭଳି ବ୍ୟାୟାମ୍ କରିବାକୁ ନିକଟସ୍ଥ ଜିମ୍ ସେଣ୍ଟରକୁ ଆସିଥିଲେ। ପରେ ଘରକୁ ନ ଫେରିବାରୁ ଘର ଲୋକ ବହୁ ଖୋଜା ଖୋଜି କରିଥିଲେ। ଶନିବାର ସକାଳୁ ଅମ୍ଳାନ ଜ୍ୟୋତିଙ୍କ ମୃତଦେହ ଗୁହାଳି ମଠ ସାହି ନଦୀ ପଠାରୁ କିଶନନଗର ପୋଲିସ ଉଦ୍ଧାର କରିଛି। ଅନତିଦୂରରେ ଅମ୍ଳାନଙ୍କ ବାଇକ୍ ଓ ଏକ ମୋବାଇଲ ପୋଲିସ ଜବତ କରିଛି। କେହି ଦୁର୍ବୃତ୍ତ ଅମ୍ଳାନ ଜ୍ୟୋତିଙ୍କୁ ମାରି ଫିଙ୍ଗି ଦେଇଥିବାର ପରିବାର ପକ୍ଷରୁ ଅଭିଯୋଗ ହେଉଛି। କିଶନ ନଗର ପୋଲିସ୍ ତଦନ୍ତ ଜାରି ରଖିଛି।

## ଅଧ୍ୟାପକଙ୍କ ବିୟୋଗ : ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ଶୋକସଭା



**ଧର୍ମଗଡ଼ ,(ଡିକେ ନ୍ୟୁଜ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସଦର ମହକୁମା ଡିଗ୍ରୀ ମହାବିଦ୍ୟାଳୟରେ ଇତିହାସ ଅଧ୍ୟାପକ ଐରି ନାଶନ ଚିନ୍ଦା(୪୯) ଙ୍କ ଶୁକ୍ରବାର ଆକସ୍ମିକ ବିୟୋଗ ହୋଇଛି। ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଫେରୁଥିବା ବେଳେ ଅସୁସ୍ଥତା ଅନୁଭବ କରିଥିଲେ। ଏହାପରେ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଅଧ୍ୟାପକ ଶ୍ରୀ ଚିନ୍ଦା ଜଣେ ଅଭିଜ୍ଞ ଅଧ୍ୟାପକ ସହ ଏନଏସଏସ ର ପରାମର୍ଶ ଦାତା ଭାବେ ସ୍ୱେଚ୍ଛାସେବୀ କାର୍ଯ୍ୟ ଜନ ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ବିଶ୍ୱବିଦ୍ୟାଳୟସ୍ତରରେ ଉଚ୍ଚ ପ୍ରଶଂସିତ ହୋଇ ଡିଗ୍ରୀ ମହାବିଦ୍ୟାଳୟ କୋକସରା ପାଇଁ ଉତ୍ସର୍ଗୀକୃତ ଯୋଗଦାନରେ ପ୍ରମୁଖ ହାତ ରହିଥିଲା। ତାଙ୍କ ଅକାଳ ବିୟୋଗ ଖବର ପ୍ରଚାରିତ ହେବାପରେ କୋକସରା ବ୍ଲକ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଶବଧାର ପରିବାର ବର୍ଗ, ଆତ୍ମୀୟ ସ୍ୱଜନ, କୋକସରା ଅନେକ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ କଲେଜ କର୍ମକର୍ତ୍ତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାନ ଭାଇ ଅଭୟ ନାଶନ ଚିନ୍ଦା ମୁଖାଗ୍ନି ଦେଇ ଥିବାବେଳେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ଅନ୍ୟପକ୍ଷରେ ତାଙ୍କ ଅକାଳ ବିୟୋଗରେ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ଏକ ଶୋକସଭା ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ର ପ୍ରତି ଦିବଙ୍ଗତ ଅଧ୍ୟାପକ ଚିନ୍ଦାଙ୍କ ଅତୁଳନୀୟ ଅବଦାନକୁ ମନେ ପକାଇବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା ପାଇଁ ନିରବ ପ୍ରାର୍ଥନା କରିଥିଲେ। ଶୋକସଭାରେ ଅଧ୍ୟାପକ ସୁବ୍ରତ କୁମାର ବେହେରା, ଅଶ୍ୱିନୀ କୁମାର ପଟ୍ଟନାୟକ, ଅଧ୍ୟାପିକା କନକ ମଞ୍ଜରି ବେହେରା, ଶୁଭଶ୍ରୀ ସାହୁ, କର୍ମଚାରୀ ଜିତେନ୍ଦ୍ର ପ୍ରଧାନୀ, ହୃଦାନନ୍ଦ ଧ. ମାଝୀ, ଉଜାଗର ମାଝୀ, ସୁନିଲ ପ୍ରଧାନୀ, ତପନ ବିଶି ସମେତ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତ ୧୨,୦୪୮ ମୋକଦ୍ଦମାର ଫଇସଲା



**ପୁରୀ,(ଡିକେ ନ୍ୟୁଜ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ପୁରୀ ସମେତ ନିମାପଡା, ପିପିଲି, କୋଣାର୍କ, କଣାସ ଓ ବ୍ରହ୍ମଗିରି କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅନୁଷ୍ଠିତ ଏହି ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ୧୨,୦୪୮ ଟି ମୋକଦ୍ଦମାର ଫଇସଲା କରାଯିବା ସହ ଜୋରିମାନା ଓ କ୍ଷତିପୂରଣ ବାବଦରେ ୨ କୋଟି ୧୯ ଲକ୍ଷ ୯୭ ହଜାର ୯୯୦ ଟଙ୍କା ଆଦାୟ କରାଯାଇଛି । ଲୋକ ଅଦାଲତରେ ୩୪ ଟି ମୋଟର ଦୁର୍ଘଟଣା ମାମଲା ବିଚାର କରାଯାଇ ୧ କୋଟି ୪୪ ଲକ୍ଷ ୧୫ ହଜାର ଟଙ୍କା ଆଦାୟ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡା ୧୧୩ଟି ପ୍ରାକ ମୋକଦ୍ଦମାରର ଫଇସଲା କରାଯାଇ ବ୍ୟାଙ୍କ ଋଣ ବାବଦକୁ ୪୧ଲକ୍ଷ ୨୪ହଜାର ୪ ଟଙ୍କା ଆଦାୟ କରାଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଓ ଦୌରାଜଜ ଅଜନ୍ତା ଷଡଙ୍ଗୀ ଉଦଘାଟନ କରିଥିଲେ। ପରିବାର ଅଦାଲତ ବିଚାରପତି ସୁମିତା ଜେନା, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସୈକତ ପାତ୍ର, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଚିନ୍ମୟ ମିଶ୍ର, ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଚିନ୍ମୟୀ ଦେହୁରୀ, ମୁଖ୍ୟ ବିଚାରପତି ସୁଶାନ୍ତ କୁମାର ମିଶ୍ର,ବରିଷ୍ଠ ଦେଓ୍ୱାନି ବିଚାରପତି ସୋଭେନ କାନୁନଗୋ, ଅତିରିକ୍ତ ବରିଷ୍ଠ ଦେଓ୍ୱାନି ବିଚାରପତି ପ୍ରଜ୍ଞା ପଣ୍ଡା, ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେଓ୍ୱାନି ବିଚାରପତି ସୋନାଲୀ ଅପରାଜିତ, ଦେଓ୍ୱାନି ବିଚାରପତି ସିଦ୍ଧାର୍ଥ ଶଙ୍କର ସେନାପତି, ଗ୍ରାମ ନ୍ୟାୟାଧିକାରୀ ନର୍ମଦା କର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତନ୍ମୟ ରଞ୍ଜନ ଦାସ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୁତକୀର୍ତି ଆଚାର୍ଯ୍ୟ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶିଶିର କୁମାର ଭୋଇ, ଶିବାନୀ ମହାପାତ୍ର, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଚେତନ ଲାଡା, ନିଲିସା ପଟ୍ଟନାୟକ ଓ ସୌରଭ ମହାପାତ୍ର ପ୍ରମୁଖ ଯୋଗଦେଇ ମାମଲା ଗୁଡିକର ବିଚାର କରିଥିଲେ।

## ଜେଏସ୍‌ଡବ୍ଲ୍ୟୁ ଅଧିନରେ ଥିବା କମ୍ପାନୀକୁ ଫେରାଇବାକୁ ସୁପ୍ରିମକୋର୍ଟର ନିର୍ଦ୍ଦେଶ ୨୫ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ ଭବିଷ୍ୟତ ଅନିଶ୍ଚିତତାରେ

**ସମ୍ବଲପୁର,(ଡିକେ ନ୍ୟୁଜ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଅନ୍ତର୍ଗତ ଠେଲକୋଲେଇ ସ୍ଥିତ ଜେଏସ୍‌ଡବ୍ଲ୍ୟୁ କମ୍ପାନୀକୁ ସୁପ୍ରିମକୋର୍ଟର ନିର୍ଦ୍ଦେଶ। ଏହି କମ୍ପାନୀ ଅଧିନରେ ଥିବା କାରଖାନା ଫେରାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜେଏସଡବ୍ଲ୍ୟୁ ନାମରେ ଥିବା ଏହି କାରଖାନାର ମାଲିକାନା ରଦ୍ଦ ହେବ ଏବଂ କାରଖାନା ପରିଚାଳନା ଦାୟିତ୍ୱରୁ ଏହି କମ୍ପାନୀ ଓହରିଯିବ। ଠେଲକୋଲୋଇ ସ୍ଥିତ ଭୂଷଣ କାରଖାନାକୁ ୫ ବର୍ଷ ତଳେ ଜେଏସଡବ୍ଲ୍ୟୁ କମ୍ପାନୀ ଅଧିଗ୍ରହଣ କରିଥିଲା। କିନ୍ତୁ ଅଧିଗ୍ରହଣ ସମୟରେ ଏହି କମ୍ପାନୀ ଜାତୀୟ କମ୍ପାନୀ ଆଇନ ପ୍ରାଧୀକରଣର କେତେକ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତାବଳୀ ଖିଲାପ କରିଥିବାରୁ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ କଠୋର ଆଭିମୁଖ୍ୟ ପରେ ଏହି କାରଖାନାରେ କାର୍ଯ୍ୟରତ ୨୫ ହଜାର କର୍ମଚାରୀଙ୍କ ଭବିଷ୍ୟତ ପୁଣି ଅନିଶ୍ଚିତତାକୁ ଠେଲି ହୋଇଯାଇଛି। ଗୁରୁତର ଆର୍ଥିକ କ୍ଷତି ଯୋଗୁଁ ସମ୍ପୂର୍ଣ୍ଣ ଦେବାଳିଆ ହୋଇପଡ଼ିଥିବା ଭୂଷଣ କାରଖାନାକୁ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ୨୦୨୧ ମସିହାରେ ୧୯,୭୦୦ କୋଟି ଟଙ୍କାରେ ଅଧିଗହଣ କରିଥିଲା। ତେବେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ନେଇଥିବା ୪୭,୧୫୮ କୋଟି ଟଙ୍କା ଋଣ ନିର୍ଦ୍ଧାରିତ ସମୟରେ ପରିଶୋଧ କରିବାରେ ବିଫଳ ହେବାରୁ ବ୍ୟାଙ୍କ ପକ୍ଷରୁ ୨୦୧୭ ଜୁଲାଇ ୨୬ ତାରିଖରେ ଜାତୀୟ କମ୍ପାନୀ ଆଇନ ଟ୍ରାଇବୁନାଲର ଆଶ୍ରୟ ନେଇଥିଲେ।



ଟ୍ରାଇବୁନାଲଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଓ ଇଡି ୨୦୧୯ ଏପ୍ରିଲ ୨୫ ତାରିଖରେ ଭୂଷଣଷ୍ଟିଲ ଓ ପାୱାର ଲିମିଟେଡ (ବିପିଏସଏଲ) ବିରୋଧରେ ମାମଲା ରୁଜୁ କରିଥିଲେ। ୨୦୧୯ ଅକ୍ଟୋବର ୧୯ରେ ଭୂଷଣ କାରଖାନାର ସମ୍ପତ୍ତି ବାଜ୍ୟାପ୍ତ କରାଯାଇଥିଲା। କମ୍ପାନୀ ଟ୍ରାଇବୁନାଲଙ୍କ ନିଷ୍ପତ୍ତି ଅନୁସାରେ ଭୂଷଣ କାରଖାନାକୁ ବିକ୍ରିକରି ଲବ୍ଧ ଟଙ୍କାରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର କିଛି ଭାଗ ଋଣ ଟଙ୍କା ଭରଣା କରିବାକୁ ପଦକ୍ଷେପ ନିଆଯାଇଥିଲା ତେଣୁ ଜେଏସ୍‌ଡବ୍ଲ୍ୟୁ ଏହି କାରଖାନାକୁ ଅଧିଗ୍ରହଣ କରିଥିଲା। କିନ୍ତୁ ଭୂଷଣ କାରଖାନାକୁ ଅଧିଗ୍ରହଣ କଲାବେଳେ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ଯେଉଁସବୁ ସର୍ତ୍ତ ଓ ପ୍ରତିଶ୍ରୁତି ପାଳନ କରିବାକୁ ଚୁକ୍ତିନାମା କରିଥିଲା ଗତ ୪ ବର୍ଷରେ ତାହା ପାଳନ କରିବାରେ ଖିଲାପ କରିଛି ଓ କାରଖାନ ଅଧିଗ୍ରହଣ ଆଇନ ଉଲ୍ଲଂଘନ କରିଛି। ଭୂଷଣ କାରଖାନାକୁ କିଣିବା ସମୟରେ ଜେଏସ୍‌ଡବ୍ଲ୍ୟୁ ଯେଉଁ ବ୍ୟାଙ୍କଗୁଡ଼ିକରୁ ଋଣ ନେଇଥିଲା ସେମାନଙ୍କୁ ଋଣ ପରିଶୋଧ କରିବାରେ ଯଥେଷ୍ଟ ବିଳମ୍ବ କରିଛି। ଜେଏସ୍‌ଡବ୍ଲ୍ୟୁ ଅନେକ ଭୁଲ ତଥ୍ୟ ଦେଇ ଅଦାଲତକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଛି ବୋଲି ସୁପ୍ରିମକୋର୍ଟ ସାଂପ୍ରତିକ ସ୍ଥିତି ସମୀକ୍ଷା କଲାପରେ ଏହି କାରଖାନାର ମାଲିକାନାସତ୍ତ୍ୱ ରଦ୍ଦ କରିବାକୁ ଗତ ୨ ତାରିଖ ନିର୍ଦ୍ଦେଶ ଦେଇଛନ୍ତି। ଏହି କାରଖାନାର ସମ୍ପତ୍ତି ମାତ୍ର ୫ ବର୍ଷ ମଧ୍ୟରେ ଦ୍ୱିତୀୟଥର ବାଜ୍ୟାପ୍ତ ହେବାକୁ ଯାଉଥିବାରୁ ଏହାର ହଜାର ହଜାର କର୍ମଚାରୀଙ୍କର ମଧ୍ୟରେ ଭାଲେଣି ପଡ଼ିଛି। ଏହା ଜାଣିଲା ପରେ ଜେଏସ୍‌ଡବ୍ଲ୍ୟୁ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀଙ୍କ ପକ୍ଷରୁ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶର ପୁନଃବିଚାର କରାଯାଉ ବୋଲି ବୁଧବାର କମ୍ପାନୀ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଏକ ଦାବିପତ୍ର ରେଙ୍ଗାଲି ତହସିଲଦାରଙ୍କ ଜରିଆରେ ରାଷ୍ଟ୍ରପତି, ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି, ପ୍ରଧାନମନ୍ତ୍ରୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଛି।

## ଆଦାନୀ ଡିଏଭି ପବ୍ଲିକ ସ୍କୁଲରେ ତ୍ରିଦିବସୀୟ ଗ୍ରୀଷ୍ମକାଳୀନ ଶିବିର ଓ ପ୍ରଶିକ୍ଷଣ

**ଧାମରା,(ଡିକେ ନ୍ୟୁଜ):** ଆଦାନୀ ଡିଏଭି ପବ୍ଲିକ ସ୍କୁଲର ଗ୍ରୀଷ୍ମକାଳୀନ ଶିବିର ଏବଂ ପ୍ରଶିକ୍ଷଣ କର୍ମଶାଳା ପାଳିତ ହୋଇଯାଇଛି । ସକାଳ ୭ ଟା ରୁ ଆରମ୍ଭ ହୋଇ ଦୁଇଟି ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଏହି ଗ୍ରୀଷ୍ମକାଳୀନ ଶିବିର ସକାଳ ୧୦.୩୦ ରେ ଶେଷ ହୋଇଥିଲା। ବିଦ୍ୟାଳୟ ଅଧକ୍ଷା ଶ୍ରୀମତୀ କୃଷ୍ଣପ୍ରିୟା ଷଡଙ୍ଗୀ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଶତାଧିକ ଛାତ୍ରଛାତ୍ରୀ ଏହି ଶିବିରରେ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ପ୍ରକାର କ୍ରିୟା ମଧ୍ୟରେ ଶିକ୍ଷକ ବିଭୂତି ଭୂଷଣ ସ୍ୱାଇଁ ଯୋଗ, ପ୍ରାଣାୟମ ଏବଂ ରାମ ରାବଣ ଖେଳ ଶିଖାଇଥିଲେ । ଚିତ୍ରାଙ୍କନ, ପେଣ୍ଟିଂ, ମାଟି ମଡେଲିଂ ସହିତ ବିଭିନ୍ନ ପ୍ରକାର ସହ-ପାଠ୍ୟକ୍ରମର ତାଲିମ ପ୍ରଦାନ କରିଥିଲେ ଶିକ୍ଷକ ଅରୁଣ କୁମାର ଲେଙ୍କା । ଶିକ୍ଷୟିତ୍ରୀ ଶାଶ୍ୱତୀ ସାମନ୍ତ ଛାତ୍ରଛାତ୍ରୀମାନଙ୍କୁ ସଙ୍ଗୀତ ଶିଖାଇଥିଲେ । ଛାତ୍ରଛାତ୍ରୀମାନେ ସମସ୍ତ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବା ସହ



ଖୁବ କମ୍ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ କରିବାର କିଛି ସହଜ କୌଶଳ ଶିକ୍ଷା କରିଥିଲେ । ଏହି ତ୍ରିଦିବସୀୟ ପ୍ରଶିକ୍ଷଣ କର୍ମଶାଳାରେ ନର୍ସରୀ ଠାରୁ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ମଧ୍ୟ ଭାଗ ନେଇଥିଲେ । ପ୍ରଶିକ୍ଷଣ କର୍ମଶାଳାର ପ୍ରଥମ ଦିନରେ ଗାୟତ୍ରୀ ମହାପାତ୍ର କ୍ରିୟା କଳାପ ମାଧ୍ୟମରେ ଉନ୍ନତି ଲେଖନୀ କୌଶଳ ବିକାଶ ସମ୍ପର୍କିତ ତାଲିମ ଦେଇଥିଲେ। ଦ୍ୱିତୀୟ ଦିନ ବାତ୍ୟା ବିଜୟିନୀ, ଉଷଶୀ ବେହେରା ଓ ତସ୍ନିମ କୌଶର ପ୍ରମୁଖ ବିଭିନ୍ନ ରୋମାଞ୍ଚକର କ୍ରିୟାକୌଶଳ ଶିକ୍ଷା ପ୍ରଦାନ କରିଥିଲେ । ତୃତୀୟ ଦିନ ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ସୁବୁଦ୍ଧି ସକରାତ୍ମକ ଅଭିଭାବକ ବିଷୟରେ ଅନେକ ଶିକ୍ଷଣୀୟ ତଥ୍ୟ ପ୍ରଦାନ କରିଥିଲେ । ମମତା ପଟ୍ଟନାୟକ ସୃଜନଶୀଳତା ବୃଦ୍ଧି ନିମନ୍ତେ ନୂଆ ନୂଆ କାର୍ଯ୍ୟକଳାପ ସମ୍ପର୍କିତ ଧାରଣା ଦେଇଥିଲେ । ପରିଶେଷରେ ଅଭିଭାବକମାନେ ଏହି ୩ ଦିନର ପ୍ରଶିକ୍ଷଣ କର୍ମଶାଳାର ଅନୁଭୂତି ବର୍ଣ୍ଣନା କରିଥିଲେ । କର୍ମଶାଳାରେ ଯୋଗ ଦେଇଥିବା ଅଭିଭାବକଙ୍କୁ ଏବଂ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଅଧକ୍ଷା ଉପହାର ପ୍ରଦାନ କରିଥଲେ ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟସ୍ତରୀୟ ସ୍ନାତକ, କଳା ଛାତ୍ରୀଙ୍କ ସଫଳତା

**ବରପାଲି ,(ଡିକେ ନ୍ୟୁଜ):** ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ଅଧକ୍ଷା ପଦ୍ମିନୀ ଦାଶଙ୍କ ଅଧକ୍ଷତାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗର ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁଙ୍କ ପରିଚାଳନା ସଭାରେ ଖୁସିର ମୁହୂର୍ତ୍ତକୁ ଦ୍ୱିଗୁଣିତ କରିଥିଲେ। ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ସ୍ନାତକ କଳା ଅନ୍ତିମ ବର୍ଷରେ ଛାତ୍ରୀଙ୍କ ସଫଳତା ସବୁଠୁ ଆଗରେ ରହିଛି। ମହିଳା ମହାବିଦ୍ୟାଳୟର ୮ ଜଣ ଛାତ୍ରୀ ଶ୍ରେଷ୍ଠ ଦଶ ଜଣଙ୍କ ମଧ୍ୟରେ ସ୍ଥାନ ହାସଲ




ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇ ଛାତ୍ରୀମାନଙ୍କୁ ଶୁଭେଚ୍ଛା ପ୍ରଦାନ କରିବା ସହ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ବଣ୍ଟନ କରି କରିଛନ୍ତି। ଏ ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀମାନେ ସାମିଲ ହୋଇଥିଲେ।

## ହୀରାକୁଦ ଜଳଭଣ୍ଡାର ୨୬ ଟାପୁରେ ପକ୍ଷୀର ଅଣ୍ଡା ଓ ଶାବକମାନଙ୍କ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା

**ସମ୍ବଲପୁର,(ଡିକେ ନ୍ୟୁଜ):** ହୀରାକୁଦ ଜଳଭଣ୍ଡାରରେ ପରିବ୍ରାଜକ ଓ ସ୍ଥାନୀୟ ପ୍ରଜାତିର ପକ୍ଷୀମାନଙ୍କର ସମାଗମ ହୋଇଛି। ପକ୍ଷୀମାନେ ହୀରାକୁଦର ଦ୍ୱୀପ ଗୁଡ଼ିକର ବାଲି ଓ ପଥର ଥିବା ଜାଗାରେ ବସା ବାନ୍ଧିଛନ୍ତି। କୁକୁର, ସାପ ଓ ଅନ୍ୟାନ୍ୟ ସରିସୃପମାନଙ୍କ ଠାରୁ ସୁରକ୍ଷା ପାଇଁ ବସା ତିଆରି କରିଛନ୍ତି। ୨୬ଟି ଟାପୁରେ ହଜାର ହଜାର ପକ୍ଷୀ ବସା କରି ଅଣ୍ଡାଦାନ କରୁଥିବା ଦେଖିବାକୁ ମିଳିଛି। ଗ୍ରୀଷ୍ମ କାଳରେ ପକ୍ଷୀ ଓ ସେମାନଙ୍କର ଶାବକଙ୍କ ସମାଗମ ଏବଂ କଳରବ ଜଳଭଣ୍ଡାରକୁ ଜୀବନ୍ତ ରୂପ ଦେଇଛି । ପକ୍ଷୀମାନଙ୍କର ନିରନ୍ତର ସୁରକ୍ଷା ପାଇଁ ୯ଟି ସ୍କାର୍ଡ ଓ ସ୍ୱିଡ ଡଙ୍ଗାର ବ୍ୟବସ୍ଥା କରାଯାଇଛି। ସେହିପରି ମତ୍ସ୍ୟଜିବୀ ଓ



ଗାଇ ଚରାଳିମାନେ ପକ୍ଷୀଙ୍କ ସଂରକ୍ଷଣ ନେଇ ବେଶ ସଚେତନ ଅଛନ୍ତି। ସମ୍ବଲପୁର ଚଢ଼େଇ କ୍ଲବର ପ୍ରତିନିଧି ମାନେ ମଣିଷ ବସତି ନିକଟସ୍ଥ ଦ୍ୱିପ ଗୁଡ଼ିକର ବାସିନ୍ଦାଙ୍କୁ ମଧ୍ୟ ସଚେତନ କରିଛନ୍ତି। ହୀରାକୁଦ ଆଦ୍ର୍ୟଭୂମିର ଟାପୁ ଗୁଡ଼ିକର ନିରବତା ଏହି ପକ୍ଷୀମାନଙ୍କର ଆସ୍ଥାନ ପାଇଁ ବେଶ ସହାୟକ ହୋଇଛି। ବିଶେଷ ଭାବେ ରିଭର ଟର୍ଣ୍ଣ, ଗଲ ବିଲଡ଼ ଟର୍ଣ୍ଣ, ଲିଟିଲ ଟର୍ଣ୍ଣ, ଓରିଏଣ୍ଟାଲ ପ୍ଲାଟିନକୋଲ୍ସ, ଲିଟିଲ ପ୍ଲାଟିନକୋଲ୍ସ, ରିଙ୍ଗ ପ୍ଲୋର୍ଭସ, ହ୍ୱିସ୍କର୍ଡ ଟର୍ଣ୍ଣସ ଭଳି ଅନ୍ୟାନ୍ୟ ଏଗ୍ରେଟସ ପ୍ରଜାତିର ବିହଙ୍ଗ ମାନେ ଅଣ୍ଡାଦାନ କରିଛନ୍ତି। ଏଥିସହ ନୂଆଁ ଶାବକମାନଙ୍କର ଯତ୍ନ ମଧ୍ୟ ନେଉଛନ୍ତି। ଅଧିକାଂଶ ଟାପୁରେ ରିଭର ଟର୍ଣ୍ଣ ଏବଂ ପ୍ରାଟିନ କୋଲସମାନେ ବହୁ ସଂଖ୍ୟାରେ ଅଣ୍ଡା ଏବଂ ଶାବକମାନଙ୍କୁ ଗ୍ରୀଷ୍ମରୁ ସୁରକ୍ଷା ଦେଉଛନ୍ତି। ଡେବ୍ରିଗଡ ଅଭୟାରଣ୍ୟ କର୍ତ୍ତୃପକ୍ଷ ପକ୍ଷୀମାନଙ୍କ ଏହି ବିଚରଣକୁ ଦୃଷ୍ଟିରେ ରଖି ଓ ସେମାନଙ୍କ ସଂରକ୍ଷଣ ପାଇଁ ହୀରାକୁଦର ବିଭିନ୍ନ ଦ୍ୱୀପରେ ଲୋକଙ୍କୁ ସଚେତନ କରିବା ପାଇଁ ୧୦୦ରୁ ଅଧିକ ଲାଲ ପତାକା ଲଗାଇଛନ୍ତି। ଏଥିସହ ପର୍ଯ୍ୟଟକଙ୍କ ଡଙ୍ଗା ମାନଙ୍କୁ ଟାପୁରୁ ଦୂରତ୍ୱ ରକ୍ଷା କରାଯାଉଥିବା ବେଳେ ନୌକା ଯୋଗେ ପହରା ବ୍ୟବସ୍ଥାକୁ ସଂପ୍ରସାରିତ କରାଯାଇଛି। ସୂଚନାଯୋଗ୍ୟ ଯେ ପକ୍ଷୀଗଣନା ଅନୁଯାୟୀ ଚଳିତ ବର୍ଷ ୧୨୨ ପ୍ରଜାତିର ୩ ଲକ୍ଷ ୭୭ ହଜାର ପରିବ୍ରାଜକ ପକ୍ଷୀ ହୀରାକୁଦ ଜଳଭଣ୍ଡାରକୁ ଆସିଥିଲେ। ଯାହା ପୂର୍ବ ବର୍ଷ ତୁଳନାରେ ୩୫ ହଜାର ଅଧିକ ଅଟେ। ତେବେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ହୀରାକୁଦ ଆଦ୍ର୍ୟଭୂମିକୁ ରାମସର ମାନ୍ୟତା ପ୍ରଦାନ କରାଯାଇଛି।

# ଅଫିସ୍ ଖୋଲୁଛି ହେଲେ ଉପସ୍ଥିତ ରହୁନାହାଁନ୍ତି ଅଧିକାରୀ




ନିଆଳି, (ଡିକେ ନ୍ୟୁଜ୍): ଚାଷ କାମ ଯାହାର କେତେ ସୁଖ ତାହାର କିନ୍ତୁ, ବାସ୍ତବରେ କଥାଟା ସମ୍ପୂର୍ଣ୍ଣ ଓଲଟା ଦେଖିବାକୁ ମିଳିଛି ନିଆଳି ବ୍ଲକରେ। ଚାଷୀଟି ମୁଣ୍ଡର ଝାଳକୁ ତୁଣ୍ଡରେ ମାରି ବର୍ଷକ ଯାକର ଫସଲ ଦେଶ ପାଇଁ ଆହାର ଯୋଗୋଉଥିବା ବେଳେ କଟକ ଜିଲ୍ଲା ନିଆଳି ବ୍ଲକ ଉଦ୍ୟାନ ବିଭାଗର କର୍ମଚାରୀଙ୍କ ପାଇଁ ହଟହଟା ହେବାକୁ ପଡୁଛି। ନିଆଳିରେ ୨୩ଟି ପଞ୍ଚାୟତ ଥିବା ବେଳେ କାହିଁ କେତେ ଦୂରରୁ ଚାଷୀଟି ୩୮ ଡିଗ୍ରୀ ତାପମାତ୍ରାରେ ଭୀଷଣ ରୌଦ୍ର ତାପରେ ଉଦ୍ୟାନ ବିଭାଗରେ ପହଞ୍ଚିଲା ପରେ ଉପସ୍ଥିତ ରହୁନଥିବା ସରକାରୀ କର୍ମଚାରୀ ବୋଲି ଅଭିଯୋଗ କରିଛନ୍ତି ଚାଷୀ। କଲରା, କଞ୍ଚାଲଙ୍କା, ଆମ୍ବ, ଅମୃତ ଭଣ୍ଡା ଚାରା ଭଳି ବିଭିନ୍ନ କିସମର ବିଲରେ ଚାଷ ଉପଯୋଗୀ ମଞ୍ଜି ପାଇଁ ନିଜର କାଗଜ ପତ୍ର ଧରି ଆସୁଥିବା ବେଳେ ଅଫିସ ଚୌକି ଖାଲି। ଫଳରେ ଚାଷୀଟି ବାରମ୍ବାର ଅଫିସ ଆସି ଫେରିକି ଯାଉଛନ୍ତି, ସେହିପରି ବାହାର ଦୋକାନରୁ ଚଢ଼ା ଦରରେ ମଞ୍ଜି କିଣିବାକୁ ଚାଷୀ ବାଧ ହେଉଛନ୍ତି। ଠିକ୍ ସମୟରେ ମଞ୍ଜି ନପାଇବାରୁ ଚାଷରେ ବିଳମ୍ବ ହେବାସହ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ସୂଚନା ମୁତାବକ ରାଜ୍ୟ ସରକାରଙ୍କ ତରଫରୁ ଚାଷୀମାନଙ୍କ ପାଇଁ ବିଭିନ୍ନ ସାହାଯ୍ୟ ସହଯୋଗ ଯୋଗାଇ ଦେଉଥିବା ବେଳେ ନିଆଳି ଉଦ୍ୟାନ ବିଭାଗର କର୍ମଚାରୀମାନେ ଚାଷୀଙ୍କୁ ସହଯୋଗ ନକରି ଦରମା ନେଇ ବ୍ୟକ୍ତିଗତ କାର୍ଯ୍ୟରେ ଲିପ୍ତ ରହୁଥିବା ମନେହେଉଛି। ଉଦ୍ୟାନ ବିଭାଗରେ କେତୋଟି ହାତ ଗଣତି କର୍ମଚାରୀ ଥିବା ବେଳେ ଅଫିସକୁ କିରାଣୀଙ୍କ ହାତରେ ଟେକି ଦେଇଥିବା ଦେଖିବାକୁ ମିଳୁଛି। ଯଦି କୌଣସି ଚାଷୀ ନିଜର କାଗଜପତ୍ର ଧରି ଆସନ୍ତି କିରାଣୀ କହୁଛନ୍ତି ମତେ ଦେଇ ଦିଅ ମୁଁ ମ୍ୟାଡମଙ୍କ ଟେବୁଲରେ ରଖିଦେବି। ଏଠି ପ୍ରଶ୍ନ ଉଠୁଛି ସରକାର ମୋଟା ଅଙ୍କର ଟଙ୍କା ଦରମା ଦେଉଥିବା ବେଳେ, କିପରି କର୍ମଚାରୀମାନେ ଅଫିସରେ ଉପସ୍ଥିତ ରହୁନଥିବା ତାହା ସ୍ଥାନୀୟରେ ଚର୍ଚ୍ଚାର ବିଷୟ ପାଲଟିଛି।

## କନ୍ୟା ଭ୍ରୁଣହତ୍ୟା ନିଷେଧ ଉପଦେଷ୍ଟା ମଣ୍ଡଳୀ ଓ ଜିଲ୍ଲାସ୍ତରୀୟ ମାସିକ ଆନ୍ତଃବିଭାଗୀୟ କନଭରଜେନ୍ସ ବୈଠକ

ଝାରସୁଗୁଡ଼ା, (ଡିକେ ନ୍ୟୁଜ୍): ଜିଲ୍ଲାରେ କନ୍ୟା ଭ୍ରୁଣହତ୍ୟା ନିଷେଧ କରାଯିବା ସହ ଲିଙ୍ଗ ନିରୂପଣ ଆଇନକୁ କଡାକଡି ଭାବରେ ପାଳନ କରିବା ସକାଶେ ଉପଦେଷ୍ଟା ମଣ୍ଡଳୀ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡାକ୍ତର ରାଧାରମଣ ବିର୍ତିଆ, ଡାକ୍ତର ପିସି ଦଳାଇ ଡିପିଏମ ଦୀପକ କୁମାର ମହାନ୍ତି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୂଣ୍ୟବତୀ ହେଲେନ ଖେସ, ସହକାରୀ ଆଇନ ପରିଚାଳକ ସୋମଦତ୍ତ ପୁରୋହିତ, ସିଏଚସି ଓ ପିଏଚସିର ମେଡ଼ିକାଲ ଅଫିସର, ସିଡିପିଓ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଜିଲ୍ଲାର କୌଣସି ଅଲଟ୍ରାସାଉଣ୍ଡ କ୍ଲିନିକରେ ଲିଙ୍ଗ ନିରୂପଣ କରାଯାଉଥିଲେ ସମ୍ପୃକ୍ତ କ୍ଲିନିକ ପରିଚାଳନା କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଓ ଲିଙ୍ଗ ନିରୂପଣ କରାଯାଉଥିବା କ୍ଲିନିକ ସମ୍ପର୍କରେ ସୂଚନା ପ୍ରଦାନକାରୀଙ୍କ ନାମ ଗୁପ୍ତ ରଖାଯିବା ସହ ପଚିଶ ହଜାର ଟଙ୍କା ଦିଆଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏ ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ଦିଗରେ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ସେହିପରି କନ୍ୟା ସନ୍ତାନଙ୍କର ମହତ୍ତ୍ୱ ତଥା କନ୍ୟା ଭ୍ରୁଣହତ୍ୟା ନିଷେଧ ପାଇଁ ବ୍ୟାପକ ଭାବରେ ସଚେତନତା ସୃଷ୍ଟି ପାଇଁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି। ସୀମାନ୍ତ ଛତିଶଗଡ଼ ରାଜ୍ୟ ଅନ୍ତର୍ଗତ ସମ୍ପୃକ୍ତ ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କ ସହ ବେଆଇନ ଲିଙ୍ଗ ନିରୂପଣ ସମ୍ପର୍କରେ ଆଲୋଚନା କରାଯିବା ସହ ଏ ଦିଗରେ ମିଳିତ ଭାବରେ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ପରେ ଜିଲ୍ଲାସ୍ତରୀୟ ମାସିକ ଆନ୍ତଃବିଭାଗୀୟ କନଭରଜେନ୍ସ ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗ ଏବଂ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା।

## ଚନ୍ଦନଯାତ୍ରା ମହୋତ୍ସବରେ କିଚକ ବଧ



ମୁରିବାହାଲ, (ଡିକେ ନ୍ୟୁଜ୍): ମୁରିବାହାଲ ବ୍ଲକ ଗୁଡିଘାଟ ପଞ୍ଚାୟତ ବାରବନ୍ଧ ଗ୍ରାମରେ ପାଞ୍ଚ ଦିନ ଧରି ଚାଲୁଥିବା ଚନ୍ଦନ ଯାତ୍ରା ମହୋତ୍ସବ ଆରମ୍ଭ ହୋଇଥିବା ବେଳେ ଚନ୍ଦନ ପୂର୍ଣ୍ଣିମା ତଥା ବୃଦ୍ଧ ପୂର୍ଣ୍ଣିମାରେ ହେବା ସହ ବୈଶାଖ ବ୍ରତ ସମାପ୍ତ ହେବ। ଏହି ମହୋତ୍ସବରେ ପ୍ରତିଦିନ ମହାଭାରତର ବିରାଟ ପର୍ବ ପୁରାଣ ପଠନ ନାବକେଳି ସାଙ୍ଗକୁ ପ୍ରତିଦିନ ଗୁପ୍ତ ବନବାଶ କିଚକ ବୋଧ ଗୋଧନ ହରଣ ଅଭୀମନ୍ୟୁ ଉତ୍ତରାବାଳି ବିଭାହ ପ୍ରଭୃତି ବିରାଟ ପର୍ବର ପୌରାଣିକ ନାଟକ ଗୁଡିକ ମଞ୍ଚସ୍ଥ ହେବ ପୂର୍ବଦିନ ପ୍ରତେକ ଗ୍ରାମ ଠାରେ ଭବ୍ୟକଳଶ ଶୋଭାଯାତ୍ରା ମଧ ହୋଇଥିଲା ବେଳେ ବାରବନ୍ଧ ଗ୍ରାମ ଠାରେ ଦୀର୍ଘ ୬୨ ବର୍ଷ ଚନ୍ଦନ ଯାତ୍ରାରେ ନରେନ୍ଦ୍ର ନାଏକ ଓ ତାଙ୍କ ଧର୍ମ ପତ୍ନୀ ମେନକା ନାଏକ କର୍ତ୍ତା ଥିବା ବେଳେ ଘାଶିରାମ ପାଣିଗ୍ରାହୀ, ପୂଜକ ଦାୟିତ୍ୱରେ ଥିବା ବେଳେ ଆୟୋଜକ କମିଟିର ବଳବନ୍ତ ଭୋଇ, ଦେବାରଚନ ନାଏକ ଦୁରଭାଷା ସାହୁ ଲୋକନାଥ ବଘାର ଅଭି ଖର୍ଷେଲ, ଗିରଧାରୀ ସାହୁ ମକୁନ୍ଦ ଭୋଇ ଦେବରାଜ ପଧାନ ବାଶୁଦେବ ଭୋଇ ସୁଦର୍ଶନ ଭୋଇ ପୁରଷୋତ୍ତମ ସାହୁ, ଗୋବିନ୍ଦ ଭୋଇଙ୍କ ସମେତ ସମସ୍ତ ଗ୍ରାମ ବାଶୀ ସମ୍ପୂର୍ଣ୍ଣ ସହଯୋଗ କରୁଥିଲେ। ସେହିପରି ମୁରିବାହାଲ ବ୍ଲକ ଅଞ୍ଚଳର ଅନେକ ଗ୍ରାମରେ ଚନ୍ଦନ ଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି।

# ଜାତୀୟ ରାଜପଥ ଉପରେ ଦୁର୍ଘଟଣା, ଯୁବକ ଗୁରୁତର




କୋଟପାଡ଼, (ଡିକେ ନ୍ୟୁଜ୍): ଘଟିଯାଇଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଦୁର୍ଘଟଣାରେ ବାଇକ ଆରୋହୀ ଜଣଙ୍କର ଅବସ୍ଥା ସଂକଟପର୍ଣ୍ଣ ଥିବାବେଳେ, ହସ୍ପିଟାଲ ବେଡରେ ଜୀବନ ମରଣ ସହ ସଂଘର୍ଷ କରୁଥିବା ଜଣାପଡ଼ିଛି। ସୂଚନା ମୁତାବକ ନବରଙ୍ଗପୁର ଜିଲ୍ଲା ଦାବିଆଗୁଡ଼ା ଗ୍ରାମର ଡମ୍ବରୁ ଭତରା (୩୫)କୋଟପାଡ଼ରୁ ବଜାର ସାରି ନିଜ ଗ୍ରାମକୁ ଫେରୁଥିବା ବେଳେ, କୋଟପାଡ଼ ସହର ମଧ ଦେଇ ଯାଇଥିବା ଜାତୀୟ ରାଜପଥ ୨୬ ଉପରେ ବିପରୀତ ଦିଗରୁ ଆସୁଥିବା ବାଲି ବୋଝେଇ ଟିପର ସହ ଧକ୍କା ହୋଇଥିଲା। ଯାହା ଫଳରେ ଡମ୍ବରୁ ଭାରସାମ୍ୟ ହରାଇ ବାଇକ ସହ ତଳେ ପଡିଯାଇଥିଲେ ଓ ଟିପରଟି ଡମ୍ବରୁଙ୍କ ଡାହାଣ ହାତ ଉପରେ ଚଢ଼ି ଯିବା ଫଳରେ ହାତଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ସହ ମୁଣ୍ଡରେ ମଧ ଗଭୀର ଆଘାତ ଲାଗି ଗୁରୁତର ହୋଇପଡ଼ିଥିବା ଜଣାଯାଇଛି। ସ୍ଥାନୀୟ କିଛି ଯୁବକ ଉଦ୍ଧାର କରି ଡମ୍ବରୁଙ୍କୁ କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ନଘଟିବାରୁ ସଙ୍ଗେ ସଙ୍ଗେ କୋରାପୁଟ ସ୍ଥିତ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। କୋଟପାଡ଼ ଥାନାଧିକାରୀ ପରମାନନ୍ଦ ସୁନାନୀ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛନ୍ତି। ସୂଚନା ମୁତାବକ ଦୁର୍ଘଟଣା ସ୍ଥଳର ଉଭୟ ପାର୍ଶ୍ୱରେ ତିନୋଟି ବଡ଼ ବଡ ବ୍ୟାଙ୍କ ରହିବା ଫଳରେ ବ୍ୟାଙ୍କକୁ ଆସୁଥିବା ଗ୍ରାହକ ରାଜପଥର ଉଭୟ ପାର୍ଶ୍ୱରେ ବେଆଇନ ଗାଡ଼ି ପର୍କିଙ୍ଗ କରୁଛନ୍ତି। ଯାହା ଫଳରେ ସେହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ପର୍କିଂ ସ୍ଥାନ ନଥାଇ କୋଟପାଡ଼ ଏନଏସି କାର୍ଯ୍ୟାଳୟ ବ୍ୟାଙ୍କ ଗୁଡିକୁ କିଭଳି କେଉଁ ପରିସ୍ଥିତିରେ ଏନ୍‌ଓସି ଦେଉଛି, ତାହା ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବୁଦ୍ଧିଜୀବୀଙ୍କ କହିବା ମୁତାବକ କିଛି ଟଙ୍କା ଲୋଭରେ ପ୍ରଶାସନ ଜାତୀୟ ରାଜପଥ ପାର୍ଶ୍ୱରେ ବ୍ୟାଙ୍କ ଗୁଡିକୁ ଯାନ ବାହାନ ପାର୍କିଂ ପାଇଁ ସ୍ଥାନ ନଥାଇ ଏନ୍‌ଓସି ଦେଇଥିବା ବେଳେ, ପୁଣି ସେହି ସ୍ଥାନରେ କାହା ସ୍ୱାର୍ଥରେ ଏକ ମଲ ଖୋଲିବା ପାଇଁ ପ୍ରଶାସନ ଅନୁମତି ଦେଲେ, ତାହା ପ୍ରଶାସନର ଭିତରିଆ କାର୍ଯ୍ୟକଳାପ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ପ୍ରଶାସନର ଏଭଳି ମନମୁଖୀ କାର୍ଯ୍ୟକଳାପକୁ ଅଞ୍ଚଳବାସୀ ନାପସନ୍ଦ କରିଛନ୍ତି।

## ଜଳଛତ୍ର ନାଁରେ କେଲେଙ୍କାରୀ ଅଭିଯୋଗ

ବ୍ରହ୍ମପୁର, (ଡିକେ ନ୍ୟୁଜ୍): ଗୋଟିଏ ପରେ ଗୋଟିଏ ଦୁର୍ନୀତି ଅନିୟମିୟତା ଓ କେଲେଙ୍କାରୀରେ ଛନ୍ଦି ହୋଇ ପଡ଼ିଥିବା ମହାନଗର ନିଗମ ସୁଧୁରିବାରେ ନାଁ ଧରୁନାହିଁ। ଯେ କୌଣସି ବିଭାଗର ଯେ କୌଣସି କାମକୁ ଲକ୍ଷ୍ୟକଲେ କୋଟି କୋଟି ଟଙ୍କାର ଅନିୟମିୟତା ଓ ଦୁର୍ନୀତି ଷଷ୍ଟ ବାରି ହୋଇପଡୁଛି। ରୋଡ, ଡ୍ରେନ ଠାରୁ ଆରମ୍ଭ କରି ମଶା ମାରା, ବନ୍ଧ ଖୋଲା, ଗଛ ଲଗା, କାନ୍ଥରେ ଚିତ୍ର ଆଙ୍କିବା, ପାର୍କ ନବୀକରଣ, ବାଉଁଶ ବ୍ୟାରିକେଟ, ସ୍ୱାୟତ୍ତ ଶାସନ ଦିବସ ପାଳନରେ କୋଟି କୋଟି ଟଙ୍କାର ଦୁର୍ନୀତି ଓ ଅନିୟମିୟତା ନଜରକୁ ଆସୁଛି। ନିକଟରେ ବ୍ରହ୍ମପୁରର ଜଣାଶୁଣା ଆଇନଜୀବୀ ତଥା ବିଜେପି ନେତା, ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା ଖରାଦିନେ ଲୋକଙ୍କୁ ପିଇବା ପାଇଁ ମହାନଗର ନିଗମ ତରଫରୁ ଯେଉଁ ଜଳଛତ୍ର ଖୋଲାଯାଉଛି ସେଥିପାଇଁ ମହାନଗର ନିଗମ କେତେ ଟଙ୍କା ଖର୍ଚ୍ଚ କରିଛି ବୋଲି ସୂଚନା ଅଧିକାର ଆଇନ ବଳରେ ଜାଣିବାକୁ ଚାହିଁଥିଲେ। ମହାନଗର ନିଗମ ଗତ ପାଞ୍ଚ ବର୍ଷର ଦେଇଥିବା ତଥ୍ୟ ଅନୁଯାୟୀ ୨୦୨୧ ଓ ୨୦୨୨ ମସିହାରେ ସହରରେ କୌଣସି ଜଳଛତ୍ର ଖୋଲାଯାଇ ନଥିବା ପ୍ରକାଶ କରିଛି। ୨୦୨୩ ମସିହାରେ ସହରରେ ମାତ୍ର ଚାରୋଟି ଜଳଛତ୍ର ଖୋଲା ଯାଇଥିଲା। ତେବେ ୨୦୨୪ ମସିହାରେ ହଠାତ ମହାନଗର ନିଗମ ସହରରେ ୫୩ଟି ଜଳଛତ୍ର ଖୋଲିଥିଲା ଓ ସେଥିପାଇଁ ୨୩ ଲକ୍ଷ ୮୭ ହଜାର ୫୦୫ ଟଙ୍କା ଖର୍ଚ୍ଚ କରିଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡ଼ିଛି। ଏହି ଘଟଣାକୁ ନେଇ ଆଇନଜୀବୀ ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି ଯେ ୨୦୨୩ ମସିହାରେ ମାତ୍ର ଚାରୋଟି ଜଳଛତ୍ର ଖୋଲିଥିବା ବେଳେ ୨୦୨୪ ମସିହାରେ ୫୩ଟି ଜଳ ଛତ୍ର ଖୋଲିବାର ଲୁକ୍କାୟିତ ଉଦ୍ଦେଶ୍ୟ କ'ଣ ଥିଲା ? ଖୋଲା ବଜାରରେ ପାଣିକୁ ଶୁଦ୍ଧ କରୁଥିବା ୪୦ ଲିଟର୍ ମେସିନ୍‌ର ଦାମ୍ ୪୦ ହଜାର ଟଙ୍କା ମାତ୍ର। ଏହାକୁ ଯଦି ସହରର ବିଭିନ୍ନ ଛକମାନଙ୍କରେ ସ୍ଥାୟୀ ଭାବରେ ପ୍ରତିଷ୍ଠା କରାଯାଇପାରିଥାନ୍ତା ତେବେ ଏହି ବିପୁଳ ଧନ ରାଶିରେ ପ୍ରାୟ ୪୭ଟି ପାଣି ଶୁଦ୍ଧ କରୁଥିବା ମେସିନ୍ ସ୍ଥାୟୀ ଭାବରେ ସହରରେ ବସା ଯାଇପାରିଥାନ୍ତା। ଜନ ସାଧାରଣ ବର୍ଷ ତମାମ ଶୁଦ୍ଧ ପିଇବା ପାଣି ଏଥିରୁ ପାଇ ପାରିଥାନ୍ତେ। ବ୍ରହ୍ମପୁର ମହାନଗର ନିଗମ ଝିଣ୍ଟିକା ମାରି ବଣି ପୋଷିବା ନାଁରେ ଏହି ବିପୁଳ ଧନ ରାଶି ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ଖର୍ଚ୍ଚ କରିଥିବା ପ୍ରକାଶ କରିଛନ୍ତି। ଲୋକଙ୍କ ଟଙ୍କାକୁ ହରି ଲୁଟ କରିବା ବନ୍ଦ କରିବା ସହ ଏହି ଘଟଣାର ତଦନ୍ତ କରାଯାଉ ବୋଲି ଆଇନଜୀବୀ ପୀତବାସ ପଣ୍ଡା ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଭୟଙ୍କର ବିବାଦ ପରେ...

ମନ୍ତ୍ରୀ ଏସ.ଜୟଶଙ୍କର, ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଓ ସେନାଧକ୍ଷ ମୁନିରଙ୍କ ସହ ରୁବିଓ କଥା ହୋଇଥିଲେ। ସେ ଉଭୟ ଦେଶକୁ ଉତ୍ତେଜନା ହ୍ରାସ କରିବାକୁ ଅନୁରୋଧ କରିଥିଲେ। ଏବେ ଟ୍ରମ୍ପ ନିଜେ ଏକ୍ସରେ ଅସ୍ତ୍ରବିରତି ସମ୍ପର୍କରେ ସୂଚନା ଦେଇଛନ୍ତି। ଭାରତ ଦୀର୍ଘ ବର୍ଷ ହେଲାଣି ସୀମା ପାର ଆତଙ୍କବାଦର ଶିକାର ହୋଇ ଆସୁଛି। ନିକଟରେ ଏହାର ଜ୍ୱଳନ୍ତ ଉଦାହରଣ କଶ୍ମୀରର ପହଲଗାମରେ ଦେଖିବାକୁ ମିଳିଥିଲା। ଏଠାରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀମାନେ ଭାରତର ୨୬ ଜଣ ନିରୀହ ଲୋକଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏହାର ଜବାବରେ ଭାରତୀୟ ସେନା ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀରରେ ୯ଟି ଆତଙ୍କୀ ଆଡ୍ଡା ଉପରେ ମିସାଇଲ ମାଡ଼ କରିଥିଲା। ଭାରତୀୟ ସେନା ପକ୍ଷରୁ ପାକିସ୍ତାନର ସାମରିକ ପ୍ରତିଷ୍ଠାନକୁ ଆଦୌ ଟାର୍ଗେଟ କରି ନଥିଲା। ହେଲେ ପାକିସ୍ତାନ ସେନା ଆତଙ୍କୀ ଆଡ୍ଡାରେ ହୋଇଥିବା ଆକ୍ରମଣର ବଦଳା ନେବାକୁ ଭାରତ ଉପରେ ହମଲା କରି ସ୍ଥିତିକୁ ଉତ୍ତେଜନାପୂର୍ଣ୍ଣ କରିଛି। ଏଥିରୁ ପାକିସ୍ତାନ ସେନା ସମର୍ଥନରେ ଆତଙ୍କବାଦୀମାନେ ଭାରତରେ ହମଲା କରୁଥିବା ପ୍ରମାଣିତ ହୋଇଛି। ପାକିସ୍ତାନ ସରକାର ଓ ସେନା ସେମାନଙ୍କୁ ସବୁ ପ୍ରକାରର ସହାୟତା ଯୋଗାଇ ଦେଉଥିବା ସ୍ପଷ୍ଟ ଭାବେ ସାମ୍ନାକୁ ଆସିଛି। ଖାସ ସେଥିପାଇଁ ଭାରତ ଆତଙ୍କୀ ଆଡ୍ଡା ଧ୍ୱଂସ କରିଥିବାରୁ ପାକିସ୍ତାନ ସେନା ପ୍ରତିଶୋଧ ନେବାକୁ ଭାରତକୁ ଟାର୍ଗେଟ କରୁଛି। ଭାରତୀୟ ସେନା ଓ ଗୁଇନ୍ଦା ସଂସ୍ଥା ଜାଣିବାକୁ ପାଇଛି ଯେ ପାକିସ୍ତାନ ଆର୍ମି ବିଶେଷ କରି ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସଆଇ ସବୁବେଳେ ପିଓକରେ ଆତଙ୍କବାଦୀଙ୍କୁ ସବୁ ପ୍ରକାରର ସହାୟତା କରୁଛି। ସେମାନଙ୍କ ଟ୍ରେନିଂ ଠାରୁ ପାଣ୍ଠି ଯୋଗାଣ ଦାୟିତ୍ୱ ଆଇଏସଆଇ ବୁଝୁଛି। ଭାରତ ଆକ୍ରମଣରୁ ବର୍ତ୍ତିବା ପାଇଁ ଆତଙ୍କବାଦୀମାନେ ପାକିସ୍ତାନ ସେନାର ଭିତ୍ତିଭୂମିକୁ ମଧ ବ୍ୟବହାର କରୁଥିବାର ନଜିର ରହିଛି। କିନ୍ତୁ ଏଣିକି ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଯଦି ଭାରତରେ ହମଲା କରିବେ କିମ୍ବା ଭାରତକୁ କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରିବେ, ତା'ହେଲେ ଏହାକୁ ଯୁଦ୍ଧ ଭାବେ ବିବେଚନା କରାଯିବ। ଭାରତ ସରକାରଙ୍କ ଏପରି ନିଷ୍ପତ୍ତି ପରେ ଟ୍ରମ୍ପଙ୍କ ଏକ୍ସ ପୋଷ୍ଟ ସାମ୍ନାକୁ ଆସିଛି। ଅର୍ଥାତ ଭାରତ ସରକାର ଭବିଷ୍ୟତରେ ଆତଙ୍କବାଦ କାର୍ଯ୍ୟକଳାପକୁ ବରଦାସ୍ତ କରିବ ନାହିଁ ବୋଲି ସର୍ତ୍ତ ରଖି ଅସ୍ତ୍ରବିରତି ପାଇଁ ରାଜି ହୋଇଥିବା ଚର୍ଚ୍ଚା ହେଉଛି।

### ଅଗରବିନ୍ଧ ଶେଷ...

ଦଫାରେ ପଇ ଯୋଗାଇ ଦେଇଛନ୍ତି। ସେହିପରି ଦୋଳବେଦୀସ୍ଥିତ ଅସ୍ଥାୟୀ କମାରଶାଳରେ ଓଝାସେବକମାନେ ତିନି ରଥର ଚକା ଡେରା ନୀତି ପାଇଁ ଆବଶ୍ୟକ ଅନୁଯାୟୀ ଗୋଟିଏ ନାହାକା ତୁମ୍ବ ପାଇଁ ୪ଟି ଲେଖାଏଁ ୧୨ଟି ବଡ଼ ସାଇଜ ପନ୍ଦାରି ବଳା ନିର୍ମାଣ ସହ ତିନି ରଥର ଦୁଇ ଦୁଇଟି ଚକ ନିର୍ମାଣ ପାଇଁ ଆବଶ୍ୟକ ୩୨ ଯୋଡ଼ା ଲେଖାଏଁ ଅର କଣ୍ଟା ନିର୍ମାଣ ଶେଷ କରିଛନ୍ତି। ଅନ୍ୟ ତୁମ୍ବ ଗୁଡ଼ିକ ପାଇଁ ଅରକଣ୍ଟା, ପନ୍ଦାରି ବଳା ଏବଂ ତୁମ୍ବ ବଳା ନିର୍ମାଣ ଜାରି ରହିଛି।

### ଯେ କୌଣସି ଆତଙ୍କବାଦୀ...

ଶୁକ୍ରବାର କହିଛନ୍ତି ଯେ ଭାରତୀୟ ସଶସ୍ତ୍ର ବାହିନୀ ଉତ୍ତେଜନା ବୃଦ୍ଧି ନ କରିବାକୁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛି, ଯଦି ପାକିସ୍ତାନୀ ସେନା ମଧ ସେହିପରି କରେ। ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ ଏବଂ ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କ ସହ ଏକ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀରେ ସେ ଏହା କହିଛନ୍ତି। ସୂଚନାଯୋଗ୍ୟ, ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ଦ୍ୱାରା ୨୬ ଜଣଙ୍କୁ ହତ୍ୟା ଘଟଣା ପରେ ଭାରତ ସରକାରଙ୍କ ନୀତିରେ ଏହା ଏକ ବଡ଼ ପରିବର୍ତ୍ତନ। ଏହି ଘଟଣାର ଜବାବରେ, ଭାରତୀୟ ସେନା ପାକିସ୍ତାନ ଏବଂ ପାକ ଅଧିକୃତ କଶ୍ମୀରର ନଅଟି ସ୍ଥାନରେ ବୋମା ମାଡ଼ କରିଛି। ଏଥିରେ ଶହ ଶହ ଆତଙ୍କବାଦୀ ନିହତ ହୋଇଛନ୍ତି। ଭାରତୀୟ ସେନାର ଏହି କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନ ହତଚକିତ ହୋଇଯାଇଛି। ସେ ବାରମ୍ବାର ଭାରତୀୟ ସାମରିକ ଘାଟି ଏବଂ ଅନ୍ୟାନ୍ୟ ସ୍ଥାନ ଉପରେ କ୍ଷେପଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ, ଭାରତର ଦୃଢ଼ ପ୍ରତିରକ୍ଷା କବଚ ସେହି ଆକ୍ରମଣଗୁଡ଼ିକୁ ପ୍ରତିହତ କରୁଛି। ସେ ନିୟନ୍ତ୍ରଣ ରେଖାରେ ମଧ ପ୍ରବଳ ଗୁଳିମାଡ଼ କରୁଛନ୍ତି। ତଥାପି, ଭାରତ ପାକିସ୍ତାନ ଦ୍ୱାରା କରାଯାଇଥିବା ଏହି ଆକ୍ରମଣର ଉଚିତ ଜବାବ ଦେଉଛି। ସେହିପରି ଏହି ନିଷ୍ପତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ 'ଅପରେସନ୍ ସିନ୍ଦୂର' ମାଧ୍ୟମରେ ପାକିସ୍ତାନ ଏବଂ ପିଓକେରେ ଆତଙ୍କୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରି ସମଗ୍ର ବିଶ୍ୱକୁ ଭାରତ ନିଜର ଶକ୍ତି ପ୍ରଦର୍ଶନ କରିଛି। ଭାରତ ସ୍ପଷ୍ଟ ଶବ୍ଦରେ ପାକିସ୍ତାନକୁ ଚେତାବନୀ ଦେଇଛି। ଭାରତ କହିଛି, ଯେକୌଣସି ଆତଙ୍କବାଦୀ ଆକ୍ରମଣକୁ ଯୁଦ୍ଧ କାର୍ଯ୍ୟ ଭାବରେ ବିବେଚନା କରାଯିବ। କେବଳ ବର୍ତ୍ତମାନର ସ୍ଥିତି ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ବରଂ ଭବିଷ୍ୟତରେ ଯଦି କୌଣସି ଆତଙ୍କବାଦୀ ଆକ୍ରମଣ ହୁଏ, ତେବେ ଭାରତ ଏହାକୁ ଯୁଦ୍ଧ ଭାବରେ ଜବାବ ଦେବ। ଶନିବାର ଅପରାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ସୁରକ୍ଷା ଉପରେ ଏକ ଉଚ୍ଚସ୍ତରୀୟ ବୈଠକ ଡାକିଥିଲେ, ଯେଉଁଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଏନଏସଏ ଅଜିତ ଡୋଭାଲ, ସେନା ମୁଖ୍ୟ ଏବଂ ଉଚ୍ଚ ସୁରକ୍ଷା ଅଧିକାରୀମାନେ ଯୋଗ ଦେଇଥିଲେ। ଏହାର କିଛି ଘଣ୍ଟା ପୂର୍ବରୁ, ବୈଦେଶିକ ସଚିବ ବିକ୍ରମ ମିଶ୍ରି ଏକ ପ୍ରେସ୍ ବ୍ରିଫିଂରେ ପାକିସ୍ତାନର ବର୍ତ୍ତମାନର କାର୍ଯ୍ୟକଳାପକୁ 'ଉତ୍ତେଜକ ଏବଂ ବିପଜ୍ଜନକ' ବୋଲି କହିଥିଲେ।

### ୧୪ ଯାଏ କଲବଲ...

ହୋଇଛି। ଭବାନୀପାଟଣାରେ ୩.୫ ଡିଗ୍ରୀ, ଟିଟିଲାଗଡ଼ରେ ୨ ଡିଗ୍ରୀ ଓ ବଲାଙ୍ଗୀରରେ ଦିନ ବେଳାର ତାତି ୨.୫ ଡିଗ୍ରୀ କମ୍ ରେକର୍ଡ ହୋଇଛି। ବଲାଙ୍ଗୀରରେ ରାତି ରାତି ତାପମାତ୍ରା ସ୍ୱାଭାବିକଠାରୁ ୪ ଡିଗ୍ରୀ ଓ ସମ୍ବଲପୁରରେ ୩.୧ ଡିଗ୍ରୀ ଅଧିକ ରହିଥିଲା।

### ୨୭ରେ କେରଳ...

ରହିଛି। ଏଥର ଦେଶକୁ ଶୀଘ୍ର ମୌସୁମୀ ଛୁଇଁବା ସମ୍ଭାବନା ରହିଛି। ରାଜ୍ୟରେ ଠିକ୍ ସମୟରେ ମୌସୁମୀ ବାୟୁ ପହଞ୍ଚିବ। ମୌସୁମୀ ବର୍ଷା ପରିମାଣ ସ୍ୱାଭାବିକ ରହିବ। ଆଗାମୀ ଜୁନ୍ ମାସରେ ବର୍ଷା ସ୍ୱାଭାବିକ ରହିବ। ଜୁଲାଇ ମାସ ଅଧାରୁ ଅଗଷ୍ଟ ମାସ ଅଧା ଯାଏ ବର୍ଷା କମିବ। ଅକ୍ଟୋବର ମାସରେ ବର୍ଷା ପରିମାଣ ଅଧିକ ରହିବ। ଏନେଇ ପୂର୍ବରୁ ଆକଳନ କରାଯାଇଥିଲା।

## ବିଶ୍ୱବିଦ୍ୟାଳୟର ପାଠ୍ୟକେନ୍ଦ୍ରରେ ପ୍ରାରମ୍ଭିକ ଅଧିଷ୍ଠାପନ କାର୍ଯ୍ୟକ୍ରମ



ରାୟଗଡ, (ଡିକେ ନ୍ୟୁଜ୍): ରାୟଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଗ୍ନୋଉ ପାଠ୍ୟକେନ୍ଦ୍ର ତରଫରୁ ଶନିବାର ପ୍ରାରମ୍ଭିକ ଅଧିଷ୍ଠାପନ କାର୍ଯ୍ୟକ୍ରମ ସୁବର୍ଣ୍ଣ ଜୁବୁଲି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କଲେଜ ଅଧକ୍ଷା ଡ.ସରସ୍ୱତୀ ରାୟ ପ୍ରଥମେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ତାପରେ ଇଗ୍ନୋଉ ପାଠ୍ୟକ୍ରମ, ପରୀକ୍ଷା ପଦ୍ଧତି ଓ ଅନ୍ୟାନ୍ୟ ନୀତି ନିୟମ ସମ୍ବନ୍ଧରେ ସେମାନଙ୍କୁ ଅବଗତ କରାଇଥିଲେ। କଲେଜର ପରୀକ୍ଷା ନିୟନ୍ତ୍ରକ ୱାଇଭି ସାଇମାଧବ ଇଗ୍ନୋଉ ପାଠ୍ୟକ୍ରମର ଉପଯୋଗୀତା ସମ୍ପର୍କରେ ବୁଝେଇ ଥିଲେ। ଏଥିରେ ସହଯୋଗୀତା କରିଥିଲେ ପି. ଅରୁଣ କୁମାର, ଭୀମ ପଣ୍ଡା, ଭି. ଶ୍ରୀକାନ୍ତ ଇତ୍ୟାଦି। କାର୍ଯ୍ୟକ୍ରମରେ ଆଠ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## କାଳିମନ୍ଦିରଠାରେ ରବିନ୍ଦ୍ରନାଥ ଠାକୁରଙ୍କର ଜୟନ୍ତୀ ପାଳନ

ଝାରସୁଗୁଡ଼ା, (ଡିକେ ନ୍ୟୁଜ୍): ଝାରସୁଗୁଡା ସହର ମଧ୍ୟରେ ଥିବା କାଳିମନ୍ଦିର ପରିସରରେ ନୋବେଲ ପୁରସ୍କାର ପ୍ରାପ୍ତ ରବିନ୍ଦ୍ରନାଥ ଠାକୁରଙ୍କର ୧୬୪ତମ ଜନ୍ମବାର୍ଷିକୀ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ବେଙ୍ଗଲୀ ସମାଜ ତରଫରୁ ପାଳନ କରା ଯାଇଛି। ଉପସ୍ଥିତ ଥିବା ଅତିଥି ଡଃ.ଆଶିଷ ସିହ୍ନା, ଉତ୍ପଳ ଘୋଷ, ମଧୁସୂଧନ ମିତ୍ର, ସୁନିଲ ଚକ୍ର ବର୍ତ୍ତି, ଅମଲ ବୋଷ, ସପନ ରାକ୍ଷତ୍ରୀ, ଦିପଙ୍କର ଘୋଷ, ତାପସ ରାୟଚୌଧୁରୀ ପ୍ରଭୃତି ରବିନ୍ଦ୍ରନାଥ ଠାକୁରଙ୍କର କବିତା ଓ ଜନ୍ମକାହାଣୀ ବିଷୟରେ ଆଲୋକପାତ କରିଥିଲେ। ବେଙ୍ଗଲୀ ମହିଳା ସମାଜ ତରଫରୁ ଗୋରୀ ଭଟ୍ଟାଚାର୍ଯ୍ୟ, ପମା ମୁର୍ଖାଜୀ, ଚନ୍ଦନା ଦେ, କୋନିକା ମୁର୍ଖାଜୀ, ସୀମାଘୋଷ, ଶୁଶ୍ରୀପ୍ରତୀରାୟ, ପ୍ରବୀର ପାଲ, ଅନିତ ବିଶ୍ୱାସ, ଦେବାଶିଷବାନାର୍ଜୀ, ଅଙ୍କନ ଘୋଷମାନଙ୍କ ସହଯୋଗରେ ବାଳିକାମାନଙ୍କର ନୃତ୍ୟ ନାଟିକା ଓ ମହିଳାମାନଙ୍କ ଦ୍ୱାରା କବିତା, ସଙ୍ଗୀତ ପ୍ରଭୃତି ପରିବେଷଣ କରାଯାଇଥିଲା। ନିକଟରେ ଆତଙ୍କବାଦୀମାନଙ୍କ ଦ୍ୱାରା ପହଲଗାମ୍ ଠାରେ ହତ୍ୟାରେ ମୃତ୍ୟୁ ବରଣ କରିଥିବା ନିରିହ ବ୍ୟକ୍ତିମାନଙ୍କର ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ରାଷ୍ଟ୍ରୀୟ ଲୋକଅଦାଲତରେ ୫୬୫୪ଟି ମାମଲା ଫଇସଲା



ରାୟଗଡା, (ଡିକେ ନ୍ୟୁଜ୍): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ରାୟଗଡା ତତ୍ତ୍ୱାବଧାନରେ ରାୟଗଡା ଜିଲ୍ଲା ସିଭିଲକୋର୍ଟ ପରିସରରେ ଆଜି ଶନିବାର ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ରାୟଗଡା ଜିଲ୍ଲା ଅଦାଲତ ସମେତ ଗୁଣୁପୁର, ବିଷମକଟକ, କାଶିପୁର, ପଦ୍ମପୁର ଓ ମୁନିଗୁଡା ଅଦାଲତରେ ଦୀର୍ଘ ଦିନ ଧରି ପଡିରହିଥିବା ୧୧୯ଟି ମାମଲାର ଫଇସଲା ହୋଇ, ସମୁଦାୟ ୩୯,୫୨,୩୯୬/- ଟଙ୍କାର ସେଟେଲମେଣ୍ଟ କରାଯାଇଛି। ସେହିପରି ରାଜସ୍ୱ ସମ୍ବନ୍ଧିତ ୫୫୨୮ଟି ମାମଲା ଫଇସଲା ହୋଇଛି ଓ ପ୍ରିଲିଟିଗେସନ ସମ୍ବନ୍ଧିତ ୭ଟି ମାମଲାର ଫଇସଲା ହୋଇ ସମୁଦାୟ ୨,୪୬,୧୧୧/- ଟଙ୍କାର ସେଟେଲମେଣ୍ଟ କରାଯାଇଛି। ଏହି ଲୋକ ଅଦାଲତ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲ୍ଲା ଦୌରା ଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ଲୋକ ଅଦାଲତକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ ପରିଚାଳନା କରିଥିଲେ ଓ ଏଥିରେ ପରିବାର ଅଦାଲତର ବିଚାରପତି ସଞ୍ଜିତ କୁମାର ବେହେରା, ମହିଳା କୋର୍ଟର ବିଚାରପତି ସସ୍ମିତା ମିଶ୍ର, ବରିଷ୍ଠ ଦେୱାନି ବିଚାରପତି ଆଶିସ ପଟ୍ଟନାଏକ, ରେଜିଷ୍ଟ୍ରାର ରାଣା ଘୋସ୍, ଗ୍ରାମ ନ୍ୟାୟଧିକାରୀ, କୋଲନରା ଜ୍ୟୋତିରମୟୀ ଷଡଙ୍ଗୀ, ଜେଏମ୍‌ଏଫ୍‌ସି ରିଚିମିଲନ ପାତ୍ର, ଜେଏମ୍‌ଏସସି ଏସ୍‌ଆର ତୋସାଲି, ରାୟଗଡା ବାର ଆସୋସିଏସନର ଆଇନଜୀବି ପ୍ରମୁଖ ଯୋଗଦେଇଥିଲେ। ଏହି ଲୋକ ଅଦାଲତଟିକୁ ସଫଳ କରିଥିବାରୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟ ଜିଲ୍ଲାର ଜନସାଧାରଣ ତଥା ଆଇନଜୀବି ଓ ରାଜସ୍ୱ ବିଭାଗ ଓ ସରକାରୀ ଅଧିକାରୀ, ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।







# ଟେଷ୍ଟ ଦଳରେ ରୋହିତଙ୍କ ସ୍ଥାନ ନେବାକୁ ଦୌଡ଼ରେ ଏକାଧିକ ଖେଳାଳି



ମୁମ୍ବାଇ, ୧୦।୫ (ହି.ସ): ଭାରତକୁ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଓ ଚମ୍ପିଅନ୍ସ ଟ୍ରଫି ଜିତାଇଥିବା ରୋହିତ ଶର୍ମା ସମ୍ପ୍ରତି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ତାଙ୍କ ସ୍ଥାନରେ ବିସିସିଆଇ ସିନିୟର ଚୟନ କମିଟି ଖୁବ୍ ଶୀଘ୍ର ନୂଆ ଅଧିନାୟକ ନିଯୁକ୍ତ କରିବ। କିଛି ସିନିୟର ଖେଳାଳିଙ୍କ ସହ ଯୁବ ଖେଳାଳି ମଧ୍ୟ ଅଧିନାୟକ ଦୌଡ଼ରେ ରହିଛନ୍ତି। ଖାଲି ସେତିକି ନୁହେଁ ଟେଷ୍ଟ ଦଳରେ ରୋହିତ ଖାଲି କରିଥିବା ସ୍ଥାନ ପାଇଁ ମଧ୍ୟ ଅନେକ ଖେଳାଳି ଦାବିଦାର ରୂପେ ଉଭା ହୋଇଛନ୍ତି। ଆସନ୍ତା ମାସରେ ଭାରତୀୟ ଦଳ ୫ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ପାଇଁ ଇଂଲଣ୍ଡ ଯାତ୍ରା କରିବ। ଜୁନ୍ ୨୦ରୁ ଟେଷ୍ଟ ସିରିଜ ଆରମ୍ଭ ହେବ। ଏହି ଦୌଡରେ ଧ୍ରୁବ ଜୁରେଲ ଜଣେ ଦକ୍ଷ ୱିକେଟ୍ କିପର ବ୍ୟାଟର ଭାବେ ଜୁରେଲ ଟେଷ୍ଟ ଦଳର ନିୟମିତ ସଦସ୍ୟ ହେବାର କ୍ଷମତା ରଖିଛନ୍ତି। ସେ ଇତି ମଧ୍ୟରେ ୪ଟି ଟେଷ୍ଟ ଖେଳିସାରିଛନ୍ତି ଓ ୪୦.୪୦ ହାରରେ ୨୦୨ ରନ ସଂଗ୍ରହ କରିଛନ୍ତି। ତଥାପି ସେ ଦଳର ତୃତୀୟ ୱିକେଟ୍ କିପର। କାରଣ ଅନ୍ୟ ୱିକେଟ୍ କିପର ଭାବେ ରିଷଭ ପନ୍ତ ଓ କେଏଲ ରାହୁଲ ଦଳର ସ୍ଥାୟୀ ସଦସ୍ୟ ରହିବେ। ବର୍ଡର-ଗାଭାସ୍କର ଟ୍ରଫିର ପଞ୍ଚମ ଟେଷ୍ଟରେ ରୋହିତ ଏକାଦଶରୁ ବାଦ ପଡ଼ିଥିଲେ ଓ ତାଙ୍କ ସ୍ଥାନରେ ଜୁରେଲଙ୍କୁ ସ୍ଥାନ ମିଳିଥିଲା। ବର୍ତ୍ତମାନ ରୋହିତ ଅବସର ନେଇଛନ୍ତି। ତେଣୁ ଜୁରେଲ ଏହି ସ୍ଥାନ ପାଇଁ ପ୍ରବଳ ଦାବିଦାର ରହିବା ସ୍ୱାଭାବିକ। ତାଙ୍କୁ ଦ୍ୱିତୀୟ ୱିକେଟ୍ କିପର ଭାବେ ସ୍ଥାନ ମିଳିଲେ ରାହୁଲ କେବଳ ବ୍ୟାଟିଂ ଉପରେ ଧ୍ୟାନ ଦେଇପାରିବେ। ସେହିପରି ବର୍ତ୍ତମାନ ଭାରତୀୟ ଘରୋଇ କ୍ରିକେଟରେ ସବୁଠୁ ଚର୍ଚ୍ଚିତ ଖେଳାଳି ହେଉଛନ୍ତି କରୁଣ ନାଏର। ୩୩ ବର୍ଷୀୟ ନାଏରଙ୍କ ନିକଟରେ ଢେର ଅଭିଜ୍ଞତା ରହିଛି। ବୀରେନ୍ଦ୍ର ସେହୱାଗଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ସେ ଟେଷ୍ଟ କ୍ରିକେଟରେ ତ୍ରିଶତକ ଅର୍ଜନ କରିଛନ୍ତି। ୨୦୧୭ରେ ସେ ଇଂଲଣ୍ଡ ବିପକ୍ଷରେ ଏହି ଐତିହାସିକ ଇନିଂସ ଖେଳିଥିଲେ। ଗତ ରଣଜୀ ଟ୍ରଫିରେ ସେ ମୋଟ୍ ୮୬୩ ରନ ସଂଗ୍ରହ କରିବା ସହ ବିଦର୍ଭକୁ ଚମ୍ପିଅନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏଥିରେ ୪ଟି ଶତକ ରହିଥିଲା। ରଣଜୀ ପ୍ରଦର୍ଶନ ଜରିଆରେ ସେ ଟେଷ୍ଟ ଦଳକୁ ଫେରିବା ପାଇଁ ପ୍ରସ୍ତୁତ ଥିବା ପ୍ରମାଣ କରିଛନ୍ତି। ତାଙ୍କ ନିକଟରେ ଉଭୟ ଅଭିଜ୍ଞତା ଓ ଟେକନିକ ରହିଛି। ମଧ୍ୟକ୍ରମରେ ଜଣେ ଦକ୍ଷ ବ୍ୟାଟରଙ୍କ ଆବଶ୍ୟକତା ମଧ୍ୟ ରହିଛି। ତେଣୁ ରୋହିତଙ୍କ ସ୍ଥାନ ନେବା ପାଇଁ ନାଏର ଉପଯୁକ୍ତ ସଦସ୍ୟ। ସେ ଗତ ୨ଟି ସିଜନ ଧରି କାଉଣ୍ଟି କ୍ରିକେଟ୍ ମଧ୍ୟ ଖେଳିଛନ୍ତି ଓ ୫୬.୭୧ ହାରରେ ୭୩୬ ରନ ସଂଗ୍ରହ କରିଛନ୍ତି। ତେଣୁ ଇଂଲଣ୍ଡ ଗସ୍ତରେ ତାଙ୍କୁ ସୁଯୋଗ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ୨୩ବର୍ଷୀୟ ସାଇ ସୁଦର୍ଶନ ରୋହିତଙ୍କ ସ୍ଥାନ ନେବା ପାଇଁ ପ୍ରମୁଖ ଦାବିଦାର। ରୋହିତ ଓପନର ଭାବେ ଖେଳୁଥିଲେ। ସୁଦର୍ଶନ ମଧ୍ୟ ଜଣେ ପ୍ରତିଭାବାନ ଓପନିଂ ବ୍ୟାଟର। ଗତ ଦୁଇ ବର୍ଷ ହେଲା ସୁଦର୍ଶନଙ୍କୁ ଏ' ଦଳରେ ନିୟମିତ ଭାବେ ସୁଯୋଗ ଦିଆଯାଉଛି। ଓପନ କରିବା ସହ ମଧ୍ୟ କ୍ରମରେ ଖେଳିବା ଭଳି ଦକ୍ଷତା ଓ ଟେକନିକ୍ ତାଙ୍କ ନିକଟରେ ରହିଛି। ସେ କାଉଣ୍ଟି କ୍ରିକେଟ୍ରେ ମଧ୍ୟ ଉନ୍ନତ ପ୍ରଦର୍ଶନ କରିଛନ୍ତି। ତେବେ ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦଳର ଅଧିନାୟକ ଥିବା ରଜତ ପାତିଦାର ଟେଷ୍ଟ ଦଳର ଅନ୍ୟତମ ଦାବିଦାର ରହିଛନ୍ତି। ଗତ ଇଂଲଣ୍ଡ ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ପାତିଦାରଙ୍କୁ ୩ଟି ମ୍ୟାଚ୍ ଖେଳିବାକୁ ସୁଯୋଗ ମିଳିଥିଲା। ମାତ୍ର ସେ ନିରାଶ କରିଥିଲେ। ଏଥର ରଣଜୀ ଟ୍ରଫିରେ ତାଙ୍କ ପ୍ରଦର୍ଶନ ବେଶ୍ ଦମ୍‌ଦାର ରହିଥିଲା। ସେ ୩୯୫ରନ ସଂଗ୍ରହ କରିଥିଲେ। ମଧ୍ୟ କ୍ରମରେ ବ୍ୟାଟିଂ କରିବାର କ୍ଷମତା ପାତିଦାରଙ୍କ ନିକଟରେ ରହିଛି। ରୋହିତଙ୍କ ଅନୁପସ୍ଥିତିରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଅଭିଜ୍ଞ ରାହୁଲଙ୍କୁ ଓପନର ଭାବେ ଖେଳାଇବା ଏକ ପ୍ରକାର ନିଶ୍ଚିତ। ତେଣୁ ବ୍ୟାଟିଂ କ୍ରମର ୫ କିମ୍ବା ୬ନଂ ସ୍ଥାନରେ ଜଣେ ଦକ୍ଷ ବ୍ୟାଟରଙ୍କୁ ଖେଳାଇବାକୁ ଯୋଜନା କରାଯାଉଛି। ପାତିଦାର ଏହି ସ୍ଥାନ ପାଇଁ ଉପଯୁକ୍ତ।

## ମହିଳା ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜ

# ଭାରତ-ଶ୍ରୀଲଙ୍କା ଫାଇନାଲ୍, ଦକ୍ଷିଣ ଆଫ୍ରିକା ବିଦା



କଲମ୍ବୋ, ୧୦।୫ (ହି.ସ): ଶ୍ରୀଲଙ୍କାରେ ଚାଲିଥିବା ମହିଳା ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜରେ ଫାଇନାଲ୍ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ଆସନ୍ତା ୧୧ ତାରିଖରେ ଆୟୋଜକ ଶ୍ରୀଲଙ୍କା ଓ ଭାରତ ମଧ୍ୟରେ ଫାଇନାଲ୍ ମୁକାବିଲା ଖେଳାଯିବ। ଶୁକ୍ରବାର ଅନୁଷ୍ଠିତ ଅନ୍ତିମ ଲିଗ୍ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୭୬ ରନରେ ଶ୍ରୀଲଙ୍କାକୁ ହରାଇଥିଲେ ହେଁ ପଏଣ୍ଟ ତାଲିକାରେ ତୃତୀୟ ସ୍ଥାନରେ ରହି ବିଦାୟ ନେଇଥିଲା। ଭାରତ ମୋଟ ୬ ପଏଣ୍ଟ ସହ ପ୍ରଥମ, ଶ୍ରୀଲଙ୍କା ୪ ପଏଣ୍ଟ ସହ ଦ୍ୱିତୀୟ ଏବଂ ଦକ୍ଷିଣ ଆଫ୍ରିକା ୨ ପଏଣ୍ଟ ସହ ତୃତୀୟରେ ରହିଥିଲା। ଅନ୍ତିମ ଲିଗ୍ ମ୍ୟାଚରେ ଶ୍ରୀଲଙ୍କାଠୁ ବ୍ୟାଟିଂ ଆମନ୍ତ୍ରଣ ପାଇ ଦକ୍ଷିଣ ଆଫ୍ରିକା ୯/୩୧୫ରନ୍ ସଂଗ୍ରହ କରିଥିଲା। ଆନେରି ଡେରେକସେନ ୧୦୪ (୯ଚୌକା, ୫ଛକା), କ୍ଲୋଏ ଟ୍ରାୟନ ୭୪ (୪ଚୌକା, ୫ଛକା), ତଜମିନ ବ୍ରିଟ୍ସ ୩୮, ଲାଉରା ଉଲଭାର୍ଟ ୩୩ ଏବଂ ନାଦିନ ଡି କ୍ଲାର୍କ ଅପରାଜିତ ୩୨ରନ୍ କରିଥିଲେ। ଶ୍ରୀଲଙ୍କାର ଡ୍ୱିମି ବିହାଙ୍ଗା ୫ଟି ୱିକେଟ୍ ଅକ୍ତିଆର କରିଥିଲେ। ଏହାର ଜବାବରେ ଶ୍ରୀଲଙ୍କା ୪୨.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୨୩୯ରନ୍ କରିବାକୁ ସକ୍ଷମ ହୋଇଥିଲା। ଚମରି ଆଟାପଟୁ ୫୨, ହାସିନି ପେରେରା ୩୦, ଭିସ୍ମି ଗୁଣରତ୍ନେ ୨୪, ହର୍ଷିତା ସମରବିକ୍ରମା ୩୩, ଅନୁଷ୍କା ସଞ୍ଜିବନୀ ଅପରାଜିତ ୪୩ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଟ୍ରାୟନ ହ୍ୟାଟ୍ରିକ୍ ସହ ୫ଟି ୱିକେଟ୍ ନେଇଥିଲେ। ଅଲରାଉଣ୍ଡର ପ୍ରଦର୍ଶନ ପାଇଁ ସେ ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ।

# ଟେଷ୍ଟ କ୍ରିକେଟକୁ ଅଲବିଦା କହିବେ କୋହଲି !



ନୂଆଦିଲ୍ଲୀ, ୧୦।୫ (ହି.ସ): ମୁଣ୍ଡ ଉପରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ। ଏହା ପୂର୍ବରୁ ଭାରତକୁ ଲାଗିପାରେ ଝଟକା। ରୋହିତଙ୍କ ପରେ ଅବସର ନେବେ କି କିଙ୍ଗ କୋହଲି ? ଆସନ୍ତା ମାସରେ ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ ଭାରତ। ଏହାପୂର୍ବରୁ ଅଚାନକ ରୋହିତ ଅବସର ନେଇଛନ୍ତି। ଏବେ ବିରାଟ କୋହଲି ସନ୍ନ୍ୟାସ ନେଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଜାତୀୟ ଗଣମାଧ୍ୟମ ସୂଚନା ଅନୁଯାୟୀ, ବିରାଟ କୋହଲି ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ଅବସର ନେଇପାରନ୍ତି। ଇଂଲଣ୍ଡ ଗସ୍ତ ପୂର୍ବରୁ ହିଁ ସେ ସନ୍ନ୍ୟାସ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି। ଏ ନେଇ ସେ ବିସିସିଆଇକୁ ଜଣାଇ ଦେଇଥିବା କୁହାଯାଉଛି। ବିସିସିଆଇ ଏହାକୁ ନେଇ ପୁନର୍ବିଚାର କରିବାକୁ ଆଗ୍ରାହ୍ୟ କରିଛି। ବର୍ତ୍ତମାନ ବିସିସିଆଇର ଟପ୍ ଅଧିକାରୀ ତାଙ୍କ ନିଷ୍ପତ୍ତି ଉପରେ ବିଚାର ବିମର୍ଶ କରୁଛନ୍ତି। ଆସନ୍ତା କିଛି ଦିନ ଭିତରେ ଫାଇନାଲ ନିଷ୍ପତ୍ତି ଆସିପାରେ। ତେବେ ରନ୍ ମେସିନ୍ ବିରାଟ କୋହଲି ୨୦୧୧ରେ ଟେଷ୍ଟ କ୍ୟାରିଆର ଆରମ୍ଭ କରିଥିଲେ। ଏବେ ସୁଦ୍ଧା ସେ ଭାରତ ପାଇଁ ୧୨୩ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି। ୪୬.୮୫ ଆଭରେଜରେ ୯୨୩୦ ରନ କରିଛନ୍ତି। ଟେଷ୍ଟରେ ତାଙ୍କ ନାମରେ ୩୧ ଅର୍ଦ୍ଧଶତକ ଓ ୩୦ ଶତକ ରହିଛି। ୨୦୧୪ରେ ବିରାଟ କୋହଲି ଟେଷ୍ଟ ଫର୍ମାଟରେ ଅଧିନାୟକତ୍ୱ କରିଥିଲେ। ଟେଷ୍ଟରେ ଅଧିନାୟକତ୍ୱରେ ତାଙ୍କର ଭଲ ରେକର୍ଡ ରହିଛି। ୨୦୧୪-୨୦୨୨ରେ ୬୮ ମ୍ୟାଚରେ ସେ କ୍ୟାପଟେନ୍ସି କରିଛନ୍ତି। ତାଙ୍କ ନେତୃତ୍ୱରେ ଭାରତ ୪୦ଟି ମ୍ୟାଚ ଜିତିଛି। ସେହିପରି କିଛି ଦିନ ତଳେ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ବର୍ତ୍ତମାନ ସେ କେବଳ ଦିନିକିଆ ଖେଳିବେ। ପୂର୍ବରୁ ଟି-୨୦ରୁ ଅବସର ନେଇ ସାରିଛନ୍ତି। ତେବେ ତାଙ୍କ ସ୍ଥାନରେ ଟେଷ୍ଟ କ୍ରିକେଟରେ କାହାକୁ ଅଧିନାୟକତ୍ୱ ଦିଆଯିବ ତାହା ଜଣାପଡିନାହିଁ। ଏହା ସହିତ ତାଙ୍କ ସ୍ଥାନରେ କାହାକୁ ଦଳରେ ସୁଯୋଗ ମିଳିବ ତାହା ମଧ୍ୟ ଅସ୍ପଷ୍ଟ। ଯଦି କୋହଲି ଅବସର ନିଅନ୍ତି ତେବେ ଦୁଇ ଅଭିଜ୍ଞ ପ୍ଲେୟାରଙ୍କୁ ହରାଇବା ଦଳ ପାଇଁ ଚିନ୍ତାର କାରଣ ହୋଇପାରେ।

# ଆଇପିଏଲ ୨୦୨୫ ସ୍ଥଗିତ ହେବା ପରେ ବିସିସିଆଇକୁ ଜୋରଦାର ଝଟକା

ନୂଆଦିଲ୍ଲୀ, ୧୦।୫ (ହି.ସ): ଭାରତ ଓ ପାକିସ୍ତାନ ବିବାଦ ଭିତରେ ଆଇପିଏଲ୍ ଏକ ସପ୍ତାହ ପାଇଁ ସ୍ଥଗିତ ହୋଇଛି। ବିସିସିଆଇ ସ୍ପଷ୍ଟ ଭାବରେ କହିଛି ଯେତେବେଳେ ଦେଶରେ ଯୁଦ୍ଧ ସ୍ଥିତି ରହିଥାଏ କ୍ରିକେଟ ଭଲ ଲାଗେନି। ତେବେ ଏହା ସତ ଯେ, ଆଇପିଏଲ୍ ସ୍ଥଗିତ ହେବା ଫଳରେ ବଡ଼ ଧରଣର କ୍ଷତି ସହିବାକୁ ପଡିଛି। ଏହି ଝଟକା କେବଳ ବିସିସିଆଇ କିମ୍ବା ଆଇପିଏଲ ନୁହେଁ, ବଂର ଏହା ସହ ଜଡିତ ସବୁ ଲୋକଙ୍କର କ୍ଷତି ହୋଇଛି। ଏଥିରେ ଭେଣ୍ଡର୍ସ, ଆଇପିଏଲ ମ୍ୟାଚ୍ ଥିବା ସହର, ବହୁ ଛୋଟ ବଡ଼ ବେପାରୀ ମଧ୍ୟ ସାମିଲ ଅଛନ୍ତି। ଉଲ୍ଲେଖନୀୟ ଯେ, ଏବେ ଆଇପିଏଲର ୧୬ ମ୍ୟାଚ୍ ବାକି ଅଛି, ଯେଉଁଥିରେ ୪ଟି ପ୍ଲେ ଅଫ୍ ମ୍ୟାଚ୍ ରହିଛି। ତେବେ ଦେଶ ଯେଉଁ ସ୍ଥିତି ଦେଇ ଗତି କରୁଛି, ତ ଆଗରେ କୌଣସି କ୍ଷତିର କିଛି ମୂଲ୍ୟ ନାହିଁ। ଏହାପରେ ବି ଅନୁମାନ କରାଯାଉଛି ଯେ, ଆଇପିଏଲ ଏଭଳି ସ୍ଥଗିତ ହେବାପରେ ବିସିସିଆଇକୁ ପ୍ରତି ମ୍ୟାଚ୍ ପ୍ରତି ପ୍ରାୟ ୧୦୦ରୁ ୧୨୫ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷତି ହୋଇପାରେ। ଏମିତିବି ଆଇପିଏଲ ଗଭର୍ଣ୍ଣିଂ କାଉନସିଲ୍ ପୁରା ଚେଷ୍ଟା କରୁଛି ଯେ, ଆଇପିଏଲ ଖୁବ୍ ଶୀଘ୍ର ଆରମ୍ଭ ହେବ। ତେବେ ପୁଣିଥରେ ଆରମ୍ଭ ହେବାପରେ ଆଇପିଏଲ କିଭଳି ଭାବରେ ଆଗକୁ ବଢିବ ଏହା ଦେଖିବା ବାକି ରହିଲା। ଏହି କାରଣରୁ ସବୁ ଫ୍ରାଞ୍ଚାଇଜମାନେ ବିଦେଶୀ ଖେଳାଳି, କୋଚ୍ ଓ ସପୋର୍ଟ ଷ୍ଟାଫଙ୍କ ସଂଖ୍ୟା ଖୁବ୍ ଅଧିକ। ଭାରତ-ପାକିସ୍ତାନ ଭିତରେ ବିବାଦ ବଢିବା ପରେ ସବୁ ବିଦେଶୀ ଖେଳାଳି ଓ ଷ୍ଟାଫ୍ ନିଜ ଦେଶକୁ ଫେରିବା ଆରମ୍ଭ କରିଛନ୍ତି। ତେବେ ତାଙ୍କ ଭିତରୁ ସବୁ ଖେଳାଳି ଓ ଅନ୍ୟ ସପୋର୍ଟ ଷ୍ଟାଫ୍‌ଙ୍କୁ ଭାରତୀୟ କ୍ରିକେଟ ବୋର୍ଡ ଉପରେ ଖୁବ୍ ଅଧିକ ଭରସା ରହିଛି। ଏଭଳି ସ୍ଥିତିରେ ଯଦି ନ୍ୟାସନାଲ ଡ୍ୟୁଟି ନଆସେ ତେବେ ସେମାନେ ଆଇପିଏଲର ବାକି ମ୍ୟାଚ୍ ପାଇଁ ଭାରତ ଫେରିବାକୁ ଚାହିଁବେ। ତା ଛଡା ଆହୁରି ଆଶଙ୍କା ରହିଛି ଯଦି ସ୍ଥିତି ନିୟନ୍ତ୍ରଣରେ ନରହେ, ଆଇପିଏଲ ୨୦୨୫ ସମ୍ପୂର୍ଣ୍ଣ ଭାବରେ ରଦ୍ଦ ହୋଇଯାଏ ତେବେ କ'ଣ ହେବ ? ଏଭଳି ସ୍ଥିତି ଅନୁମାନ କରାଯାଉଛି ଯେ, ଆୟୋଜକ ପ୍ରସାରକଙ୍କୁ ଅନୁମାନିତ ୫,୫୦୦ କୋଟି ଟଙ୍କାର ବିଜ୍ଞାପନ ରାଜସ୍ୱର ଏକ ତୃତୀୟାଶଂ ଅଧିକ ଛାଡିବାକୁ ହେବ। ସମସ୍ତ ୧୦ ଫ୍ରାଞ୍ଚାଇଜ ଉପରେ ଏହାର ପ୍ରଭାବ ପଡିବ।




# 'ଅପରେଶନ ସିନ୍ଦୂର' ପୋଷ୍ଟରକୁ ନେଇ ରାଗିଲେ ୟୁଜର୍ସ: କ୍ଷମା ମାଗିଲେ ପ୍ରଯୋଜକ




ମୁମ୍ବାଇ, ୧୦।୫ (ହି.ସ): 'ବର୍ଡର' ଠାରୁ 'ଉରି - ଦି ସର୍ଜିକାଲ ଷ୍ଟ୍ରାଇକ' ପର୍ଯ୍ୟନ୍ତ, ବଲିଉଡ ଦେଶପ୍ରେମ ଉପରେ ଆଧାରିତ ଅନେକ ଫିଲ୍ମ ନିର୍ମାଣ କରିଛି, ଯାହା ସୁପରହିଟ୍ ହୋଇଛି। ଏହି ଚଳଚ୍ଚିତ୍ରଗୁଡ଼ିକର ସଫଳତା ସେମାନଙ୍କ ସହିତ ଜଡିତ କଳାକାରଙ୍କ ଭାଗ୍ୟ ବଦଳାଇ ଦେଇଛି। ସମ୍ପ୍ରତି ଭାରତୀୟ ସେନା 'ଅପରେଶନ ସିନ୍ଦୂର' ମାଧ୍ୟମରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଜବାବ ଦେଇଥିଲା। ଏଥିରେ ଭାରତୀୟ ସେନା ପାକିସ୍ତାନ ଏବଂ ପିଓକେରେ ଥିବା ୯ଟି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିଥିଲା। ଅପରେଶନ ସିନ୍ଦୂର ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି ଏବଂ ଅନ୍ୟପଟେ ବଲିଉଡରେ ଏହି ଅପରେଶନ ଉପରେ ଏକ ଫିଲ୍ମ ପ୍ରସ୍ତୁତ ହେବାକୁ ଯାଉଛି। ନିକି ଭିକି ଭଗନାନୀ ଫିଲ୍ମସ ଏବଂ ଦି କଣ୍ଟେଣ୍ଟ ଇଞ୍ଜିନିୟର ଆନୁଷ୍ଠାନିକ ଭାବରେ ଫିଲ୍ମ 'ଅପରେଶନ ସିନ୍ଦୂର' ଘୋଷଣା କରିଛନ୍ତି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ, ନିର୍ମାତାମାନେ ଏକ ଏଆଇ ଜେନେରେଟେଡ ପୋଷ୍ଟର ରିଲିଜ କରିଛନ୍ତି। ଏହାକୁ ନେଇ ୟୁଜର୍ସ ଟ୍ରୋଲ କରିବା ଆରମ୍ଭ କରିଛନ୍ତି। 'ଅପରେଶନ ସିନ୍ଦୂର'ର ପୋଷ୍ଟରରେ ୟୁନିଫର୍ମ ପିନ୍ଧିଥିବା ଜଣେ ମହିଳା ସୈନିକଙ୍କ ଏକ ଶକ୍ତିଶାଳୀ ପ୍ରତିଛବି ରହିଛି, ଯିଏ ତାଙ୍କ ମୁଣ୍ଡରେ ସିନ୍ଦୂର ଲଗାଉଛନ୍ତି। ପୋଷ୍ଟରରେ ଏକ ଯୁଦ୍ଧ-ବିଧ୍ୱସ୍ତ ବ୍ୟାକଗ୍ରାଉଣ୍ଡ ମଧ୍ୟ ରହିଛି। ଏଥିରେ ଟ୍ୟାଙ୍କ, କଣ୍ଟା ତାର ଏବଂ ଯୁଦ୍ଧ ବିମାନ ଉପରେ ଉଡୁଥିବାର ଦେଖାଯାଉଛି। ସୋସିଆଲ ମିଡିଆରେ ଟ୍ରୋଲ ହେବା ପରେ, ଫିଲ୍ମର ପ୍ରଯୋଜକ ନିକି ଭଗନାନୀ ସ୍ପଷ୍ଟୀକରଣ ଦେଇଛନ୍ତି। ସେ ତାଙ୍କ ଇନଷ୍ଟା ଷ୍ଟୋରିରେ ଏକ ଲମ୍ବା ପୋଷ୍ଟ ଶେୟାର କରି କ୍ଷମା ମାଗିଛନ୍ତି। ସେ ଲେଖିଛନ୍ତି- ଭାରତୀୟ ସେନା ଦ୍ୱାରା ନିଆଯାଇଥିବା ସାହସିକ ପଦକ୍ଷେପ ପାଇଁ 'ଅପରେଶନ ସିନ୍ଦୂର' ଉପରେ ଆଧାରିତ ଏକ ଫିଲ୍ମ ଘୋଷଣା କରିବା ପାଇଁ ଆମେ କ୍ଷମା ପ୍ରାର୍ଥନା କରୁଛୁ।' ଆମର ଉଦ୍ଦେଶ୍ୟ କାହାର ଭାବନାକୁ ଆଘାତ ଦେବା ଆଦୌ ନ ଥିଲା। ଜଣେ ଚଳଚ୍ଚିତ୍ର ନିର୍ମାତା ଭାବରେ, ମୁଁ ଆମର ସୈନିକ ଏବଂ ନେତାମାନଙ୍କ ସାହସ, ତ୍ୟାଗ ଏବଂ ଶକ୍ତି ଦ୍ୱାରା ଅନୁପ୍ରାଣିତ ହୋଇଥିଲି ଏବଂ ତେଣୁ ଏହି ଶକ୍ତିଶାଳୀ କାହାଣୀକୁ ପରଦାରେ ଆଣିବାକୁ ନିଷ୍ପତ୍ତି ନେଇଥିଲି। ସେ ଆହୁରି ଲେଖିଛନ୍ତି, ଏହି ପ୍ରୋଜେକ୍ଟ ପ୍ରସିଦ୍ଧ ହେବା କିମ୍ବା ଟଙ୍କା ରୋଜଗାର କରିବା ଉଦ୍ଦେଶ୍ୟରେ ନୁହେଁ ବରଂ ସମ୍ମାନ ଏବଂ ପ୍ରେମ ପାଇଁ ତିଆରି କରାଯାଇଛି। ମୁଁ ବୁଝିପାରୁଛି ଯେ, ସମୟ ଏବଂ ସମ୍ବେଦନଶୀଳତା ଯୋଗୁ, କିଛି ଲୋକ ଅସୁବିଧା କିମ୍ବା ଖରାପ ଅନୁଭବ କରିପାରନ୍ତି। ଏଥିପାଇଁ ମୁଁ ଦୁଃଖିତ। ଏହା ଏକ ଚଳଚ୍ଚିତ୍ର ନୁହେଁ। ଏହା ହେଉଛି ରାଷ୍ଟ୍ରର ଭାବନା ଏବଂ ବିଶ୍ୱ ସ୍ତରରେ ଦେଶର ସାମାଜିକ ପ୍ରତିଛବି।

# ଅପରେସନ ସିନ୍ଦୁରକୁ ସମର୍ଥନ କଲେ ହିନା ଖାନ



ନୂଆଦିଲ୍ଲୀ, ୧୦।୫ (ହି.ସ): ଭାରତ ଏବଂ ପାକିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନାର ପ୍ରଭାବ ଟିଭି ଏବଂ ବଲିଉଡ ସେଲିବ୍ରିଟିଙ୍କ ଉପରେ ଦେଖିବାକୁ ମିଳୁଛି। ସୋସିଆଲ ମିଡିଆରେ, ତାରକାମାନେ ସୈନିକଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା କରୁଥିବାର ଦେଖାଯାଉଛି। ଏହି ସମୟରେ, ଅଭିନେତ୍ରୀ ହିନା ଖାନ ଏକ ପୋଷ୍ଟ ସେୟାର କରି କହିଛନ୍ତି ଯେ, ତାଙ୍କୁ ପାକ୍ ପ୍ରଶଂସକମାନଙ୍କଠାରୁ ଗାଳି ଏବଂ ଧମକ ମିଳୁଛି। ପୋଷ୍ଟରେ ଅଭିନେତ୍ରୀ ତାଙ୍କୁ ଏକ ଉପଯୁକ୍ତ ଉତ୍ତର ମଧ୍ୟ ଦେଇଛନ୍ତି। ହିନା ଖାନ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି ଯେ, ମୁଁ ଜଣେ କଳାକାର, ତେଣୁ ମୁଁ ସର୍ବଦା ସୀମାପାର ଲୋକଙ୍କୁ ଭଲ ପାଇଛି। ଅପରେସନ ସିନ୍ଦୁର ପୂର୍ବରୁ ଏବଂ ପରେ ମୋ ଦେଶକୁ ସମର୍ଥନ କରିବା ପାଇଁ ଆପଣମାନଙ୍କ ମଧ୍ୟରୁ ଅନେକ ମୋତେ ଗାଳି ଦେଇଛନ୍ତି ଏବଂ ଅନଫଲୋ କରିଛନ୍ତି। ଅନେକ ମୋତେ ଅନଫଲୋ କରିବାକୁ ଧମକ ମଧ୍ୟ ଦେଉଛନ୍ତି। ତେବେ ହିନା ଲେଖିଛନ୍ତି ଯେ, ଧମକ ସହିତ କିଛି ଲୋକ ଅପମାନଜନକ, ଅସଭ୍ୟ ଏବଂ ଆପତ୍ତିଜନକ ଶବ୍ଦ ମଧ୍ୟ ବ୍ୟବହାର କରୁଛନ୍ତି। ତାଙ୍କର ଏହି ଶବ୍ଦଗୁଡ଼ିକ ମୋ ରୋଗ, ପରିବାର ଏବଂ ମୋ ଧର୍ମ ପାଇଁ ମଧ୍ୟ। ମୁଁ ଆଶା କରୁନାହିଁ ଯେ, ଆପଣମାନେ ମୋ ଦେଶକୁ ସମର୍ଥନ କରିବ। ଆପଣମାନେ ଆପଣମାନଙ୍କର ଦେଶକୁ ସମର୍ଥନ କରନ୍ତୁ। ଏହା ଠିକ୍ ଅଛି। କିନ୍ତୁ ଅତି କମରେ ଆପଣମାନେ ଏହି ସମୟ ମଧ୍ୟରେ କିଛି ମାନବିକତା ଦେଖାଇବା ଉଚିତ, ମୁଁ ଆପଣମାନଙ୍କ ପ୍ରତି ଯେପରି ବ୍ୟବହାର କରୁଛି ସେହିପରି ବ୍ୟବହାର କରନ୍ତୁ। କିନ୍ତୁ ମୁଁ ଭାବୁଛି ଏହା ଆମ ମଧ୍ୟରେ ପାର୍ଥକ୍ୟ। ସେହିପରି ହିନା ଶେଷରେ ଏହା ମଧ୍ୟ ଲେଖିଛନ୍ତି ଯେ, ଯଦି ମୁଁ ଭାରତୀୟ ନୁହେଁ, ତେବେ ମୁଁ କିଛି ନୁହେଁ। ମୁଁ ସବୁବେଳେ ପ୍ରଥମେ ଭାରତୀୟ ରହିବି। ତେଣୁ ଆପଣମାନେ ମୋତେ ଅନଫଲୋ କରିପାରନ୍ତି, ଏହା ମୋ ପାଇଁ କୌଣସି ଫରକ ପଡ଼େ ନାହିଁ। ମୁଁ କେବେ କାହାକୁ ଖରାପ କହିନାହିଁ, ମୁଁ କେବଳ ମୋ ଦେଶକୁ ସମର୍ଥନ କରିଛି। ପ୍ରକାଶ ଯେ, ପୂର୍ବରୁ ହିନା ଖାନ କହିଥିଲେ ଯେ ଯୁଦ୍ଧରେ କେହି ଜିତିପାରନ୍ତି ନାହିଁ, କେବଳ ନିର୍ଦ୍ଦୋଷ ଲୋକ ମରନ୍ତି।

# ଦେବୋଲିନାଙ୍କ ଉପରେ ବର୍ଷିଲେ ପାକିସ୍ତାନୀ ୟୁଜର୍ସ



ମୁମ୍ବାଇ, ୧୦।୫ (ହି.ସ): ୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ପାଇଁ, ଭାରତୀୟ ସଶସ୍ତ୍ର ବାହିନୀ ମେ' ୭ରେ ଅପରେଶନ ସିନ୍ଦୂର ଅଧୀନରେ ପାକିସ୍ତାନ ଏବଂ ପାକ ଅଧିକୃତ କଶ୍ମୀରରେ ନଅଟି ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିଥିଲେ। ଏହି ଆକ୍ରମଣରେ ଅତି କମରେ ୧୭ଜଣ ଆତଙ୍କବାଦୀ ନିହତ ହୋଇଥିଲେ ଏବଂ ପ୍ରାୟ ୬୦ ଜଣ ଆହତ ହୋଇଥିଲେ। ଭାରତୀୟ ସେନାର ଏହି କାର୍ଯ୍ୟାନୁଷ୍ଠାନରେ ସାରା ଦେଶ ଖୁସି ପ୍ରକାଶ କରୁଛି। ଅନେକ ସେଲିବ୍ରିଟି ଭାରତୀୟ ସଶସ୍ତ୍ର ବାହିନୀର ପ୍ରଶଂସା ମଧ୍ୟ କରିଛନ୍ତି। ଟେଲିଭିଜନ ଅଭିନେତ୍ରୀ ଦେବୋଲିନା ଭଟ୍ଟାଚାର୍ଯ୍ୟ ଏକ୍ସ (ପୂର୍ବରୁ ଟ୍ୱିଟ୍)ରେ ଟ୍ୱିଟ୍ କରି ଭାରତୀୟ ସେନାକୁ ପୂର୍ଣ୍ଣ ସମର୍ଥନ କରୁଛନ୍ତି। ଏସବୁ ପରେ, ପାକିସ୍ତାନର ଜଣେ ସୋସିଆଲ ମିଡିଆ ୟୁଜର ମଧ୍ୟ ଅଭିନେତ୍ରୀଙ୍କ ଉପରେ ନିଜର କ୍ରୋଧ ପ୍ରକାଶ କରିଥିଲେ ଏବଂ ତାଙ୍କୁ ତାଙ୍କ ମୁସଲିମ ସ୍ୱାମୀଙ୍କୁ ଛାଡିବାକୁ ମଧ୍ୟ କହିଥିଲେ। ଏହା ଉପରେ ଟିଭିର ଗୋପୀ ବୋହୂ ମଧ୍ୟ ଏହି ପାକିସ୍ତାନୀ ୟୁଜରଙ୍କୁ ଉଚିତ ଜବାବ ଦେଇଛନ୍ତି। ପାକିସ୍ତାନର ଏହି ୟୁଜର ଦେବୋଲିନାଙ୍କ ଉପରେ ନିଜର କ୍ରୋଧ ପ୍ରକାଶ କରି ଲେଖିଛନ୍ତି, 'ମୁଁ ସମସ୍ତ ଭାରତୀୟ ପ୍ରଯୋଜକଙ୍କୁ ଅନୁରୋଧ କରୁଛି ଯେ ଦୟାକରି ଦେବୋଲିନା ଭଟ୍ଟାଚାର୍ଯ୍ୟଙ୍କୁ କିଛି କାମ ଦିଅନ୍ତୁ। ସେ ଘରେ ବସି ପାଗଳ ହୋଇଯାଇଛନ୍ତି। ସେ ସବୁବେଳେ ଘୃଣା ପ୍ରସାର କରୁଛନ୍ତି। ମୁଁ ତାଙ୍କ ପ୍ରଶଂସକ ହୋଇଥିବାରୁ ଅନୁତାପ କରୁଛି। ସେ ମଇଳା, ଖରାପ କଥା କହୁଥିବା ଏବଂ ମୂର୍ଖ। ଯଦି ତୁମେ ଇସଲାମକୁ ଏତେ ଘୃଣା କରୁଛ ତେବେ ତୁମର ସ୍ୱାମୀଙ୍କୁ ଛାଡିଦିଅ।' ଜଣେ ପାକିସ୍ତାନୀ ୟୁଜରଙ୍କ ମୁସଲିମ ସ୍ୱାମୀଙ୍କୁ ଛାଡିବା ନେଇ ମନ୍ତବ୍ୟର ଜବାବରେ ଦେବୋଲିନା ଭଟ୍ଟାଚାର୍ଯ୍ୟ ଲେଖିଛନ୍ତି, 'ହାହାହାଏବେ ସେମାନେ ମୋ କାମ ବିଷୟରେ ଚିନ୍ତିତ। ଯେଉଁମାନେ ନିଜ ଉପରେ ଭରସା କରନ୍ତି ନାହିଁ। ଯାଅ ଏବଂ ତୁମର ଦେଶ ଏବଂ ଆତଙ୍କୀ ଶିବିରଗୁଡ଼ିକର ଯତ୍ନ ନିଅ। ୨ ଦିନ ମଧ୍ୟରେ ତୁମର ସେନା ଆନ୍ତର୍ଜାତୀୟ ପାଣ୍ଠିରୁ ଭିକ୍ଷା ମାଗୁଛି। ମୋ ସ୍ୱାମୀଙ୍କ ବିଷୟରେ ଚିନ୍ତା କରି ତୁମର ରକ୍ତ ନଷ୍ଟ କର ନାହିଁ। ତୁମେ ତୁମ ଦେଶରେ ଯେଉଁ ଆତଙ୍କବାଦୀମାନଙ୍କୁ ପୋଷଣ କରିଛ ସେମାନଙ୍କୁ ଭାରତ ସରକାରଙ୍କୁ ହସ୍ତାନ୍ତର କର ବିଚରା ମୋ ଉପରେ ବିରକ୍ତ ହୋଇଗଲେଣି।'

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik